


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-95 ◆SUNDAY ◆28 SEPTEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୯୫ ◆ରବିବାର ◆୨୮ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# APTI PLUS
## Academy for Civil Services Pvt. Ltd.

**Legacy Unstoppable.**
**Congratulations to our toppers of**

# OAS 2023

**280+ Selections**
- 4 selections in Top 10
- 12 selections in Top 20
- 76 selections in Top 100

| Name | Rank | Program |
|---|---|---|
| Mirza Faiz Ahmed | Rank 4 | IGP |
| Antim Swain | Rank 6 | Mains Guidance Program |
| Shailesh Kumar Bhoi | Rank 7 | Classroom Program |
| Md. Nazif Hatif | Rank 8 | IGP |
| Swarupini Patnaik | Rank 12 | IGP |
| Krishna Gopal Swain | Rank 13 | IGP |
| Sneha Das Mohapatra | Rank 14 | Mains Mentorship Program |
| Asutosh Satpathy | Rank 15 | IGP |
| Deepsita Behera | Rank 16 | Mains Guidance Program |
| Supriya Mishra | Rank 17 | IGP |
| Aseema Anwesha | Rank 18 | Mains Guidance Program |
| Mg Subarna Mohanty | Rank 19 | IGP |



CELEBRATION OF OAS 2023

**BEHIND EVERY RANK, THERE'S A TEAM.**
**To our Faculty, Content Team & Support Staff-**
Your hard work, passion, and commitment made this historic success possible.
This victory belongs as much to you as to our students!

| Name | Rank | Program |
|---|---|---|
| Akash K. Pradhan | Rank 21 | IGP |
| Soumya R. Panda | Rank 22 | IGP |
| Barnali Acharya | Rank 23 | Prelims Guidance Program |
| Ashutosh Swain | Rank 24 | IGP |
| Tanisha Behera | Rank 26 | IGP |
| Prasannajit Panda | Rank 27 | IGP |
| Kalyani Sahoo | Rank 29 | IGP |
| Mrutyunjaya Rout | Rank 31 | IGP |
| Manisha Nayak | Rank 33 | IGP |
| Shaswatee Pattanaik | Rank 34 | IGP |
| Sourav Mittal | Rank 35 | IGP |
| Swetapadma Mohanty | Rank 36 | IGP |
| Sai Raman Patra | Rank 37 | IGP |
| Sonali Tripathy | Rank 39 | IGP |
| Jyotiprakash Samal | Rank 41 | IGP |
| Puspita Tripathy | Rank 42 | IGP |
| Srikumar Pradhan | Rank 44 | IGP |
| Swatideepa Rout | Rank 46 | IGP |
| Jyotirmayee Swain | Rank 49 | Classroom Program |
| Mihika Das | Rank 51 | IGP |
| Sidhant Mishra | Rank 53 | CLASSROOM |
| Ahalya Rautaray | Rank 54 | IGP |
| Sandeep K. Subhadarshi | Rank 55 | IGP |
| Biswajit Mohanty | Rank 57 | CLASSROOM |
| Bibhubrata Dash | Rank 58 | IGP |
| Saktisudha Dash | Rank 59 | IGP |
| Subhashree Jena | Rank 61 | IGP |
| Pratikshya Mahapatra | Rank 62 | MGP |
| Pratyush Satapathy | Rank 63 | IGP |
| Lopamudra Pradhan | Rank 64 | IGP |
| Lopamudra Pradhan | Rank 66 | IGP |
| Tarini Prasad Dash | Rank 66 | IGP |
| Deviprasanna Das | Rank 68 | IGP |
| Mohit Biswal | Rank 69 | IGP |
| Monalisha Rout | Rank 71 | IGP |
| Srinibas Sarangi | Rank 72 | MGP |
| Madhusmita Dash | Rank 73 | IGP |
| Saikrushna Samal | Rank 75 | IGP |
| Roshan Patel | Rank 77 | IGP |
| Subhashree Subhasmita | Rank 79 | CLASSROOM |
| Priyansha Panda | Rank 82 | IGP |
| Rojalin Jena | Rank 85 | IGP |
| Anshuman Sahu | Rank 86 | IGP |
| Kharavel Pradhan | Rank 88 | IGP |
| Monalisa Sahu | Rank 93 | IGP |
| Subhashree Ankita P. | Rank 101 | IGP |
| Pratyush K. Mohapatra | Rank 109 | IGP |
| Payoja Ojha | Rank 110 | IGP |
| Mohammad Asif Khan | Rank 117 | IGP |
| Baisakhi Dash | Rank 118 | IGP |
| Rn Goutam Debadutta | Rank 119 | IGP |
| Srinibash Dash | Rank 123 | IGP |
| Archana Sarangi | Rank 124 | MAINS GUIDANCE PROGRAM |
| Swastiranjan Sahoo | Rank 125 | IGP |
| Rupesh Kumar Rout | Rank 126 | IGP |
| Samikhya Mohapatra | Rank 127 | IGP |
| Pratik Rath | Rank 129 | IGP |
| Tanistha Nayak | Rank 133 | IGP |
| Dr. Sasmita Tripathy | Rank 134 | MAINS GUIDANCE PROGRAM |
| Sarita Nayak | Rank 135 | IGP |
| Shibam Swarup Mohanty | Rank 136 | PRELIMS GUIDANCE PROGRAM |
| Satyajit Raiguru | Rank 138 | IGP |
| Balaram Sahu | Rank 140 | IGP |
| Biswajit Behera | Rank 141 | IGP |
| Pratishruti Palai | Rank 142 | IGP |
| Puspanjali Sahoo | Rank 147 | IGP |
| Anil Kumar Sahu | Rank 150 | IGP |
| Sahil Kumar Patra | Rank 152 | IGP |
| Abhijit Jayaprakash Pradhan | Rank 153 | IGP |
| Soumya Ranjan Sahoo | Rank 154 | IGP |
| Samyak S. Mohapatra | Rank 156 | MAINS GUIDANCE PROGRAM |
| Pooja Samal | Rank 157 | IGP |
| Nirakar Sahu | Rank 158 | IGP |
| Abhisek Pani | Rank 159 | CLASSROOM PROGRAM |
| Chinmay K. Panda | Rank 161 | IGP |
| Jyoti Prava Tripathy | Rank 162 | IGP |
| Prakash Sahoo | Rank 165 | IGP |
| Sonali Jena | Rank 169 | IGP |
| Sasmita Sahoo | Rank 171 | IGP |
| Satyaranjan Beura | Rank 172 | IGP |
| Ashutosh Sahu | Rank 173 | MAINS GUIDANCE PROGRAM |
| Arichisa Nayak | Rank 174 | IGP |
| Sonali Sahoo | Rank 175 | IGP |
| Atya Aneesha Nayak | Rank 177 | IGP |
| Rajshree Ojha | Rank 178 | MAINS MENTORSHIP PROGRAM |
| Sidharth K. Patra | Rank 179 | IGP |
| Byomakesh Satapathy | Rank 180 | IGP |
| Sabyasachi Parida | Rank 185 | IGP |
| Bhupendra Shukla | Rank 186 | IGP |
| Siddharth Chopdar | Rank 187 | IGP |
| Abhilash Dash | Rank 188 | CLASS ROOM PROGRAM |
| Soumya Prakash Bhoi | Rank 189 | IGP |
| Shradha Suman | Rank 191 | IGP |
| Sumistha Priyadarshini | Rank 192 | IGP |
| Nagma Sahin | Rank 193 | IGP |
| Nandita Samal | Rank 194 | IGP |
| Kalu Rauta | Rank 195 | PRELIMS & MAINS GUIDANCE PROGRAM |
| Abhigna Khuntia | Rank 197 | IGP |
| Jayaprakash Behera | Rank 200 | IGP |

**& many more...**

**Features:**
- Renowned Faculty from **DELHI** with Extensive CSE experience.
- Scientifically design Stepwise Training from Basic NCERT to Advance Level.
- Separate Doubt Clearing Session & Weekly Current Affairs Session
- National Level Test Series with a 'Learn-Revise-Test-Succeed' approach
- Mode of Class is Offline / Online / Hybrid with Library and Hostel facilities
- Undivided Attention by Personal Mentors.
- Weekly Evaluation progress made. Analysis of Strength and Weakness.
- Specific focus on upcoming UPSC & OPSC Exam with new approach

ADMISSIONS OPEN FOR
**IAS & OAS**
GRADUATES & 12th PASS CANDIDATES
Integrated & Foundation Courses

**OUR DEDICATED FACULTY TEAM & RIGOROUS PREPARATION METHODS ENSURE UNMATCHED RESULTS**




**Call: 9938386166, 7327846166, 8260677707**

**JAYDEV VIHAR, BHUBANESWAR**

# କଳବଳ କରୁଛି 'ଲେଉଟାଣି ମୌସୁମୀ'

ଭୁବନେଶ୍ୱର, ୨୭।୯ (ସମିସ): ଲେଉଟାଣି ସମୟରେ ମୌସୁମୀ କଳବଳ କରୁଛି। ସେପ୍ଟେମ୍ବର ୧୫ ତାରିଖରୁ ରାଜସ୍ଥାନରୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିଥିବା ଚଳିତ ଋତୁର ମୌସୁମୀ ଉତ୍ତର ଭାରତରେ ପ୍ରବଳ ବର୍ଷା କରାଇ ଭୂସ୍ଖଳନ ଓ ବନ୍ୟା ସ୍ଥିତି ସୃଷ୍ଟି କରିଥିବା ବେଳେ ଓଡ଼ିଶାରେ ମଧ୍ୟ ବିଭିନ୍ନ ନଦୀରେ ବନ୍ୟା ଆଶଙ୍କା

## ୧ ରେ ପୁଣି ଏକ ଲଘୁଚାପ
## ୩୦ ଜିଲ୍ଲାକୁ ସତର୍କତା ଜାରି

ସୃଷ୍ଟି କରିଛି। ବିଶେଷକରି ଗତ ୨୫ ତାରିଖରୁ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ଲଘୁଚାପଜନିତ ଲଗାଣ ବର୍ଷା ଜନଜୀବନକୁ ବ୍ୟାହତ କରିଛି। ସଂପ୍ରତି ଦକ୍ଷିଣ-ଓଡ଼ିଶାରେ ସକ୍ରିୟ ରହିଥିବା ଅବପାତ ଧୀରେ ଧୀରେ ଦୁର୍ବଳ ହୋଇ ଘଣ୍ଟା ପ୍ରତି ୧୬ କିମି ବେଗରେ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଛତିଶଗଡ଼ ଆଡ଼କୁ ଗତି କରୁଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା କ୍ରମଶଃ ଦୁର୍ବଳ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବ। ଏହା ପ୍ରଭାବରେ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ମହାନଦୀର ଉପରମୁଣ୍ଡରେ ବନ୍ୟାଜଳ ସ୍ଥିତି ଗୁରୁତର ହେବା ସହ ହୀରାକୁଦ ଜଳଭଣ୍ଡାର ପୁଣି ଫୁଲିବାର ଆଶଙ୍କା ରହିଛି। ତେବେ ଆଜି ସନ୍ଧ୍ୟା ସୁଦ୍ଧା ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର କମିଥିବାରୁ ଆଉ ୪ଟି ଗେଟ୍ ବନ୍ଦ କରି ଦିଆଯାଇଛି। ଏବେ ୧୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି।

ଅବପାତ ପ୍ରଭାବରେ ଗତ ୨୪ ଘଣ୍ଟା ମଧ୍ୟରେ ସାରା ରାଜ୍ୟରେ ୨୭ ମିମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବିଶେଷକରି ଗଞ୍ଜାମ, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିଛି। ଲଗାଣ ବର୍ଷା ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଥିଲେ ହେଁ ବନ୍ୟା ସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଜଳସେଚନ ବିଭାଗ ପ୍ରମୁଖ ଯନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ଥିବା ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଏହା କ୍ରମଶଃ ଘନୀଭୂତ ହୋଇ ଅକ୍ଟୋବର ୧ ତାରିଖ ସୁଦ୍ଧା ଲଘୁଚାପରେ ପରିଣତ ହୋଇପାରେ। ଏହାର ପ୍ରଭାବରେ ରାଜ୍ୟବ୍ୟାପି ମଧ୍ୟମରୁ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଆକଳନ କରିଛି। ଏଥିପାଇଁ ୩୦ଟି ଜିଲ୍ଲାକୁ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

# ରେତ କେନାଲରେ ଘାଇ

ଭବାନୀପାଟଣା, ୨୭।୯ (ସମିସ): ମୂଷଳାଧାରା ବର୍ଷା ଯୋଗୁଁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ୍ ଦେପୁର ନିକଟସ୍ଥ ରେତ ଜଳସେଚନ ପ୍ରକଳ୍ପର ବାମ ମୁଖ୍ୟ କେନାଲରେ ୫ ମିଟରର ଏକ ଘାଇ ସୃଷ୍ଟି ହୋଇଛି। ଫଳରେ ୬୦ରୁ ଊର୍ଦ୍ଧ୍ୱ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଛି।



ଖବର ପାଇ ଘଟଣାସ୍ଥଳରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କିନ୍ତୁ ଆଜି ମଧ୍ୟ ଦିନତମାମ ବର୍ଷା ଜାରି ରହିଥିବାରୁ ମରାମତି ସମ୍ଭବ ହୋଇପାରିନାହିଁ। ଅପରପକ୍ଷେ, ହଠାତ୍ କେନାଲ ପାଣି ମାଡ଼ିଯିବାରୁ ଅମଳ ଅପେକ୍ଷାରେ ଥିବା ଧାନ ଗଛ ସବୁ ପାଣିରେ ବୁଡ଼ିଯାଇଥିବା ବେଳେ ଜମିରେ ବାଲିଚର ମାଡ଼ିଯାଇଛି। ଫଳରେ ଧାନ ଚାଷ ନଷ୍ଟ ହେବା ଆଶଙ୍କାରେ ସ୍ଥାନୀୟ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

ସୂଚନାଯୋଗ୍ୟ, ନର୍ଲା ବ୍ଲକ୍ କୁଟିଙ୍ଗପଦରଠାରେ ରେତ ବନ୍ଦ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି କେନାଲ ଉପରେ ୪ଟି ବ୍ଲକ୍‌ର ୯୭ ଗ୍ରାମର ୫୧୯୫ଜଣ ଚାଷୀ ଉପକୃତ ହୋଇ ଆସୁଛନ୍ତି। ଏହି କେନାଲରୁ ଖରିଫରେ ୮୫୦୦ ଏବଂ ରବିରେ ୨୨୫୦ ହେକ୍ଟର ଜମିରେ ଜଳସେଚିତ ହୋଇଥାଏ। ତେବେ ନିର୍ମାଣର ଏତେ କମ୍ ସମୟ ମଧ୍ୟରେ ଘାଇ ସୃଷ୍ଟି ହେବା କେନାଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂପର୍କରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ ଅନନ୍ତ ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଶୁକ୍ରବାର ରାତିରେ ଅଞ୍ଚଳରେ ୭୩ ମିମି ବର୍ଷା ହେବାରୁ କେନାଲ ପାଣି ବନ୍ଦ କରିଦେଇଥିଲୁ। ତେବେ ପାହାଡ଼ ପଟରୁ ହଠାତ୍ ପାଣି ମାଡ଼ି ଆସିବାରୁ ଏପରି ଅବସ୍ଥା ହୋଇଛି। ଶୀଘ୍ର ପାଣି କମିଲେ କେନାଲ ମରାମତି କାମକୁ ତ୍ୱରାନ୍ୱିତ କରାଯିବ।

# ସାର କହି ଚାଷୀଙ୍କୁ 'ଲୁଣ'

ବାଲେଶ୍ୱର, ୨୭।୯ (ସମିସ): ସାର ଅଭାବ ଯୋଗୁଁ ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଅସନ୍ତୋଷ ଦେଖିବାକୁ ମିଳୁଛି। ରାତି ଅନିଦ୍ରା ହୋଇ ଚାଷୀ ସମବାୟ ସମିତି ଆଗରେ ଘଣ୍ଟାଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ଶେଷରେ ନିରାଶ ହୋଇ ଫେରୁଛି। ଆଉ କିଛି ଚାଷୀ ଅନ୍ୟ ଉପାୟ ନପାଇ ଦୁଇରୁ ତିନିଗୁଣା ଅଧିକ ଟଙ୍କାରେ କଳାବଜାରରୁ ସାର କିଣିବାକୁ ବାଧ୍ୟ



## ଲୁଣରେ ରଙ୍ଗ ମାରି ପଟାସ ସାର ପ୍ରସ୍ତୁତି
## ବାଲେଶ୍ୱରରୁ ୧୫୮ ବସ୍ତା ଜବତ

ହେଉଛନ୍ତି। ଏପରି ସ୍ଥିତି (ସାର ଅଭାବ)ର ଫାଇଦା ନେଇ ଏବେ ଅସାଧୁ ବେପାରୀମାନେ ନକଲି ସାର ବିକିବା ଆରମ୍ଭ କରିଦେଲେଣି। ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅଭିଯୋଗ ଆସୁଥିବା ବେଳେ ଆଜି ବାଲେଶ୍ୱର ସହରର ଅରଡ଼ବଜାରରୁ କୃଷି ବିଭାଗ ଏକ ନକଲି ସାର ଗୋଦାମ ଠାବ କରିଛି। କୃଷି ବିଭାଗର ଏକ ଟିମ୍ ଆଜି ଅପରାହ୍ଣରେ ଉକ୍ତ ଗୋଦାମରେ ଚଢ଼ଉ କରି ୧୫୮ ବସ୍ତା ନକଲି ପଟାସ ସାର ଜବତ କରିଛି। ଲୁଣରେ ରଙ୍ଗ ମାରି ତାକୁ ସାର ଭାବେ ବିକ୍ରି କରାଯାଉଥିଲା।

ସୂଚନାନୁଯାୟୀ, ଅରଡ଼ବଜାରଠାରେ ନକଲି ସାର ତିଆରି ହେଉଥିବା ନେଇ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଆଜି କୃଷି ବିଭାଗ ସହଦେବଖୁଣ୍ଟା ପୁଲିସ ସହଯୋଗରେ ଉକ୍ତ ନକଲି ସାର ଗୋଦାମ ଉପରେ ଚଢ଼ଉ କରିଥିଲା। ସେଠାରେ ଏକ ଘରେ ମହଜୁଦ ରହିଥିବା ୧୫୮ ବସ୍ତା ନକଲି ସାର ଜବତ କରାଯାଇଛି। ପରେ ଉକ୍ତ ଗୋଦାମକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରିଦିଆଯାଇଛି।

ଏ ସଂପର୍କରେ କୃଷି ବିଭାଗର ଭାରପ୍ରାପ୍ତ ସିଡିଓ ସରୋଜ କୁମାର ଜେନା କହିଛନ୍ତି ଯେ ଏଠାରେ ଲୁଣରେ ରଙ୍ଗ ମିଶାଇ ନକଲି ପଟାସ ସାର ତିଆରି କରାଯାଇ ବିକ୍ରି କରାଯାଉଥିଲା। ଜବତ ନକଲି ସାର ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ। ଚଢ଼ଉ ବେଳେ ସେଠାରେ କୌଣସି ଲୋକ ନ ଥିବା ବେଳେ ଗୋଦାମ ହୋଇଥିବା ସ୍ଥାନଟି ସେକ ନରୁଜ୍ଜମାଙ୍କ ନାମରେ ରହିଛି। ଏହାବ୍ୟତୀତ ଏହି ଗୋଦାମର ମାଲିକ କେଶବ ରଞ୍ଜନ ଗିରି ଏବଂ ତାଙ୍କର ଏକ ଦୋକାନ 'କୃଷି ସଂସାର ଫର୍ଟିଲାଇଜର' ଥିବା ସନ୍ଦେହ କରାଯାଉଛି। ଏଣୁ କୃଷି ବିଭାଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଉଦ୍‌ଘାଟିତ**

# 'ମଧ୍ୟସ୍ଥତା' ବିକଳ୍ପ ନ୍ୟାୟ ପ୍ରଦାନର ବିଶ୍ୱସନୀୟ ସ୍ତମ୍ଭ: ପ୍ରଧାନବିଚାରପତି

ଭୁବନେଶ୍ୱର, ୨୭।୯ (ସମିସ): ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ଆଜି ସଂଧ୍ୟାରେ ଲୋକସେବା ଭବନରେ ଉଦ୍‌ଘାଟିତ ହୋଇଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ଉଦ୍‌ଘାଟନୀ ଅଭିଭାଷଣରେ ମଧ୍ୟସ୍ଥତା ଅଧିନିୟମ, ୨୦୨୩ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ

## ମଧ୍ୟସ୍ଥତା ସୌହାର୍ଦ୍ଦ୍ୟର ମାର୍ଗ: ରାଜ୍ୟପାଳ



କହିଛନ୍ତି ଯେ ମଧ୍ୟସ୍ଥତାକୁ ବୈଧାନିକ ସ୍ୱୀକୃତି ମିଳିବା ଦ୍ୱାରା ଏହା ବିକଳ୍ପ ନ୍ୟାୟ ପ୍ରଦାନର ଏକ ବିଶ୍ୱସନୀୟ ସ୍ତମ୍ଭରେ ପରିଣତ ହୋଇଛି। ଏହି ଆଇନ ଭାଗୀଦାରି, ନ୍ୟାୟସଙ୍ଗତ ଏବଂ ସୁଲଭ ନ୍ୟାୟ ସୁନିଶ୍ଚିତ କରିବା ସହ ଅଦାଲତରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବିଚାରାଧୀନ ମାମଲାକୁ ହ୍ରାସ କରିବାରେ ସହାୟକ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଥିଲେ ଯେ ମଧ୍ୟସ୍ଥତା କେବଳ ବିବାଦର ସମାଧାନ ନୁହେଁ, ବରଂ ବିଶ୍ୱାସ ସୃଷ୍ଟି, ସମ୍ପର୍କ ରକ୍ଷା ଏବଂ ସାମାଜିକ ସୌହାର୍ଦ୍ଦ୍ୟ ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥାଏ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ, ନ୍ୟାୟିକ ସଂସ୍କାର ଏବଂ ବିକଳ୍ପ ବିବାଦ ସମାଧାନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହି ସମ୍ମିଳନୀ ମଧ୍ୟସ୍ଥତାକୁ ଭାରତର ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଏକ ଆଧାରଶିଳା କରିବାର ପ୍ରୟାସକୁ ଆହୁରି ସୁଦୃଢ଼ କରିବ। ଏହାଦ୍ୱାରା ଆଇନଗତ ପ୍ରକ୍ରିୟାରେ ଦକ୍ଷତା, ସମାବେଶିତା ଏବଂ ବିଶ୍ୱାସ ସୁନିଶ୍ଚିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ଏହାସହ ଏହି ସମ୍ମିଳନୀରୁ ମିଳିଥିବା ସୁପାରିସଗୁଡ଼ିକୁ ତ୍ୱରିତ୍ ଭାବେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ନିଜ ଅଭିଭାଷଣରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ୍ ମଧ୍ୟସ୍ଥତା ସେବାର ବିସ୍ତାର କ୍ଷେତ୍ରରେ ଓଡ଼ିଶା ଅର୍ଥପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି ବୋଲି ମତବ୍ୟକ୍ତ କରିଥିଲେ।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଶବ୍ୟାପୀ ମଧ୍ୟସ୍ଥତାକୁ ପ୍ରୋତ୍ସାହିତ କରିବାରେ ନ୍ୟାୟପାଳିକା ଏବଂ ସରକାରଙ୍କ ମିଳିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଭାରତର ଆଟର୍ଣ୍ଣି ଜେନେରାଲ୍ ଆର୍.ଭେଙ୍କଟରମଣି, ଓଡ଼ିଶାର ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟ ବିଚାରପତି ଏବଂ ବିଚାରପତିଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଛନ୍ତି।

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ତଣ୍ଟିକାଟି ହତ୍ୟା

ପୋଲସରା, ୨୭।୯ (ସମିସ): ଚିରିକିପଡ଼ା ଶାସନ ଗାଁର ମହିଳା ଶୈଳ ସେଠୀଙ୍କ ମୃତ୍ୟୁ ଉପରୁ ପରଦା ହଟାଇଛି ପୋଲସରା ଥାନା ପୁଲିସ୍। ଶୈଳଙ୍କୁ ହତ୍ୟା ଅଭିଯୋଗରେ ପୁଲିସ୍



ସେହି ଗାଁର ସୁରେନ୍ଦ୍ର ସେଠୀକୁ ଗିରଫ କରିଛି। ଶୈଳ ଓ ସୁରେନ୍ଦ୍ରଙ୍କ ମଧ୍ୟରେ ପୂର୍ବରୁ ବିବାଦ ଥିଲା। ଗତ ୨୨ ତାରିଖ ଭୋର୍‌ରେ ଶୈଳ ବାଘୁଆ କେନାଲକୁ ଗାଧୋଇବାକୁ ଯାଇଥିବା ବେଳେ ସୁରେନ୍ଦ୍ର ତାଙ୍କୁ ଏକ ଛୁରିରେ ତାଙ୍କ ଗଳା କାଟି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଶୈଳଙ୍କ ମୃତ୍ୟୁ ହୋଇଯାଇଥିଲା। ଶନିବାର ପୋଲସରା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୁରଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ଓ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ ଏହି ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ଶୈଳଙ୍କ ଶବରୁ ତାଙ୍କ କାନଫୁଲ ଓ ଅନ୍ୟାନ୍ୟ ଅଳଙ୍କାର ଗାୟବ ଥିବାରୁ ଏହା ଏକ ଲୁଟ୍‌ଜନିତ ହତ୍ୟା ବୋଲି ପୁଲିସ ସନ୍ଦେହ କରିଥିଲା। କିନ୍ତୁ ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଥିଲା ଯେ ପୂର୍ବରୁ କୌଣସି ଘଟଣାକୁ ନେଇ ଶୈଳ ଓ ସୁରେନ୍ଦ୍ରଙ୍କ

## ଓଡ଼ଗାଁରୁ ଅଭିଯୁକ୍ତ ଗିରଫ

ମଧ୍ୟରେ ଜୋରଦାର୍ ପାଟିତୁଣ୍ଡ ହୋଇଥିଲା ଏବଂ ଘଟଣା ପରଠାରୁ ସୁରେନ୍ଦ୍ର ଫେରାର୍ ରହିଛି। ତେଣୁ ପୁଲିସର ତା' ଉପରେ ସନ୍ଦେହ ହୋଇଥିଲା। ତେଣୁ ତାକୁ ଧରିବାକୁ ପୁଲିସ୍ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ସୁରେନ୍ଦ୍ର ଓଡ଼ଗାଁରେ ଥିବା ଖବର ପାଇ ପୁଲିସ ସେଠାରେ ଚଢ଼ଉ କରି ତାକୁ କାବୁ କରିଥିଲା। ପୁଲିସ ତା'ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ମଧ୍ୟ ଜବତ କରିଛି। ଅପରପକ୍ଷେ ସୁନା ଅଳଙ୍କାର ଲୁଟ୍ ଘଟଣାର ତଦନ୍ତ ଚାଲିଥିବା ପୁଲିସ କହିଛି।

# ପୁଲିସ ପଞ୍ଝାରେ କୁଖ୍ୟାତ ବନ୍ଧୁକ ବେପାରୀ ନଦିମ୍

ଭୁବନେଶ୍ୱର, ୨୭।୯ (ସମିସ): ପୂଜା ସମୟରେ କମିସନରେଟ୍ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ସ୍ପେସାଲ କ୍ରାଇମ ୟୁନିଟ୍ ଆଜି କୁଖ୍ୟାତ ବନ୍ଧୁକ ବେପାରୀ ଶେଖ ନଦିମକୁ ଗିରଫ କରିଛି। ତା' ପାଖରୁ ପୁଲିସ୍ ୧୦ଟି ବନ୍ଧୁକ ଏବଂ ୧୮ଟି ଗୁଳି ଜବତ କରିଛି। ଜବତ ବନ୍ଧୁକ ମଧ୍ୟରେ ଅଟୋମେଟିକ୍

- ୧୦ ବନ୍ଧୁକ, ୧୮ ରାଉଣ୍ଡ ଗୁଳି ଜବତ
- ଝାଡ଼ଖଣ୍ଡରୁ ଆଣି ଓଡ଼ିଶାରେ ବିକୁଥିଲା
- ୨୦୧୫ରେ ଏନକାଉଣ୍ଟର୍‌ର ଶିକାର ହୋଇଥିଲା

ଓ ସେମି-ଅଟୋମେଟିକ୍ ବନ୍ଧୁକ ରହିଛି। ନଦିମର ଘର ଜଗତସିଂହପୁର ଜିଲ୍ଲା କୃଷ୍ଣନନ୍ଦପୁର ଥାନା ଅଞ୍ଚଳରେ।

ପାଖାପାଖି ମାସେ ହେବ, ସ୍ପେସାଲ କ୍ରାଇମ୍ ୟୁନିଟ୍ ନଦିମର ଗତିବିଧି ଉପରେ ନଜର ରଖିଥିଲା। ଆଜି ସକାଳ ପ୍ରାୟ ୫ଟାରେ ନଦିମ୍ ପୁରୀ ପଟରୁ ଧଉଳି ଅଭିମୁଖେ ଏକ ବିନା ନମ୍ବରପ୍ଲେଟ୍ ବାଇକ୍‌ରେ ଆସୁଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ତାକୁ ଧରିବା ପାଇଁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ଧଉଳି ଛକରେ ଜଗି ରହିଥିଲା। ତେବେ ନଦିମ ଧଉଳି ଛକରେ ପହଞ୍ଚିବା ପରେ ତାକୁ ପୁଲିସ ମାଡ଼ି ବସିଥିଲା। ଯାଞ୍ଚ କରିବାରୁ ତା' ଅଣ୍ଟାରେ ଖୋସା ଥିବା ଏକ ବନ୍ଧୁକ ପୁଲିସ ମିଳିଥିଲା। ସନ୍ଦେହ ବଢ଼ିବାରୁ ସେ କାନ୍ଧରେ ପକାଇଥିବା ଏକ ବ୍ୟାଗ୍ ଯାଞ୍ଚ



କରିବାରୁ ସେଥିରୁ ପୁଲିସକୁ ୯ଟି ବନ୍ଧୁକ ଏବଂ ୧୮ଟି ଗୁଳି ମିଳିଥିଲା।

ନଦିମ ଏହି ବନ୍ଧୁକଗୁଡ଼ିକୁ ଝାଡ଼ଖଣ୍ଡରୁ ଆଣିଥିଲା। ସେଠାରୁ ସେ ୩୫ହଜାର ଟଙ୍କାରେ ବନ୍ଧୁକ ଆଣି ଏଠାରେ ୭୦/୮୦ ହଜାର ଟଙ୍କାରେ ବିକ୍ରି କରୁଥିଲା। ଏଥିପାଇଁ ମାସକୁ ଥରେ ସେ ଝାଡ଼ଖଣ୍ଡ ଯାଏ। ସେଠାରୁ ୧୦ରୁ ୧୫ଟି ବନ୍ଧୁକ ଧରି ଫେରିଆସେ। ବନ୍ଧୁକଗୁଡ଼ିକୁ ସେ ଜଗତସିଂହପୁର, କଟକ ଏବଂ ଭୁବନେଶ୍ୱରରେ ବିକ୍ରି କରିଥାଏ। ମାସ ମାସ ଧରି ସେ ଏପରି ବନ୍ଧୁକ ବେପାର କରି ଆସୁଥିଲେ ହେଁ ପୁଲିସ ହାତରେ ପଡ଼ୁନଥିଲା।

ନଦିମ ଜଣେ ପେସାଦାର ଅପରାଧୀ। ଦାଦାବଟି ଆଦାୟ, ହତ୍ୟା, ବୋମାମାଡ଼ ଆଦି ମାମଲାରେ ତା'ର ସଂପୃକ୍ତି ରହିଛି। ୨୦୧୫ରେ ପୁଲିସ ତାକୁ ଏନକାଉଣ୍ଟର୍ କରି ଧରିଥିଲା। କିନ୍ତୁ ସେବେଠାରୁ ସେ ଆଉ ସିଧାସଳଖ ଅପରାଧରେ ସାମିଲ ନ ହୋଇ ବନ୍ଧୁକ ବେପାର ଜରିଆରେ କୋଟି କୋଟି ଟଙ୍କା ରୋଜଗାର କରୁଥିଲା। ତା'ର ନେଟ୍‌ୱାର୍କରେ ଥିବା ଅପରାଧୀଙ୍କୁ ସେ ବନ୍ଧୁକ ବିକି ଆସୁଥିଲା। ନଦିମ ନାଁରେ ଜଗତସିଂହପୁର ଜିଲ୍ଲାରେ ୫ଟି, କଟକ କିଶନନଗର ଥାନାରେ ୨ଟି ମାମଲା ରହିଛି। ନିକଟରେ ସେ ଜେଲରୁ ବାହାରିଥିଲା। ନଦିମକୁ ଖୁବ୍‌ଶୀଘ୍ର ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ସେ ଝାଡ଼ଖଣ୍ଡରୁ କାହାଠାରୁ ବନ୍ଧୁକ ଆଣୁଥିଲା, ଏଠି କାହାକୁ ଓ କେତେ ବିକିଛି, ସେ ସଂପର୍କରେ ପୁଲିସ ଅଧିକ ତଥ୍ୟ ହାସଲ କରିବ। ସେହିପରି ଆଜି ତା' ପାଖରୁ ଜବତ ହୋଇଥିବା ୧୦ ବନ୍ଧୁକ ସେ କାହାକୁ ବିକିଥା'ନ୍ତା, ସେ ସଂପର୍କରେ ପୁଲିସ ଖୋଳତାଡ଼ ଆରମ୍ଭ କରିଛି।

# ରାଜ୍ୟର ୩ ସେମିକଣ୍ଡକ୍ଟର୍ ଶିଳ୍ପକୁ ସବୁଜ ସଙ୍କେତ

ଭୁବନେଶ୍ୱର, ୨୭।୯ (ସମିସ): ରାଜ୍ୟରେ ସେମିକଣ୍ଡକ୍ଟର୍ ଶିଳ୍ପ ସ୍ଥାପନ ପାଇଁ ପୂର୍ବର ବିଜେଡି ସରକାର ଉଦ୍ୟମ ଆରମ୍ଭ କରିଥିବା ବେଳେ ଏବେର ସରକାର ଏନେଇ ଗୁରୁତ୍ୱାରୋପ କରୁଛନ୍ତି। ରାଜ୍ୟ ସରକାର ନିଜର 'ଓଡ଼ିଶା ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫ୍ୟାବଲେସ ନୀତି' ଦ୍ୱାରା ରାଜ୍ୟକୁ ସେମିକଣ୍ଡକ୍ଟର ହବ୍‌ରେ ପରିଣତ

## ନିବେଶ ହେବ ୪୬୨୯ କୋଟି

କରିବା ପାଇଁ ଏକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କ୍ରମରେ, ବର୍ତ୍ତମାନ ସୁଦ୍ଧା ଏଥିପାଇଁ ୩ଟି କମ୍ପାନୀକୁ ଓଡ଼ିଶାରେ ସେମାନଙ୍କ ଶିଳ୍ପ ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ଦିଆଯାଇଥିବା ଜଣାପଡ଼ିଛି। ଏହି ୩ଟି ପ୍ରକଳ୍ପରେ ୪୬୨୯ କୋଟି ଟଙ୍କା ନିବେଶ ହେବାକୁ ଥିବା ବେଳେ ଏହାଦ୍ୱାରା ମୋଟ ୨୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କ ଅନୁଯାୟୀ, ସରକାରୀ ମଞ୍ଜୁରୀ ପାଇଥିବା ସଂସ୍ଥା ମଧ୍ୟରେ ରହିଛି ସିସ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍। ଏହି ସଂସ୍ଥା ରାଜ୍ୟରେ ପ୍ରାୟ ୨୦୬୭ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏଥିରେ ସିଧାସଳଖ ୧୦୦୦ ଜଣ କର୍ମସଂସ୍ଥାନ ପାଇବେ। ସେହିଭଳି ୩-ଜିଡିଏସ୍‌କୁ ଅନୁମତି ମିଳିଥିବା ବେଳେ ଏହି ସଂସ୍ଥା ୧୯୪୪ କୋଟି ଟଙ୍କା ଖଟାଇବ ଏବଂ ଏଥିରେ ସିଧାସଳଖ ୫୦୦ ଲୋକ ନିଯୁକ୍ତି ପାଇବେ। ସେହିଭଳି ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ



ସଂସ୍ଥାକୁ ଓଡ଼ିଶା ସରକାର ସବୁଜ ସଙ୍କେତ ଦେଇଛନ୍ତି। ଏହି ସଂସ୍ଥା ୬୧୮ କୋଟି ଟଙ୍କା ଖଟାଇବାକୁ ଥିବା ବେଳେ ଏଥିରେ ସିଧାସଳଖ ୫୦୦ଜଣ ନିଯୁକ୍ତି ପାଇପାରିବେ।

ମନ୍ତ୍ରୀ କହିଛନ୍ତି ଯେ ନୂତନ ନୀତି ବୃହତ୍ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ପୁଞ୍ଜି ସବ୍‌ସିଡି ଏବଂ ଟିକସ ପରିଶୋଧ ସମେତ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଥାଏ। ଏହାର ପରିପୂରକ ହେଉଛି ଓ-ଚିପ୍ କାର୍ଯ୍ୟକ୍ରମ, ଯାହା ଷ୍ଟାର୍ଟ-ଅପ୍ ଏବଂ କମ୍ପାନୀଗୁଡ଼ିକୁ ଅତ୍ୟାବଶ୍ୟକ ଭିତ୍ତିଭୂମି ପ୍ରଦାନ କରି ଫେବ୍ଲେସ୍ ଡିଜିଇନ୍ ଇକୋସିଷ୍ଟମ୍‌କୁ ସମର୍ଥନ କରିବା ପାଇଁ ଏକ ଉତ୍ସର୍ଗୀକୃତ ପଦକ୍ଷେପ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି।

# ମାଓବାଦୀଙ୍କ ଅସ୍ତ୍ରଶସ୍ତ୍ର କାରଖାନା ଠାବ



ମାଲକାନଗିରି, ୨୭।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନକ୍ସଲ ପ୍ରଭାବିତ ସୁକମା ଜିଲ୍ଲାରେ ସୁରକ୍ଷା ବାହିନୀକୁ ଆଉ ଏକ ସଫଳତା ମିଳିଛି। ଜିଲ୍ଲାର ମେଟାଗୁଡ଼ା ଜଙ୍ଗଲରେ ନକ୍ସଲଙ୍କ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ତିଆରି କାରଖାନାକୁ ଯବାନମାନେ ଧ୍ୱଂସ କରିଛନ୍ତି। ସୂଚନାନୁଯାୟୀ, ସୁକୁମା ଜିଲ୍ଲାର ମାଓ ଉପଦ୍ରବ ମେଟାଗୁଡ଼ା ଜଙ୍ଗଲରେ ଡିଆରଜି ଓ କୋବ୍ରା ବାଟାଲିଅନ୍‌ର ଯବାନମାନେ ମିଳିତ ଭାବେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ଜଙ୍ଗଲ ଭିତରେ ଲୁକ୍କାୟିତ ଥିବା ମାଓବାଦୀଙ୍କ ଏହି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ତିଆରି କାରଖାନାକୁ ଯବାନମାନେ ଠାବ କରିଥିଲେ। ଏଥିରୁ ଯବାନମାନେ ଅନେକ ବିସ୍ଫୋରକ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ବ୍ୟବହୃତ ସାମଗ୍ରୀ ଓ ଉପକରଣ, ବିଜିଏଲ ଲଞ୍ଚର୍ ଭଳି ଅନେକ ମାଓ ସାମଗ୍ରୀ ଜବତ କରିଥିଲେ। ସୁରକ୍ଷାବାହିନୀକୁ ଟାର୍ଗେଟ୍ କରିବା ପାଇଁ ନକ୍ସଲମାନେ ଏଠାରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ପ୍ରସ୍ତୁତ କରୁଥିବା ବେଳେ ଧ୍ୱଂସ କରି ଯବାନମାନେ ନକ୍ସଲଙ୍କ ଯୋଜନାକୁ ପଣ୍ଡ କରିଥିଲେ। ସୁକମା ପୁଲିସ ଅଧୀକ୍ଷକ କିରଣ ଚୌହାନ ଏହାକୁ ନକ୍ସଲ ନିପାତ ଅଭିଯାନରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଛନ୍ତି। ଉକ୍ତ ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସି ଅଭିଯାନକୁ ଜୋରଦାର୍ କରାଯାଇଛି।

**ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା**

# ଗିରଫ ଦୁଇ ଛାତ୍ରଙ୍କ ବିରୋଧରେ ଚାର୍ଜସିଟ୍

ବାଲେଶ୍ୱର, ୨୭।୯ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାରେ ଗିରଫ ଦୁଇ ଛାତ୍ରଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଆଜି ଏସ୍‌ଡିଜେଏମ୍ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ପୂର୍ବରୁ କ୍ରାଇମବ୍ରାଞ୍ଚ ୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିବା ବେଳେ ଆଜି ଦ୍ୱିତୀୟଥର ପାଇଁ ଗିରଫ ଦୁଇ ଛାତ୍ର ଶୁଭ୍ରସମ୍ବିତ ନାୟକ ଏବଂ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ବିରୋଧରେ ୧୬୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଗତ ଜୁଲାଇ ୧୨ତାରିଖରେ ସୌମ୍ୟାଶ୍ରୀ କଲେଜ ପରିସରରେ ଆତ୍ମଦାହ କରିଥିଲେ। ବିଭାଗୀୟ ଏଚ୍‌ଓଡିଙ୍କ ଦ୍ୱାରା ନିର୍ଯାତିତ ହୋଇଥିବା ସୌମ୍ୟାଶ୍ରୀ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ନିଜ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେହି ମାସ ୧୪ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ଜାରି ରହିଛି: କଂଗ୍ରେସ

## ହାଇକୋର୍ଟ ବେଞ୍ଚ ସ୍ଥାପନ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସ୍ଥାନାନ୍ତରଣ ନ ହେବା ଅଞ୍ଚଳ ପାଇଁ ଅପମାନ

ଭୁବନେଶ୍ୱର, ୨୭।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତକୁ ନେଇ ଜୋରଦାର୍ ବର୍ଷିଛି ରାଜ୍ୟ କଂଗ୍ରେସ। ଓଡ଼ିଶାର ଖଣିଜ ଦ୍ରବ୍ୟ, ପ୍ରାକୃତିକ ସଂପଦର ଖୋଲାଖୋଲି ଲୁଟ୍ ଚାଲିଥିବା ବେଳେ ରାଜ୍ୟ ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ଜାରି ରହିଛି। ଏ ପର୍ଯ୍ୟନ୍ତ ହାଇକୋର୍ଟ ବେଞ୍ଚ ସ୍ଥାପନ ଏବଂ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମୁଖ୍ୟ ଦପ୍ତର ସ୍ଥାନାନ୍ତରଣ ନ ହେବା ପଶ୍ଚିମ ଓଡ଼ିଶା ପ୍ରତି ଅପମାନ ବୋଲି କଂଗ୍ରେସ ଅଭିଯୋଗ କରିଛି।

ପିସିସି କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ କହିଛନ୍ତି ଯେ ବିଜେପି ସରକାର କେବଳ ବିଜ୍ଞାପନ ଓ ଭାଷଣର ସରକାର। ବିଜେଡି ସରକାର ଥିବା ବେଳେ ଛତିଶଗଡ଼ ସହ ଥିବା ମହାନଦୀ ଜଳ ବିବାଦକୁ ନେଇ ରକ୍ତମୁଖା ହୋଇଥିବା ବିଜେପି କ୍ଷମତାକୁ ଆସିବା ପରେ ସମସ୍ୟାର ସମାଧାନ କରିପାରିଲା ନାହିଁ। କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ଅନୁଦାନ ଦେଲେ ନାହିଁ।

ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି ଯେ ଓଡ଼ିଶାରୁ ୨୦ଜଣ ନିର୍ବାଚିତ ସାଂସଦଙ୍କ ପାଇଁ



କେନ୍ଦ୍ରରେ ବିଜେପି ସରକାର ଗଢ଼ିବାକୁ ସମର୍ଥ ହେଲା। କିନ୍ତୁ ଓଡ଼ିଶାକୁ ଅବହେଳା ସହ କେନ୍ଦ୍ରୀୟ ଅନୁଦାନ ୧୮ ପ୍ରତିଶତ କମିଛି। କୋଷ୍ଟାଲ ହାଇୱେ କାମ ଏଯାବତ୍ ଆରମ୍ଭ ହୋଇନଥିବା ବେଳେ କୋଇଲା ରୟାଲଟି ମଧ୍ୟ ଏଯାବତ୍ ବଢ଼ିଲା ନାହିଁ। ବିହାରକୁ ୮୦ ହଜାର କୋଟିର ଅନୁଦାନ ଦିଆଯାଇଥିବା ବେଳେ ବିବାଦୀୟ ପୋଲାଭରମ୍ ପ୍ରକଳ୍ପ ପାଇଁ ଆନ୍ଧ୍ରକୁ ୨୭ ହଜାର ଟଙ୍କା ଦିଆଯାଇଛି; ମାତ୍ର ଓଡ଼ିଶା ପାଇଁ ଅନୁଦାନ ଶୂନ। ସେହିପରି ଆର୍ସେଲର ମିତ୍ତଲ ମେଗା ଷ୍ଟିଲ କାରଖାନା, ଭାରତ ବାଇଓଟେକ୍ ଭ୍ୟାକସିନ୍ ପ୍ଲାଣ୍ଟ, ଏସ-ରାମ ଏମ-ରାମ ସେମିକଣ୍ଡକ୍ଟର ପ୍ରକଳ୍ପ ଆଦି ଆନ୍ଧ୍ରକୁ ସ୍ଥାନାନ୍ତର ହୋଇଥିବା ବେଳେ ଜେଏସଡବ୍ଲୁ ଇଭି ପ୍ରକଳ୍ପ ଓ ୱେଲସ୍ପନ୍ ମେଗା ଟେକ୍ସଟାଇଲ ପ୍ରକଳ୍ପ ଅତି ନାଟକୀୟ ଢଙ୍ଗରେ ମହାରାଷ୍ଟ୍ରକୁ ସ୍ଥାନାନ୍ତର ହୋଇଯିବା ଓଡ଼ିଶାବାସୀଙ୍କ ପାଇଁ ବଡ଼ ଧୋକ୍କା ବୋଲି ସେ କହିଛନ୍ତି।




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-95 •SUNDAY •28 SEPTEMBER 2025 •PAGE-12 •₹ 6.00

•ବର୍ଷ-୪୩ •ସଂଖ୍ୟା-୯୫ •ରବିବାର •୨୮ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୁରା ସହ)




## ଝାରସୁଗୁଡ଼ା ଯୁବ ସମାବେଶରେ ମୋଦୀ

# ୬୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଭେଟି



■ **ଭୁବନେଶ୍ୱର/ଝାରସୁଗୁଡ଼ା, ୨୭।୯ (ସମିସ):** 'ସେବା ପକ୍ଷ' ପାଳନ ଅବସରରେ ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶା ପାଇଁ ୬୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଦୂରସଞ୍ଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ର ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଏସ୍‌ଏନ୍‌ଏଲର ନୂତନ ଅବତାର ଉନ୍ମୋଚନ କରି ଏହାର ସ୍ୱଦେଶୀ ୪ଜି ସେବାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଓଡ଼ିଶାରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୋଗାଯୋଗ ସହିତ ସଂପୃକ୍ତ ଅନେକ

### ୯୭,୫୦୦ ମୋବାଇଲ୍ ୪ଜି ଟାୱାର ଲୋକାର୍ପିତ

### ବ୍ରହ୍ମପୁର-ସୁରତ 'ଅମୃତ ଭାରତ' ଟ୍ରେନର ଶୁଭାରମ୍ଭ

ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ସହ ବ୍ରହ୍ମପୁରରୁ ସୁରତ ପର୍ଯ୍ୟନ୍ତ ଆଧୁନିକ ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ସମସ୍ତ ବିକାଶମୂଳକ ପଦକ୍ଷେପ ପାଇଁ ସେ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଢ଼ ବର୍ଷ ପୂର୍ବେ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାବାସୀ ନୂତନ ପ୍ରତିବଦ୍ଧତା ସହିତ ଏକ ବିକଶିତ ▶ପୃଷ୍ଠା-୭

## ବିଜୟ ଥାଲାପତିଙ୍କ ରାଲିରେ ଅସମ୍ଭାଳ ଭିଡ଼

# ଦଳାଚକଟାରେ ୩୬ ମୃତ



■ **ଚେନ୍ନଇ, ୨୭।୯ (ଏଜେନ୍ସି):** ଅଭିନେତାରୁ ରାଜନେତା ପାଲଟିଥିବା ବିଜୟ ଥାଲାପତିଙ୍କ ଏକ ରାଲିରେ ଶନିବାର ବଡ଼ ଅଘଟଣ ଘଟିଛି। ତାମିଲନାଡୁ କରୁର୍‌ରେ ଆୟୋଜିତ ଏହି ରାଲିରେ ନିଜ ବସ୍ ଉପରୁ ବିଜୟ ଜନସମାବେଶକୁ ସମ୍ବୋଧିତ କରୁଥିବାବେଳେ ଦଳାଚକଟା ଘଟି ୩୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୬ ଜଣ ମହିଳା ଏବଂ ୮ ଶିଶୁ ସାମିଲ ଅଛନ୍ତି। ଦଳାଚକଟାରେ ୫୮ ଜଣ ଗୁରୁତର ଆହତ ହୋଇ ହସ୍‌ପିଟାଲରେ ଭର୍ତ୍ତି ହୋଇଥିବା ତାମିଲନାଡୁ ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍‌ଏ ସୁବ୍ରମଣ୍ୟନ ସୂଚନା ଦେଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି।

ସୂଚନା ଅନୁଯାୟୀ, ଆସନ୍ତା ବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିରେ ବିଜୟଙ୍କ ରାଜନୈତିକ ଦଳ 'ତାମିଲଗା ଭେଟ୍ରି କଝଗମ' (ଟିଭିକେ) ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛି। ଏଥିପାଇଁ ସେ ବିଭିନ୍ନ ସ୍ଥାନରେ ରାଲି କରି ଦଳ ପ୍ରତି ଜନସମର୍ଥନ ହାସଲ କରୁଛନ୍ତି। କରୁର୍ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ଲକ୍ଷାଧିକ ଲୋକ ଭିଡ଼ ଜମାଇଥିଲେ। ନିଜ ପ୍ରିୟ ଅଭିନେତାଙ୍କ ପାଇଁ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ଲୋକେ ଅପେକ୍ଷା କରି ରହିଥିଲେ। ତେବେ ବିଜୟ ଏହି ରାଲିକୁ ବିଳମ୍ବରେ ପହଞ୍ଚି ଥିଲେ। ଅସହ୍ୟ ଗୁଳୁଗୁଳି ଏବଂ ପ୍ରବଳ ଭିଡ଼ ଯୋଗୁଁ ଲୋକେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ। ବିଜୟ ଅଭିଭାଷଣ ଦେବା ପରେ ଏଭଳି ସ୍ଥିତି ଦେଖି ବସ୍ ଉପରୁ ଲୋକଙ୍କୁ ପାଣି ବୋତଲ ପକାଇଥିଲେ। ତୃଷାର୍ତ୍ତ ଓ ଉତ୍ସୁକ ଜନତା ପାଣି ବୋତଲ ଧରିବାକୁ ଯାଇ ଅନ୍ୟମାନଙ୍କୁ ଦଳିଚକଟି ଦେଇଥିଲେ। ଏଥିଯୋଗୁଁ ଅନେକ ଚେତା ହରାଇ ପଡ଼ି ଯାଇଥିଲେ। ▶ପୃଷ୍ଠା-୭

# ସୁନା ବଜାରରେ ନିଆଁ

### ୯ ମାସରେ ୩୭ ହଜାର ମହଙ୍ଗା



■ **ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି):** ଭାରତରେ ସୁନା ଏବଂ ରୁପା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦିନକୁ ଦିନ ଏହାର ଦାମ ରେକର୍ଡ ଭାଙ୍ଗି ଚାଲିଛି। ୧୦ ଗ୍ରାମ ପିଛା ୨୪ କ୍ୟାରଟ ସୁନା ମୂଲ୍ୟ ଶନିବାର ୧, ୧୩, ୨୬୨ ଟଙ୍କାରେ ପହଞ୍ଚି ଯାଇଛି। ଏହା ଗତ ୨୦ ତାରିଖରେ ୧, ୦୯, ୭୭୫ ଟଙ୍କା ଥିଲା। ଅର୍ଥାତ୍ ଚଳିତ ସପ୍ତାହରେ ସୁନା ମୂଲ୍ୟ ୩,୪୮୭ ଟଙ୍କା ବୃଦ୍ଧି ପାଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୩୭, ୧୦୦ ଟଙ୍କା ମହଙ୍ଗା ହେଲାଣି। ଗତ ବର୍ଷ ଡିସେମ୍ବର ୩୧ରେ ୨୪ କ୍ୟାରେଟ ସୁନା ମୂଲ୍ୟ ୭୬, ୧୬୨ ଟଙ୍କା ଥିଲା। ୨୦୨୪ରେ ସୁନା ୨୧ ପ୍ରତିଶତ ମହଙ୍ଗା ହୋଇଥିଲା। ଏବେ ୧୦ ଗ୍ରାମ ପିଛା ୧୪ କ୍ୟାରଟ ▶ପୃଷ୍ଠା-୭

# 'ହାର୍ଟ ବିଟ୍' ବୁଲି ଦେଖିଲେ ନବୀନ




■ **ଭୁବନେଶ୍ୱର, ୨୭।୯ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀସ୍ଥିତ ବିକାନିର୍ ହାଉସ୍‌ରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଧାରିତ ୱାଇଲ୍ଡଲାଇଫ୍ ଚାରିଟି ଏକ୍ସିବିସନ 'ହାର୍ଟ ବିଟ୍'କୁ ପରିଦର୍ଶନ କରିଛନ୍ତି। ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଥିମ୍ ରହିଥିଲା 'ବନ୍ୟପ୍ରାଣୀ: ଆମ ସହଭାଗୀ ଭବିଷ୍ୟତ ବା 'ୱାଇଲ୍ଡଲାଇଫ୍: ଆୱାର୍ ସେୟାର୍ଡ ଫ୍ୟୁଚର'। ଏହି ପ୍ରଦର୍ଶନୀରେ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ପର୍କିତ ରଚନା, ଫଟୋଗ୍ରାଫି, ପ୍ରକୃତିର ସଂରକ୍ଷଣ ସହ ▶ପୃଷ୍ଠା-୭




## ଏସିଆ କପ୍ ଟି-୨୦ ଫାଇନାଲ୍

### ଆଜି ଭାରତ-ପାକିସ୍ତାନ ମହାମୁକାବିଲା



## ଅର୍ଥନୀତିକୁ ଅଡୁଆ ଟ୍ରମ୍ପ ନୀତି


# ୬ ଦିନରେ ବୁଡ଼ିଲା ୧୬ ଲକ୍ଷ କୋଟି

■ **ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି):** ଦ୍ୱିତୀୟ ଥର ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଚାଲିଛନ୍ତି। କେତେବେଳେ ଚଢ଼ା ଶୁଳ୍କ ଲଗାଉଛନ୍ତି ତ, ଆଉ କେବେ ଭିସା ଦେୟକୁ ଅଚାନକ ବୃଦ୍ଧି କରି କମ୍ପାନୀ ଏବଂ ନିବେଶକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ଯୋଗୁଁ ବିଶ୍ୱ ଅର୍ଥନୀତି ଅସ୍ଥିର ହୋଇପଡ଼ିଛି। ଭାରତୀୟ ସେୟାର ବଜାର ମଧ୍ୟ ଏଥିରେ ଭୀଷଣ ପ୍ରଭାବିତ ହେଉଛି।

ଏଚ୍-୧ବି ଭିସା ଦେୟ ବଢ଼ାଇବା ପାଇଁ ଟ୍ରମ୍ପ ନେଇଥିବା ନିଷ୍ପତ୍ତି ନିବେଶକଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଏଥିପାଇଁ ଗତ ସପ୍ତାହରେ ନିବେଶକମାନଙ୍କର ୧୬ ଲକ୍ଷ କୋଟି ଟଙ୍କା ବୁଡି ଯାଇଛି। ନିଫ୍ଟି୫୦ ପ୍ରାୟ ୩ ପ୍ରତିଶତ ହ୍ରାସ ପାଇଛି। ଆଇଟି ସୂଚକାଙ୍କ ୮ ପ୍ରତିଶତ ଖସି ଆସିଛି। ଟଙ୍କା ତୁଳନାରେ ଡଲାର ମଜବୁତ ହେଉଥିବାରୁ ବିଦେଶୀ ପାଣ୍ଠି ଭାରତ ବାହାରକୁ ଯିବାରେ ଲାଗିଛି। ସୂଚନା ଅନୁଯାୟୀ କ୍ରମାଗତ ଷଷ୍ଠ ଦିନରେ ସେୟାର ବଜାର ଶୁକ୍ରବାର ଲାଲ୍ ସଙ୍କେତରେ ବନ୍ଦ ହୋଇଥିଲା।



ସେନ୍‌ସେକ୍ସ ୭୩୩ ପଏଣ୍ଟ ହ୍ରାସ ପାଇ ୮୦, ୪୨୬ରେ ପହଞ୍ଚି ଯାଇଥିଲା। ସେହିପରି ନିଫ୍ଟି୫୦ ୨୩୬ ପଏଣ୍ଟ ଖସି ଆସି ୨୪, ୬୫୫ରେ ବନ୍ଦ ହୋଇଥିଲା। ଏହି ସପ୍ତାହରେ ସେନ୍‌ସେକ୍ସ ୨,୧୯୯ ପଏଣ୍ଟ ଏବଂ ନିଫ୍ଟି୫୦ ୬୭୨ ପଏଣ୍ଟ ହ୍ରାସ ପାଇଥିଲା। ଏହା ଗତ ୬ ମାସରେ ସବୁଠାରୁ ବଡ଼ ସାପ୍ତାହିକ ବିପର୍ଯ୍ୟୟ ଥିଲା। ▶ପୃଷ୍ଠା-୭



## ସ୍କୁଲ୍‌ର ଅବହେଳାରୁ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

# ବିଇଓଙ୍କୁ ତାଲା ପକାଇଲେ ଗ୍ରାମବାସୀ, ପ୍ରଧାନ ଶିକ୍ଷକ ନିଲମ୍ବିତ

ନବରଙ୍ଗପୁର/ ରାଇଘର୨୭।୯ (ସମିସ):



ନବରଙ୍ଗପୁର ଜିଲ୍ଲା ତୁରୁଡ଼ି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସର ସପ୍ତମ ଶ୍ରେଣୀ ଛାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ପରେ ଉତ୍ତେଜନା ବଢ଼ିଛି ।। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚିକତ୍ସାରେ ବିଳମ୍ବ ଓ ଅବହେଳା ଯୋଗୁଁ ଛାତ୍ରଙ୍କ ମୃର୍ତ୍ତ୍ୟୁ ହୋଇଥିବା ଅଭିଯୋଗ କରି ତଦନ୍ତ ପାଇଁ ଆସିଥିବା ରାଇଘର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାରଙ୍କୁ ତାଲା ମାରି ବନ୍ଧକ ରଖିଥିଲେ ଅଭିଭାବକ ଏବଂ ଗ୍ରାମବାସୀ । ଗତକାଲି ବିଳମ୍ବିତ ରାତି ସମୟରେ ଛାତ୍ରଙ୍କୁ ବାନ୍ତି ହେବାରୁ ସେ ଅସୁସ୍ଥ ହୋଇଥିଲେ। ପ୍ରଥମେ ସରକାରୀ ଚିକିତ୍ସାଳୟକୁ ନେବା ପରିବର୍ତ୍ତେ ସ୍ଥାନୀୟ ଜଣେ କ୍ୱାକ୍ ପାଖକୁ ମଙ୍ଗଳଙ୍କୁ ଚିକତ୍ସା ପାଇଁ ନିଆଯାଇଥିଲା । ସେଠାରେ କ୍ୱାକ୍ କିଛି ସମୟ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ମଧ ସ୍ୱାସ୍ଥ୍ୟବସ୍ଥା ନ ସୁଧୁରିବାରୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା । ଚିକିତ୍ସା କରିବାରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଥିବା ଅଭିଯୋଗ ହେବାରୁ ରାଇଘର ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ ଶ୍ରୀ ସରକାର ତଦନ୍ତ ପାଇଁ ଯାଇଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ଆକ୍ରୋଶର ଶିକାର ହୋଇଥିଲେ । ଲୋକେ ବିଦ୍ୟାଳୟରେ ତାଲା ପକାଇ ଦେବାରୁ ସେ ଅଟକି ରହିଥିଲେ । ପରବର୍ତ୍ତୀ ସମୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା । ଦୀର୍ଘ ସମୟର ଉତ୍ତେଜନା ପରେ ରାଇଘର ଅତିରିକ୍ତ ତହସିଲଦାର ମୌସୁମୀ ସଜନ୍ , ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କ ଉପସ୍ଥିତିରେ ରାଇଘର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ପ୍ରଧାନ ଶିକ୍ଷକ ନନି ଗୋପାଳ ବିଶ୍ୱାସଙ୍କୁ ନିଲମ୍ବିତ କରିବା ଏବଂ ମୃତ ଛାତ୍ରଙ୍କ ପରିବାରକୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପ୍ରତିଶ୍ରୁତି ଦେବାପରେ ବିଦ୍ୟାଳୟରୁ ତାଲା ଖୋଲିଥିଲା । ଉଲ୍ଲେଖଯୋଗ୍ୟ, ଓଡଣ୍ଡି ଗ୍ରାମର ଦୟାଳୁ ଗଣ୍ଡଙ୍କ ୧୨ବର୍ଷର ପୁଅ ମଙ୍ଗଳସିଂ ଗଣ୍ଡ ଏହି ବିଦ୍ୟାଳୟରେ ରହି ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ । ପିଲାଟି ରକ୍ତହୀନତା ରୋଗର ଶିକାର ହୋଇଥିଲେ ହେଁ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ କିମ୍ବା ସ୍କୁଲ କର୍ତ୍ତୃପକ୍ଷ ତାଙ୍କର ଉପଯୁକ୍ତ ଯତ୍ନ ନେଇ ନଥିବା ଅଭିଯୋଗ ହୋଇଛି ।

## ଏନବିଡବ୍ଲୁରେ ୪ ଗିରଫ

ଜୟପୁର,୨୭ ।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ପକ୍ଷରୁ ଗତ ୨୦୧୬ ମସିହାରେ ଏକ ପୁରାତନ ଗଣ୍ଡଗୋଳ ମାମଲାରେ ଫେରାର ରହିଥିବା ୪ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟ ପକ୍ଷରୁ ଜାମିନ ବିହୀନ ଫରୱାନ ଅନୁଯାୟୀ ଗିରଫ କରାଯାଇଛି । ଗିରିଫ ଅଭିଯୁକ୍ତ ମାନେ ହେଲେ ଫାମ୍ପୁଣି ଗ୍ରାମର ଦୁର୍ଯ୍ୟୋଧନ ବାଗ (୩୫) ଓରଫ ଦୁର୍ଯ୍ୟୋ, ଭୀମ ବାଗ (୩୦), ଧନୁ ହରିଜନ ( ୩୫) ଓରଫ ଧନ, ଭକ୍ତରାମ ହରିଜନ (୪୫) ଓରଫ ବୁଟିଙ୍କ ବିରୋଧରେ ଜାମିନ ବିହୀନ ଫରୱାନ ଜାରି କରାଯାଇଥିଲା । ତେଣୁ ଆଜି ଗାଗନାପୁର ଫାଣ୍ଡି ଅଧିକାରୀ ଏସ.ଆଇ ଚିତ୍ତରଞ୍ଜନ ପ୍ରଧାନ ତଦନ୍ତକାରୀ ଅଧିକାରୀ ଭାବେ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି ବୋଲି ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ଭଉଣୀଙ୍କ ପରେ ଓସିଏସରେ ଭାଇର ସଫଳତା



ଜୟପୁର,୨୭ ।୯ (ସମିସ): ଜୟପୁର ସହରର ବ୍ଲକ କୋଲନୀରେ ଏହିପରି ଏକ ପରିବାର ରହିଛନ୍ତି ଗତ ୨୦୨୩ ମସିହାରେ ଭଉଣୀ ଓଡିଶା ପ୍ରଶାସନିକ ସେବା (ଓସିଏସ) ରେ ସଫଳତା ପାଇଥିବା ବେଳେ ଏହାର ଦୁଇବର୍ଷରେ ପରେ ବର୍ତ୍ତମାନ ୨୦୨୫ମସିଗାରେ ସାନଭାଇଙ୍କୁ ସଫଳତା ମିଳିଛି । ଜୟପୁର ବ୍ଲକରେ ଚତୁର୍ଥ ଶ୍ରେଣୀରେ କାର୍ଯ୍ୟରତ ମହିଳା କର୍ମଚାରୀ ଉମା ମାହେଶ୍ୱରୀ ହିକକାଙ୍କ ପୁଅ ତଥା ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଇଂରାଜୀ ସ୍ନାତକତ୍ତୋର ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର, ସଂଗ୍ରାମ ହିକ୍‌କା ଚଳିତ ବର୍ଷ ରାଜ୍ୟ ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଛନ୍ତି । ଏହିପରି ବିନା କୋଚିଂରେ ପ୍ରଥମ ଚେଷ୍ଟାରେ ହିଁ ରାଜ୍ୟରେ ୩୮୮ ରେଙ୍କ ରଖି ସଫଳତା ପାଇଛନ୍ତି । ନିଷ୍ଠା ଓ ଦୃଢ ଇଚ୍ଛା ଶକ୍ତି ରହିଲେ ସଫଳତା ନିଶ୍ଚୟ ଭାବେ ମିଳିଥାଏ ବୋଲି ଛାତ୍ର ସଂଗ୍ରାମ କହିଛନ୍ତି । ଗତ ୨୦୨୩ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଂଗ୍ରାମଙ୍କ ବଡ଼ ଭଉଣୀ ରାମେଶ୍ୱରୀ ହିକକା ହୋଇ ବର୍ତ୍ତମାନ ସେ ଅତିରିକ୍ତ ଶ୍ରମ ଅଧିକାରୀ ଭାବେ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ କାର୍ଯ୍ୟରତ ଅଛନ୍ତି । ପିଲାଦିନରୁ ବାପା ଛେଉଣ୍ଡ ହୋଇଥିଲେ ସୁଦ୍ଧା ବିଶ୍ୱାସର ସହ ଝିଅ ଓ ପୁଅ ଯେଭଳି ସଫଳ ହୋଇଛନ୍ତି, ତାଙ୍କର ସମସ୍ତ ଦୁଃଖ ଦୂର ହୋଇଯାଇଛି ବୋଲି ମାଁ ଉମା ମାହେଶ୍ୱରୀ କହିଛନ୍ତି । ଏହିପରି ପରିବାର ଦୁଇ ବର୍ଷ ମଧ୍ୟରେ ଦୁଇ ଭାଇ ଓ ଭଉଣୀ ସଫଳତାକୁ ନେଇ ଜୟପୁକ ବିଡ଼ିଓ ଶକ୍ତି ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ବ୍ଲକ କୋଲନୀରେ ରହୁଥିବା ଏହି ପରିବାର ଗୃହରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ ।

## ବନମହୋତ୍ସବ ସମାପନ ସମାରୋହ



ଦାମନଯୋଡି, ୨୭।୯ (ସମିସ): ଶିଳ୍ପାଞ୍ଚଳ ଦାମନଯୋଡିର ଅଗ୍ରଣୀ ସାମାଜିକ ସଂଗଠନ "ରାଷ୍ଟ୍ରଦୀପ ପ୍ରସାର ସମିତି" ପକ୍ଷରୁ ଜୁଲାଇ ମାସ ଠାରୁ ଆରମ୍ଭ ହୋଇଥିବା ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ସେକ୍ଟର-୩ ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ସମାପନ ହୋଇଥିଲା । ସମିତି ସଭାପତି ଇଂ.ପୁରୁଷୋତ୍ତମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ମୁଖ୍ୟବକ୍ତାଙ୍କ ସମେତ ସମ୍ମାନିତ ଅତିଥି ଭାବେ ଆଦିମ ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ମନୁଦେବ, ହରିଦ୍ୱାର ପାତଞ୍ଜଳୀ ଯୋଗ ସମିତିର ସ୍ୱାମୀ ସତ୍ୟଦେବ, ନାଲ୍‌କୋର ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ସୁଗତୋ ଆନନ୍ଦ ବସୁ ଓ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର କମାଣ୍ଡାଣ୍ଟ ସତ୍ୟ ଦେବ ଆର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ । ସମିତି ସମ୍ପାଦକ ଡ. ଜଳେନ୍ଦ୍ର ତ୍ରିପାଠୀ ଚଳିତ ବର୍ଷର "ମାଆଙ୍କ ନାମରେ ଏକ ବୃକ୍ଷ' ସ୍ଲୋଗାନ କୁ ନେଇ ଦୀର୍ଘ ଦୁଇ ମାସ ଧରି ଚାଲିଥିବା ବୃକ୍ଷରୋପଣ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଇତି ଅବସରରେ ପର୍ଯ୍ୟାବରଣ ସୁରକ୍ଷାରେ ବିଶେଷ ଅବଦାନ ପାଇଁ କେତେକ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ।

## ବିଶ୍ୱ ପର୍ଯ୍ୟଟନ ଦିବସରେ କୁଇଜ୍ ପ୍ରତିଯୋଗିତା

ନବରଙ୍ଗପୁର,୨୭।୯ (ସମିସ) :



ସାରା ବିଶ୍ୱରେ ସେପ୍ଟେମ୍ବର ୨୭ ତାରିଖକୁ ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳନ ଅବସରରେ ପର୍ଯ୍ୟଟନ କ୍ଷେତ୍ରର ଗୁରୁତ୍ୱ ତଥା ସ୍ଥାୟୀ ବିକାଶରେ ଏହାର ଭୂମିକା ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ନବରଙ୍ଗପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ବିଦ୍ୟାଳୟସ୍ତର ଏବଂ ମହାବିଦ୍ୟାଳୟସ୍ତର ଭାବେ ଦୁଇଟି ବର୍ଗରେ ବିଭକ୍ତ କରାଯାଇଥିଲା । ବିଦ୍ୟାଳୟ ସ୍ତରର ବିଚାରକ ଭାବେ ପୂଜାରିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାପାତ୍ର ଏବଂ ଡଙ୍ଗରଭେଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଦାୟିତ୍ୱ ନେଇଥିଲେ । ମହାବିଦ୍ୟାଳୟସ୍ତର ପାଇଁ ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀକାନ୍ତ ସଉରା ବିଚାରକ ଭାବେ ରହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଯୋଗ ଦେଇଥିଲେ । ବିଦ୍ୟାଳୟ ସ୍ତରରେ ପ୍ରଥମ ଶ୍ୟାମ ସୁନ୍ଦର ଯାଦବ, ଟେକ୍ନୋ ଗୁରୁକୁଳ ସ୍କୁଲ୍, ଦ୍ୱିତୀୟ ପି. ଧନୁଷ, ଟେକ୍ନୋ ଗୁରୁକୁଳ ସ୍କୁଲ୍, ତୃତୀୟ ଏମ୍. ସୂର୍ଯ୍ୟ ନାରାୟଣ ନାଇଡୁ, ଟେକ୍ନୋ ଗୁରୁକୁଳ ସ୍କୁଲ୍ ଏବଂ ମହାବିଦ୍ୟାଳୟ ସ୍ତରରେ ପ୍ରଥମ ବବିତା ଗଣ୍ଡ, ନବରଙ୍ଗପୁର ନୋଡାଲ ଡିଗ୍ରୀ ମହାବିଦ୍ୟାଳୟ, ଦ୍ୱିତୀୟ ପ୍ରିୟଙ୍କା ମହାପାତ୍ର, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନବରଙ୍ଗପୁର ଓ ତୃତୀୟ ଅମିଶା ଭଟ୍ଟ, ମହିଳା ଡିଗ୍ରୀ ମହାବିଦ୍ୟାଳୟ, ନବରଙ୍ଗପୁର ପୁରସ୍କାର ଗ୍ରହଣ କରିଥିଲେ ।େ ଶଷରେ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘାସିରାମ ହରିଜନ ପର୍ଯ୍ୟଟନର ମହତ୍ୱ ଓ ପ୍ରକୃତି ସହିତ ନିଜକୁ ଯୋଡ଼ିବା ପାଇଁ ଛୁଟିରେ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକ ଭ୍ରମଣ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ସମସ୍ତ ବିଜେତାଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ କାର୍ଯ୍ୟାଳୟର କନିଷ୍ଠ ସହାୟକ ନିରଞ୍ଜନ ନାୟକ, ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆତ୍ମପ୍ରକାଶ ସାହୁ ଏବଂ ଏ. ସନ୍ତୋଷ କୁମାର ପ୍ରମୁଖ ସହଯୋଗ କରିଥିଲେ ।

## କୁନ୍ଦୁଲିରେ ବିଶେଷଜ୍ଞ ଡାକ୍ତରଙ୍କ ସ୍ୱାସ୍ଥ୍ୟ ଶିବିର



ପଟ୍ଟାଙ୍ଗି,୨୭।୯ (ସମିସ): ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁନ୍ଦୁଲି ଠାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁନ୍ଦୁଲିର ଅଧିକାରୀ ଡା. ସମ୍ବିତ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଟି ଆୟୋଜନ କରାଯାଇଥିଲା । ସବୁ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ, ସୁସ୍ଥ ଜୀବନ ଶୈଳୀ ଏବଂ ସ୍ୱାସ୍ଥ୍ୟର ମାନଦଣ୍ଡକୁ ବଜାୟ ରଖିବା ପାଇଁ ଖାଦ୍ୟ ଶୈଳୀ ନେଇ ସଚେତନ, ସ୍ୱାସ୍ଥ୍ୟସେବା ସୁବିଧାରେ ଉପଲବ୍ଧ କରାଇବା ପାଇଁ ଗଭବତୀ ମହିଳା ଏବଂ ଜନ୍ମିତ ଶିଶୁଙ୍କ ପାଇ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା । ଶିବିରକୁ ପଟ୍ଟାଙ୍ଗି ପଞ୍ଚାୟତ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟାବେରିଆ, ବିଧାୟକ ପ୍ରତିନିଧି, ସରପଞ୍ଚ ରୀତା ନାୟକ, ସମିତି ସଭ୍ୟ ରିତୁ ନାୟକ ପ୍ରମୁଖ ଯୋଗଦାନ ଦେଇଥିଲେ । ଏଥିରେ ସେମିଳିଗୁଡ଼ା ବ୍ଲକର ସମସ୍ତ ପଞ୍ଚାୟତରୁ ରୋଗୀ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଅମିତ ବେହେରା, ଡ. ଶୁଭ ସଙ୍କେତ ପରିଡ଼ା,ଡ. ସଂଗ୍ରାମ କେଶରି ସ୍ୱାଇଁ, ଡ. ରୋହିତ ମିଶ୍ର, ଡ. ମିଲନ ଗୁପ୍ତା ଏବଂ ସେମିଳିଗୁଡା ବ୍ଲକର ସୁପରଭାଇଜର ଉପସ୍ଥିତ ଥିଲେ । ବିପିଏମ୍ ମଧୂଳିକା ପାଢ଼ୀ କାର୍ଯ୍ୟକ୍ରମିକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଏଚ୍‌ଇଓ ହରେଶ ଚନ୍ଦ୍ର ପ୍ରଧାନ, ବାମ୍ କୈଳାସ ଚନ୍ଦ୍ର ପରଜା, ବିଡିଏମ୍ ମହେଶ୍ୱେତା ପାଣିଗ୍ରାହୀ, ଭିଭିଡିଟିଏସ୍ ସିମ୍ରନ ପାଣିଗ୍ରାହୀ, ଷ୍ଟାଫନର୍ସ ପ୍ରଣତି ପରିଡ଼ା, ତ୍ରିଲୋଚନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ଆଥଲେଟିକ୍ସରେ ଝରିଗାଁ ଛାତ୍ରଙ୍କୁ ରୌପ୍ୟ ପଦକ



ଉମରକୋଟ,୨୭।୯ (ସମିସ): ରାଞ୍ଚି ଠାରେ ଅନୁଷ୍ଠିତ ୩୬ ତମ ପୂର୍ବ ଜୋନ୍ ଜୁନିଅର ଆଥଲେଟିକ୍ସ ଚାମ୍ପିଅନ୍‌ସିପରେ ଟ୍ରାଇଥଲନ୍ ବିଭାଗରେ ରୌପ୍ୟ ପଦକ ହାସଲ କରି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ବି ଏମ୍ ପଦର ଉଚ୍ଚ ବିଦ୍ୟାଳୟର ଛାତ୍ର ବୈକୁଣ୍ଠ ଭତ୍ରା ରୌପ୍ୟ ପଦକ ହାସଲ ପୂର୍ବକ ଆନ୍ତଃ ଜୋନାଲ୍ ଚାମ୍ପିଅନସିପ୍ ନିମନ୍ତେ ଚୟନ ହୋଇ କେବଳ ଜିଲ୍ଲା ପାଇଁ ଓ ସମଗ୍ର ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି । ସେ ସର୍ବପ୍ରଥମେ ବିଏମ୍ ପଦରର ଏସ.ଏସ.ଡିବି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ବେଳେ କ୍ରୀଡା ଶିକ୍ଷକ ସପନ ବୈରାଗୀଙ୍କ ଠାରୁ ପ୍ରଶିକ୍ଷଣ ନେଉଥିଲେ । ବୈକୁଣ୍ଠଙ୍କର ଏହି ଅପୂର୍ବ ସଫଳତାରେ ଜିଲ୍ଲା କ୍ରୀଡା ସଂଘର ସଭାପତି, ସଂଘର ଉପ ସଭାପତି, ସମ୍ପାଦକ, ସ୍‌ହ ସମ୍ପାଦକ ,ହକି ସମ୍ପାଦକ ତଥା ସମସ୍ତ ସଦସ୍ୟ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ପଟାଙ୍ଗୀରେ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର



ପଟ୍ଟାଙ୍ଗି,୨୭।୯ (ସମିସ): ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗି ଠାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗି ଅଧିକାରୀ ଡା. ଭାଗବତ ମୁର୍ମୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଟି ଆୟୋଜନ କରାଯାଇଥିଲା । ଶିବିରକୁ ପଟ୍ଟାଙ୍ଗି ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପାଙ୍ଗି, ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କ, ସାଂସଦ ପ୍ରତିନିଧି ଶୁକ୍ରା ଖରା ପ୍ରମୁଖ ପ୍ରତିନିଧି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏଥିରେ ପଟ୍ଟାଙ୍ଗି ବ୍ଲକର ସମସ୍ତ ପଞ୍ଚାୟତରୁ ୭୨୫ ଜଣ ରୋଗୀ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିରରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ରାଜେଶ ମହାନ୍ତି, ଶିଶୁ ରୋଗ ବିଶେଷଜ୍ଞ ଡା. ସମନ ନାଇଡୁ, ଭେଷଜ ବିଶେଷଜ୍ଞ ଡ଼ା ସନ୍ତୋଷ ଆଚାର୍ଯ୍ୟ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଡ଼ା ଶାନ୍ତନୁ ରାଉତ, ଡା. ଲିଶା ମଧୁ ତରେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ବିପିଏମ୍ ରଶ୍ମିତା ସନ, ପିଏଚଇଓ ଆରତୀ ଗୁଡ଼ିଆ, ଫାର୍ମାସିଷ୍ଟ ରଞ୍ଜିତ ସ୍ୱାଇଁ, କ୍ଲର୍କ କବିତା ନାୟକ, ବାମ୍ ସହଦେବ ଖରା ବିଡିଏମ୍ ସନ୍ତୋଷ ଦାସ, ମାଲେରିଆ ନିରୀକ୍ଷକ ସୌମ୍ୟ ରଞ୍ଜନ ମିଶ୍ର, ଜନ୍ମ ମୃତ୍ୟୁ କ୍ଲର୍କ ଭାସ୍କର ସେଠୀ ଙ୍କ ସହ ଅନ୍ୟାନ୍ୟ ନର୍ସିଂ ଅଫିସର ପ୍ରତିଭା ସାହୁ, ଦିପ୍ତିମୟୀ ନାୟକ, ହରପ୍ରିୟା ସାହୁ, ଲାବ୍ ଟେକ୍ନିସିଆନ ଚତୁର୍ଥ ଶ୍ରେଣୀ କର୍ମଚାରୀ ଲକ୍ଷ୍ମଣ, ଜଗନ୍ନାଥ,ଅନିଲ,ବାପି, ପଦ୍ମ , ରବୀନ୍ଦ୍ର ସାନିଟାରୀ ଷ୍ଟାଫ ଯତୀନ, ନଗେସ, ମେରିଲିନ, ସୁଶୀଳା, ପବୀ, ପୂର୍ଣ୍ଣିମା, ସାବିତ୍ରୀ, ରୀନା , ମିନା, ଜ୍ୟୋସ୍ନା ଏବଂ ସେକ୍ୟୁରିଟୀ ଷ୍ଟାଫ ଭଗବାନ, କୈଳାଶ, କାର୍ତ୍ତିକ ଏବଂ ଅନ୍ୟ ସମସ୍ତ ଷ୍ଟାଫ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜୟପୁର ଦଶହରା ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ

ଜୟପୁର, ୨୭ ।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଦଶହରା ସାଂସ୍କୃତିକ ମହତ୍ସୋବ କାର୍ଯ୍ୟକ୍ରମ ଶନିବାର ସଂଧ୍ୟାରେ ଶୁଭାରମ୍ଭ ହୋଇଛି । ସ୍ଥାନୀୟ ସୌରାସାହି ଛକ ଠାରେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଆ ସିନେ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ତାଙ୍କର ସଂଗୀତ ପରିବେଷଣ କରିଥିଲେ । ଏହିପରି ତାଙ୍କ ସହିତ କଟକର ମେଲୋଡି ଦ୍ୱାରା ଅନ୍ୟାନ୍ୟ ଗାୟକଓମ୍ୟୁଜିକବାଦକସଂଗୀତପ୍ରଦର୍ଶନକରିଥିଲେ ।ଗାୟୀକ୍ଅନ୍ତରା ଏବଂ ସାଥିକଳାକାରଙ୍କ ସଂଗୀତରେ ଉପସ୍ଥିତ ଦର୍ଶକ ଝୁମି ଉଠିଥିଲେ । ଏଥିରେ ଦଶହରା ମହତ୍ସୋବ କମିଟିର ସଭାପତି ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୌରଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ମହାପାତ୍ର ଏବଂ ବସନ୍ତାୟୀ ପୂଜାକମିଟିର ସଭାପତି ସତିଶ ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ଦୀପ ପ୍ରଜ୍ୱଳନ ସହ ଉଦ୍‌ଘାଟନ କରିଥିଲେ ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଡାବୁଗାଁ, ୨୭।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଥିବା ମୋଟରସାଇକେଲ ମରାମତି ଦୋକାନରେ କାମ କରୁଥିବା ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଛି । ଉମରକୋଟ ଥାନା ଅଧୀନ ଧୋଡ୍ରା - ଭୀମାଗୁଡା ଗ୍ରାମର ଶିବୁ ହରିଜନ (୨୦) ଡାବୁଗାଁ ବ୍ଲକ ସଦର ମହକୁମାରେ ଏକ ମୋଟରସାଇକେଲ ମରାମତି ଦୋକାନରେ ଅପରାହ୍ନ ୩ଟା ସମୟରେ କାମ କରୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ପଡ଼ିଥିଲେ । ପଡୋଶୀ ଦୋକାନୀ ମାନେ ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ମୃତକର ବାପା ମଙ୍ଗୁଲୁ ହରିଜନ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସଆଇ ଚନ୍ଦ୍ର ଶେଖର ହଜାରୀ ଘଟଣାର ତଦନ୍ତ କରୁଛନ୍ତି ।

## ତାଲା ଭାଙ୍ଗି ଘରୁ ଚୋରି

ଜୟପୁର, ୨୭ ।୯ (ସମିସ): ଜୟପୁର ସଦରଥାନା ବାଙ୍ଗବିଜା ଗ୍ରାମ ଠାରେ ବନ୍ଦ ରହିଥିବା ଗୃହର ତାଲା ଭାଙ୍ଗି ଗତ ଗୁରବାର ରାତିରେ ଘର ଭିତରେ ରହିଥିବା ଫ୍ରିଜ, ଖଟ, ଗ୍ୟାସଚୂଲା, ଫ୍ୟାନ୍ , ୩୩ ମିଟର ବିଦ୍ୟୁତ ଚାର ଓ ବୋର୍ଡ ଚୋରି ଅଭିଯୋଗ ହୋଇଛି । ଅଭିଯୋଗକାରୀ ପ୍ରକାଶ ଦୋରା ଅଭିଯୋଗ କରିଛନ୍ତି ଯେ, ସେ ଗତ ଗୁରବାର ନିକଟସ୍ଥ ସାନ ଜିଉନା ଗ୍ରାମକୁ ଯାଇଥିବା ବେଳେ କୌଣସି ଅଜଣା ଦୁର୍ବୃତ ମାନେ ଘରର ତାଲା ଭାଙ୍ଗି ଚୋରି କରିଛନ୍ତି

## ଓସିଏସ ପରୀକ୍ଷାରେ ସଫଳ ତିନିଜଣଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା



କୋରାପୁଟ,୨୭।୯ (ସମିସ): ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବେ ପରିଚାଳିତ ସେମିଳିଗୁଡା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ସିଭିଲ ସର୍ଭିସ କୋଚିଙ୍ଗ କେନ୍ଦ୍ରର ତିନିଜଣ ପ୍ରଶିକ୍ଷାର୍ଥୀ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଛନ୍ତି । ସେମାନଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଶନିବାର ପୂର୍ବାହ୍ନରେ ସମ୍ବର୍ଦ୍ଧନା ଦିଆଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଆସନ୍ତା ଦିନରେ ନିଷ୍ଠାର ସହ ଲୋକଙ୍କ ସେବା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ସେମିଳିଗୁଡା ଭଳି ଉପାନ୍ତ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ସହୀଦ ଲକ୍ଷ୍ମଣ ନାୟକ ସିଭିଲ ସର୍ଭିସ ଅନୁଷ୍ଠାନ ଆରମ୍ଭ କରାଯାଇଥିଲା । ଏହି ଅନୁଷ୍ଠାନରୁ କୃତିତ୍ୱ ହାସଲ କରି ଅନ୍ୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି । ସମ୍ବର୍ଦ୍ଧନା ସମୟରେ ପ୍ରବେସନାରୀ ଆଇଏଏସ୍ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ୧୬୪ ରେଙ୍କରେ ଥିବା ଶୁଭଶ୍ୱତା ମହାରଣା, ୩୬୫ ରେଙ୍କରେ ଥିବା ଅଭିଷେକ ବାବୁ ପେଟିଆ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ, ଫୋଗୁନାଥ ଭୋଇ, ପ୍ରଫେସର କପିଳ ଖେମୁଣ୍ଡୁ, କୋଚ କୋଡିନେଟର ଚନ୍ଦ୍ର ମଣି ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ନେତାଜୀ ଫୁଟବଲ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲ ମ୍ୟାଚ୍‌ରେ ଖେଳାଳିଙ୍କୁ ଉତ୍ସାହିତ କଲେ ପୂର୍ବତନ ବିଧାୟକ

ନନ୍ଦପୁର, ୨୭।୯ (ସମିସ):



ନନ୍ଦପୁର ବ୍ଲକ ଅନ୍ତର୍ଗତ ସଦର ମହକୁମା ନେତାଜୀ ଖେଳ ପଡିଆ ପରିସରରେ ଗତ ସପ୍ତାହ ବ୍ୟାପି ଚାଲିଥିବା ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କ ମନୋବଳ ଦୃଢ କରିବା ସହ ଉଭୟ ଦଳ ଖେଳ ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଥିଲେ ବିଧାୟକ । ସେମି ଫାଇନାଲରେ ମ୍ୟାଚ୍‌ରେ ସୁନାବେଡ଼ା ଇଲେଭେନ ବ୍ରଦର୍ସ ସହ ଲେଞ୍ଜିଗୁଡ଼ା ଦାମନ ଯୋଡ଼ି ମଧ୍ୟ କଡା ସଂଘର୍ଷ ଖେଳ ପ୍ରଦର୍ଶନ ହୋଇଥିଲା । ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଶ୍ରୀ ପଡ଼ାଲଙ୍କ ସହ ସମ୍ମାନିତ ଅତିଥି ବ୍ଲକ ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲରି, ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା, ସେକ ରାଜ ମହମ୍ମଦ, ସେକ ମହମ୍ମଦ, ଲକ୍ଷ୍ମଣ ଖରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଯୁବ ଗୋଷ୍ଠୀ ମଧ୍ୟରେ ସେକ ତାଜୁ, ସେକ ଆକବର, ସେକ ଅଲ୍ଲୀ, ସେକ ମୁସ୍ତାଫା, ସେକ ଗୁଲୁ, ସେକ ଔଜିଦ୍, ସେଲ ଅଲ୍ଲୀ, ସେକ ବାସିର, ସେକ ଫିରଜ୍, ସେକ ସର୍ଫୁ, ସେକ ବୁଟୁ, ସେକ ଇମ୍ରାନ୍, ସେକ ଦିଦର୍ ଅଲ୍ଲୀ, ସେକ ଇଞ୍ଜୁ ପ୍ରମୁଖଙ୍କ ପରିଚାଳନାକୁ ଉଚ୍ଚ ପ୍ରଶଂସା କରିଥିଲେ ପୂର୍ବତନ ବିଧାୟକ ଶ୍ରୀ ପଡ଼ାଲ ।

# ପ୍ରବଳ ବର୍ଷାରେ ବ୍ୟାପକ କ୍ଷୟକ୍ଷତି



ଉମରକୋଟ ୨୭।୯(ସମିସ): ଗତକାଲି ରାତିରେ ପ୍ରବଳ ବର୍ଷାରେ ଉମରକୋଟରେ ବ୍ୟାପକ କ୍ଷୟକ୍ଷତି ହେଇଥିବା ସୂଚନା ମିଳିଛି। ଉମରକୋଟ ସହର ନିକଟସ୍ଥ ବଡ଼ଭରଣ୍ଡି ଠାରେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିରାଟ ଗଛ ଭାଙ୍ଗିଯିବାରୁ ହଷ୍ଟେଲରେ ରହୁଥିବା ଝିଅମାନେ ହଷ୍ଟେଲରୁ ବାହାରି ପାରିଲେ ନାହି। ଖବର ପାଇଁ ଉମରକୋଟ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଗଛକୁ କାଟି ସଫା କରିଥିଲେ। ଡଙ୍ଗରିଗୁଡା ଠାରେ ଥିବା ଶନି ମନ୍ଦିର ଗଳି ରାସ୍ତାରେ ବିରାଟ ଗଛ ଭାଙ୍ଗି ୨ଟି ଆଜବେଷ୍ଟ ଘର ଭାଙ୍ଗିଯାଇଛି। ସରିତା ମାଳିଙ୍କ ୩ ବଖରା ଆଜବେଷ୍ଟ ଘର ଉପରେ ବିରାଟ ଗଛ ଉପୁଡ଼ି ପଡ଼ିବାରୁ ଘରଟି ସମ୍ପୂର୍ଣ ଭାବେ ଭାଙ୍ଗି ଯାଇଛି। ସେହି ଘର ପାଖେ ସୁମନ୍ତ ରାୟଙ୍କ ଆଜେବେଷ୍ଟ ଘର ଉପରେ ଗଛ ପଡିଯିବାରୁ ଆଂଶିକ ଭାବେ ଘରଟି ଭାଙ୍ଗିଯାଇଛି। ଖବର ପାଇଁ ଉମରକୋଟ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଁଚି ଗଛ କାଟି ସଫା କରିଥିଲେ। ପରେ ଉମରକୋଟ ଅତିରିକ୍ତ ଜିଲ୍ଲା ଦଉରା ଜଜ୍‌ଙ୍କ ବଗିଚାରେ ପାଣି ଜମା ହୋଇଥିବାରୁ ଖବର ପାଇ ଉମରକୋଟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପମ୍ପ ଲଗାଇ ଜଳ ନିଷ୍କାସନ କରିଥିଲେ। ସେହିପରି ଧୋଡରା ରାଜସ୍ୱ ନିରୀକ୍ଷକଙ୍କ ଘର ଚାରି ପାଖରେ ପାଣି ଜମି ଏକ ପୋଖରୀର ଭ୍ରମ ସୃଷ୍ଟି କରିଥିଲା। ଖବର ପାଇଁ ଉମରକୋଟ ଅଗ୍ନିଶମ କର୍ମଚାରୀ ମାନେ ପହଞ୍ଚି ପମ୍ପ ଲଗାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଳ ନିଷ୍କାସନ କରିଥିଲେ। ଏହି ସମସ୍ତ କାର୍ଯ୍ୟରେ ଉମରକୋଟ ଅଗ୍ନିଶ୍ରମ ଅଧିକାରୀ ଭାଗିରଥି ବାଣୁଆ, ମୁଖ୍ୟ ଆଗ୍ନିକ ହରିଶଙ୍କର ସୁନାନି, ଡ୍ରାଇଭର ହାବିଲଦାର ଜଗଦୀଶ କାଣ୍ଡ, ଅଗ୍ନି ଯୋଦ୍ଧା ୩୧୪୫ ଯଦୁମଣି କୋକ, ଅଗ୍ନି ଯୋଦ୍ଧା ୨୪୮୪ ଦଶରଥ ସାହୁ, ଅଗ୍ନି ଯୋଦ୍ଧା ୩୮୦୧ ଚନ୍ଦ୍ର ମଣୀ ମେହେର ଓ ଅଗ୍ନି ଯୋଦ୍ଧା ୧୬୦୬ ଟଙ୍କ ସୁନା ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ଏହି ସମସ୍ତ ସହାୟତା କାର୍ଯ୍ୟରେ ସାମିଲ ହୋଇଥିଲେ।

# ବଢୁଛି ଭାସ୍କେଲ ନଦୀର ଜଳସ୍ତର, ବନ୍ୟା ଆଶଙ୍କା

କୋଷାଗୁମୁଡା,୨୭।୯ (ସମିସ)



ନବରଙ୍ଗପୁର ଜିଲ୍ଲାର ବୃହତ୍ ପଞ୍ଚାୟତ ସମିତି କୋଷାଗୁମୁଡ଼ ଏକ ବନ୍ୟା ପ୍ରଭାବିତ ଅଞ୍ଚଳ ଭାବେ ସରକାରଙ୍କ ରେକର୍ଡରେ ରହିଛି। କିନ୍ତୁ ବନ୍ୟା ପ୍ରଭାବିତ କୋଷାଗୁମଡ଼ା ବ୍ଲକର ସେହି ପଞ୍ଚାୟତ ମାନଙ୍କରେ ଗୋଟିଏ ମଧ ବନ୍ୟା ଆଶ୍ରୟସ୍ଥଳୀ ନାହିଁ। ଯାହା ଫଳରେ ବନ୍ୟା ପ୍ରଭାବିତ ଲୋକ ବହୁ ଦିନରୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ, ସ୍ଥାନୀୟ ଲୋକଙ୍କ ଲିଖିତ ପତ୍ର ପଡିରହିଛି। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବର୍ତ୍ତମାନ ଏହି ସେପ୍ଟେମ୍ବର ମାସରେ ଶ୍ରାବଣ ମାସର ମୁଷଳ ଧାରା ଲଗାଣ ବର୍ଷାରେ ବନ୍ୟା ଅଞ୍ଚଳରେ ଥିବା ସାଧାରଣ ଗରିବ ଲୋକ, ଚାଷୀ, ବୁଢ଼ାବୁଢ଼ୀ, ଛୋଟ ପିଲା, ଗର୍ଭବତୀ ମହିଳା, ଛାତ୍ର ଛାତ୍ରୀ, ଦିନ ଖଟିଖିଆ ମଜୁରିଆ ମାନେ କିଭଳି ଭାବେ ନିଜ ନିଜର ସ୍ୱାସ୍ଥ୍ୟ, ଖାଦ୍ୟ, ପାନୀୟ ଜଳ ପାଇବା ସହ ସୁରକ୍ଷିତ ସ୍ଥାନରେ ରହିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶନିବାର ଦିପ୍ରହର ଠାରୁ ରବିବାର ଦିନ ସାରା ଉପର ମୁଣ୍ଡରେ ଦୁଇଦିନ ଧରି ଲଗାଣ ବର୍ଷା ଲାଗି ରହିଛି। କୋଷାଗୁମୁଡାର ଭାସ୍କେଲ ନଦୀର ଜଳସ୍ତର ବଢିବାରେ ଲାଗିଛି। ସନ୍ଧ୍ୟା ସୁଦ୍ଧା ଭାସ୍କେଲ ନଦୀର ଜଳସ୍ତର ପ୍ରାୟ ସାଢେ ଦୁଇ ଫୁଟ ତଳକୁ ରହିଥିବା ନେଇ ଅବବାହିକାରେ ଥିବା ଗାଁ ଗୁଡିକର ନଦୀ କୂଳରେ ଥିବା ଚାଷ ଜମିରେ ବନ୍ୟା ଜଳର ଆଶଙ୍କା କରିଛନ୍ତି। ଅନ୍ୟପଟେ ଏଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କତା ଜାରି କରାଯାଇଛି। ଉପର ମୁଣ୍ଡରେ ଲଗାଣ ବର୍ଷା ହେଲେ ପ୍ରତିବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥାଏ। ଉମରକୋଟ ଓ ଡାବୁଗାଁ ବ୍ଲକରେ ଲଗାଣ ବର୍ଷା ସହ କୋଷାଗୁମୁଡା ବ୍ଲକରେ ଲଗାଣ ବର୍ଷା ଫଳରେ ଭାସ୍କେଲ ନଦୀ ଅବବାହିକାରେ ଥିବା ବନ୍ୟା ପ୍ରଭାବିତ ଗ୍ରାମ ବିଏମ. ସେମଳା ପଞ୍ଚାୟତର କେରାଣ୍ଡିମାଳ, ବାକଟିଗୁଡା, ଉକିଆପାଲି ପଞ୍ଚାୟତର ବରଗାଁ, ହରଦଳି,ଘାଟବାସୁଲି, କୋଷାଗୁମୁଡ଼ା ପଞ୍ଚାୟତର ରୁଣୀଗୁଡ଼ା, କୋଷାଗୁମୁଡ଼ା, ସନ୍ତୋଷପୁର, ଗାଁ ଗୁଡ଼ିକରେ ନଦୀର ଜଳସ୍ତର ପ୍ରାୟ ସାଢେ ୨ ଫୁଟ ତଳକୁ ରହିଛି। ରାତିରେ ବର୍ଷା ଯଦି ଜାରି ରେ. ତେବେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଥିବା ଗ୍ରାମବାସୀମାନେ ଆଶଙ୍କା ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ପକ୍ଷରୁ ଏଥିପାଇଁ ସଜାଗ ରହିବା ସହ ସ୍ୱତନ୍ତ୍ର ଟିମ ଦ୍ୱାରା ଅନୁଧ୍ୟାନ କରାଯାଉଛି।

# ଓସିଏସ୍ ପରୀକ୍ଷାରେ ଅଭିଷେକଙ୍କ ସଫଳତା



ନନ୍ଦପୁର,୨୭।୯(ସମିସ): ଓସିଏସ ପରୀକ୍ଷାରେ କୃତିତ୍ୱ ହାସଲ କରି ନନ୍ଦପୁର ପାଇଁ ଗୌରବ ଆଣିଛନ୍ତି କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକୀମ ପୁଟ ଗ୍ରାମପଞ୍ଚାୟତ ଅଧୀନ ଖୁଲୁଆ ମାଲିପୁଟ ଗ୍ରାମର ଅଭିଷେକ ପେଟିଆ। ସେ ୩୬୫ ର୍‌ୟାଙ୍କ ରଖିଛନ୍ତି। ଏହା ପୂର୍ବରୁ ତାଙ୍କ ବଡ଼ ଭଉଣୀ ପି ମନସ୍ମିତା ମଧ ଓଏଏସ୍ ପାଇଥିଲେ। ଏବେ ସେ କୁନ୍ଦ୍ରା ବ୍ଲକର ବିଡ଼ିଓ ଭାବେ କାର୍ଯ୍ୟ କରୁଛନ୍ତି। ସେ ଆଇନଜୀବୀ ତଥା ଆଦିବାସୀ ସଂଘର ସଭାପତି ଭଗବାନ ପେଟିଆ, ମାତା ସୁମିତ୍ରା ପେଟିଆଙ୍କ କନିଷ୍ଠ ପୁତ୍ର । ଏହି ସଫଳତା ନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ସେମିଳିଗୁଡା ମହାବିଦ୍ୟାଳୟରରେ ଆଲୋଚନାଚକ୍ର




ସେମିଳିଗୁଡ଼ା,୨୭।୯ (ସମିସ): କୋରାପୁଟ ସେମିଳିଗୁଡା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଆୟୋଜନ ହୋଇଯାଇଛି। ଏହି ଅବସରରେ ନବାଗତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। "ନିର୍ବାଚନ ଆୟୋଗ ଏକ ମୁକ୍ତ ଓ ନିରପେକ୍ଷ ନିର୍ବାଚନର ରକ୍ଷକ କି?" ବିଷୟରେ ହୋଇଥିବା ଏହି ସେମିନାରରେ ମୁଖ୍ୟ ଅତିଥି ଭାବରେ ବକ୍ତୃତା ଦେଇଥିଲେ ଜଣାଶୁଣା ଶିକ୍ଷାବିତ୍ ଚିତ୍ତରଞ୍ଜନ ମିଶ୍ର। ଅଧ୍ୟାପକ ନିରଞ୍ଜନ ପୋଡ଼ ନିର୍ବାଚନ ଆୟୋଗକୁ କ୍ରିକେଟ ମ୍ୟାଚର ଅମ୍ପାୟାର ସହିତ ତୁଳନା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଝାନ୍ସୀ ସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ନିର୍ବାଚନ ଆୟୋଗ କିପରି ବିଭିନ୍ନ ସଂସ୍କାର ଓ ନୂତନ ପ୍ରଯୁକ୍ତି ବିଦ୍ୟା ଆପଣେଇ ନିର୍ବାଚନକୁ ଅଧିକ ସ୍ୱଚ୍ଛ ଓ ବିଶ୍ୱସନୀୟ କରିଛି, ତାହା ବିସ୍ତୃତ ଭାବରେ ବୁଝାଇଥିଲେ। ଏହି ସେମିନାରରେ ବିଭାଗର ଛାତ୍ରଛାତ୍ରୀଙ୍କ ତରଫରୁ ତାଙ୍କର ଲିଖିତ ପ୍ରବନ୍ଧ ଉପସ୍ଥାପନା କରାଯାଇଥିଲା। ଆଙ୍କିତା, ପ୍ରଶାନ୍ତ, ଶୁଭଙ୍କର ଓ ସ୍ମୃତି ପ୍ରମୁଖ ଛାତ୍ରଛାତ୍ରୀମାନେ ନିର୍ବାଚନ ଆୟୋଗର ଗଠନ, କାର୍ଯ୍ୟ, ମଡେଲ କୋଡ୍ ଅଫ୍ କଣ୍ଡକ୍ଟ ଆଦି ବିଭିନ୍ନ ଦିଗ ଉପରେ ତାଙ୍କର ମତାମତ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଅଧ୍ୟାପିକା ରୋନାଲୀ ନାୟକ ଓ ଅଧ୍ୟାପକ ସଙ୍ଗୀତ ପଣ୍ଡା। ଶେଷରେ ବରିଷ୍ଠ ଅଧ୍ୟାପିକା ଗୀତା ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୨ ଗଞ୍ଜେଇ ଚାଲାଣକାରୀ ଗିରଫ



କୋରାପୁଟ,୨୭।୯(ସମିସ): ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ କୋରାପୁଟ ରେଳବାଇ ପୁଲିସ ଦ୍ୱାରା ଦୁଇ ଜଣଙ୍କୁ ଗିରଫ କରା ଯାଇଥିବା ଜିଆରପି ଥାନା ଭାରପ୍ରାପ୍ତା ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ଗିରଫ ଦୁଇଜଣ ଜରଟି ଗ୍ରାମର ରାମ ଟାକ୍ରୀ ଓ ବିଶିଂପୁର୍ ଅଞ୍ଚଳର ନବୀନ ପୂଜାରୀ ବୋଲି ଜଣା ପଡ଼ିଛି। ହାଇଦ୍ରାବାଦକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ କୋରାପୁଟ ରେଳ ଷ୍ଟେସନରୁ ଦୁଇ ଜଣ ଗିରଫ ହୋଇଥିଲେ। ଗିରଫ ଦୁଇଜଣଙ୍କୁ ଜେରା କରିବା ପରେ ସେମାନଙ୍କୁ ରାମ ଟାକ୍ରୀ ଏବଂ ନବୀନ ପୂଜାରୀ ଗଞ୍ଜେଇ ଯୋଗାଇ ଦେଇଥିବା କହିଥିଲେ। ଉଭୟଙ୍କ ମୋବାଇଲ ଫୋନ ଟ୍ରାକିଂ କରି ଆଜି ସେମାନଙ୍କୁ ଗିରଫ କରିବାରେ ଜିଆରପି ସଫଳତା ପାଇଥିଲା। ଉଭୟଙ୍କୁ ଗଞ୍ଜେଇ ବ୍ୟବସାୟ କରୁଥିବା ଅଭିଯୋଗରେ କୋର୍ଟ ଚାଲାଣ କରା ଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆ ଯାଇଥିବା ଜିଆରପି ଥାନା ଅଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

● ତିନି ମାସ ହେଲା ଦରମା ମିଳୁନି

# ଧାରଣା ଚେତାବନୀ ଦେଲା ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ

ବୈପାରୀଗୁଡ଼ା,୨୭।୯(ସମିସ):



ତିନି ମାସର ଦରମା ଦାବି କଲା ଆଉଟ୍ ସୋର୍ସିଂ କର୍ମଚାରୀ ସଂଘ। ବକେୟା ନ ମିଳିଲେ ଆଗାମୀ ଦିନରେ ଧାରଣା ଚେତାବନୀ ଦେଲା ସଂଘ। ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ସଂଘ ସଭପତି ସଦା ଯାନୀଙ୍କ ନେତୃତ୍ୱରେ କାର୍ଯ୍ୟରତ ଆଉଟ୍ ସୋର୍ସିଂ କର୍ମଚାରୀ ଏଭଳି ଚେତାବନୀ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀଙ୍କ ତଥା ସୁଇପର, ଏଟେଡାଣ୍ଟ, ସିକ୍ୟୁରିଟି ଗାର୍ଡ ଓ ଏଲ୍‌ଟି ସର୍ଭିସ୍ କର୍ମଚାରୀ ସମୁଦାୟ ୩୬ ଜଣ କାର୍ଯ୍ୟରତ ରହିଛନ୍ତି । ସେମାନଙ୍କୁ ତିନି ମାସ ହେଲା ଦରମା ମିଳି ନାହିଁ । ଯାହାଦ୍ୱାରା ପରିବାର ଚଳଣିରେ ଦେଖାଦେଉଛି, ନବରାତ୍ରି ପୂଜା ଆରମ୍ଭ ହୋଇଯାଇଛି । କିନ୍ତୁ ଦରମା ପ୍ରଦାନ ବ୍ୟବସ୍ଥା କରାଗଲା ନାହିଁ। ଏଣୁ ଆଗାମୀ ଦିନରେ ସମସ୍ତ କର୍ମଚାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ବିଏସ୍‌ଏନ୍‌ଏଲର ୪-ଜି ନେଟୱର୍କ ଆରମ୍ଭ



ବୈପାରୀଗୁଡ଼ା,୨୭।୯(ସମିସ): ଆଜିଠାରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶୈବ ପୀଠ ଗୁପ୍ତେଶ୍ୱର ଠାରେ ୪-ଜି ନେଟୱର୍କ ଆରମ୍ଭ ହୋଇଛି। ଝାରସୁଗୁଡ଼ା ଅମଲିପାଲି ପଡ଼ିଆରୁ ବିଏସ୍‌ଏନ୍‌ଏଲର ସ୍ୱଦେଶୀ ୪-ଜି ନେଟୱର୍କ ସେବା ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ଅବସରରେ ଦକ୍ଷିଣ ଓଡ଼ିଶାର ଗୁପ୍ତେଶ୍ୱର ପୀଠରେ ବିଏସଏନଏଲର ସ୍ୱଦେଶୀ ୪ଜି ନେଟୱର୍କ ଆରମ୍ଭ ହୋଉଛି। ଗୁପ୍ତେଶ୍ୱର ପୀଠରେ ଭରଚୁଆଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା। ପୀଠରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ କୋଟପାଡ଼ ବିଧାୟକ ରୁପୁ ଭତ୍ରା । ଏହି ଅବସରରେ ବିଧାୟକ କହିଛନ୍ତି ଯେ, ପୀଠରେ ଆଉ ରହିବ ନାହିଁ ନେଟୱାର୍କ ସମସ୍ୟା। ନେଟୱର୍କ ସମସ୍ୟା ଯୋଗୁଁ ହନ୍ତସନ୍ତ ହେଉଥିଲେ ପର୍ଯ୍ୟଟକ। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ଶକ୍ତି ମହାପାତ୍ର, ତହସିଲ ସ୍ନିଗ୍ଧା ରାଣୀ ଚୌଧୁରୀ, ବିଏସଏନଏଲ ପ୍ରିନ୍ସପାଲ ଜେନେରାଲ ମେନେଜର ରଞ୍ଜିତ କୁମାର ସାହୁ, ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ସରପଞ୍ଚ ପଦ୍ମା ଦୁରୁଆ, ସମିତି ସଭ୍ୟ ବିଭୀଷଣ ହନ୍ତାଳ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରରେ ବିଧାୟକ ପ୍ରତିନିଧି ସିଏଚ ପ୍ରଭାକର ରାଓ, ଜିଲ୍ଲା ବିଜେପି ସମ୍ପାଦକ ଚନ୍ଦ୍ର ଶେଖର ରଥଙ୍କ ସମେତ ବିଜେପି ଦଳର ସମସ୍ତ କର୍ମୀ ଅଂଶଗ୍ରହଣ କରିଥିବା ବେଳେ ବୈପାରୀଗୁଡା ଥାନା ଅଧିକାରୀ ଡମ୍ବୁରୁ ବାତ୍ରିଆଙ୍କ ସମେତ ପୁଲିସ ପ୍ରଶାସନ କର୍ମଚାରୀ ଉପସ୍ଥିତି ଥିଲେ।

● ଫେଲ୍‌ମାରିଲା ପାଣିପାଗ ବିଭାଗର ରେଡ୍ ୱାର୍ଣ୍ଣ

# ଦିନସାରା ଢ଼ହଢ଼ହ ଖରା

କୋରାପୁଟ,୨୭।୯(ସମିସ) କୋରାପୁଟରେ ପ୍ରବଳ ବର୍ଷା ହେବ ବୋଲି ଜିଲ୍ଲା ପାଇଁ ରେଡ଼ ଓାର୍ଣ୍ଣ ଜାରି କରିଥିଲା ରାଜ୍ୟ ପାଣିପାଗ ବିଭାଗ। ଏପରିକି ଭିସି ମାଧ୍ୟମରେ ତନାଘନା ବି କରିଥିଲେ ରାଜ୍ୟ ସରକାର। କିପରି ଭାବେ ମୁକାବିଲା କରାଯିବ ତାକୁ ନେଇ ପୂର୍ବପ୍ରସ୍ତୁତି ହୋଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ଖୋଦ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ। ବ୍ଲକ ଓ ପୌରାଞ୍ଚଳ ପାଇଁ ଟୋଲ ଫ୍ରି ନମ୍ବର ଜାରି ହୋଇଥିଲା। ତହସିଲ ଓ ବ୍ଲକ ସ୍ତରରେ ପୁଲିସ ଏବଂ ଅଗ୍ନିଶମ ସହ ଓଡ୍ରାଫ ମଧ ସଜାଗ ଥିଲେ। କିନ୍ତୁ ରେଡ ଓାର୍ଣ୍ଣରେ ବର୍ଷା ବଦଳରେ ହେଲା ଡହ ଡହ ଖରା। ଅବଶ୍ୟ ସ୍କୁଲ ଓ ଅଙ୍ଗନବାଡି ବନ୍ଦ ରଖାଯାଇଥିଲା। କିନ୍ତୁ ସାଧାରଣ ଜନଜୀବନ ଖରାରେ ଆଉଟପାଉଟ ହେଉଥିବା ଦେଖିବାକୁ ମିଳିଥିଲା। ସାଧାରଣତଃ ଓଡିଶାରେ ଯେ କୌଣସି ଦିଗରେ ଲଘୁଚାପ ସୃଷ୍ଟି ହେଲେ କୋରାପୁଟରେ ବର୍ଷା ହୁଏ। ଏଥର କିନ୍ତୁ ପାଣିପାଗ ବିଜ୍ଞାନୀଙ୍କ ଆକଳନ ଓଲଟା ଥିଲା। କୋରାପୁଟ ଜିଲ୍ଲା ପାଇଁ ଲଘୁଚାପ ଜନିତ ସୃଷ୍ଟି ବଳୟରେ ରେଡ ଓାର୍ଣ୍ଣ ଜାରି ହୋଇଥିଲେ ବି ବର୍ଷା ନହେବା ପାଣିପାଗ ଆକଳନକୁ ନେଇ ସହରବାସୀ ଦ୍ୱନ୍ଦରେ ପଡିଛନ୍ତି। ଜୁ ଜୁ ବର୍ଷାରେ ପିଲାମାନେ ସ୍କୁଲ ଯାଉଥିବା ବେଳେ ଧୁ ଧୁ ଖରାରେ ସ୍କୁଲ ଛୁଟିକୁ ନେଇ ଅଭିଭାବକ ମାନେ ଆଲୋଚନାର ପ୍ରସଙ୍ଗ କରିଛନ୍ତି।

# ବିଦେଶୀ ମଦ ଜବତ, ଜଣେ ଗିରଫ

ଜୟପୁର,୨୭।୯ (ସମିସ): ଜୟପୁର ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ସହରର ଗୋଡିଆ ମାଳି ସାହି ଠାରେ ବେଆଇନ ବିଦେଶୀ ମଦ ଚାଲାଣ କରାଯାଉଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଗୋଡିଆ ଧୋବା ସାହିର ସୁରେଶ ଚନ୍ଦ୍ର ନାୟକ (୩୯)। ଅଭିଯୁକ୍ତଙ୍କ ନିକଟରୁ ୬ ଲିଟର ୩୦୦ ମିଲି ବେଆଇନ ବିଦେଶୀ ମଦ ଜବତ କରାଯାଇଛି। ଆଜି ପୂର୍ବାହ୍ନରେ ଅବକାରୀ ଥାନା ଅଧିକାରୀ ସୁବ୍ରତ ହିରନଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିବା ବେଳେ ଅନ୍ୟ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

# ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ




ଜୟପୁର,୨୭।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ରଣ୍ଡାପାଲ୍ଲୀ ସ୍ଥିତ ଜୟପୁର କଲେଜ ଅପ୍ ଫାର୍ମାସୀ ପକ୍ଷରୁ ବିଶ୍ୱ ଫାର୍ମାସୀ ଦିବସ ଶନିବାର ପାଳନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଫାର୍ମାସିଷ୍ଟ ରାଜେନ୍ଦ୍ର ସାହୁ ଯୋଗ ଦେଇ ନିଜ ବକ୍ତବ୍ୟ ମାଧ୍ୟମରେ ତାଙ୍କର ଚାକିରିରେ ୩୪ ବର୍ଷର ଅଭିଜ୍ଞତା ପ୍ରକାଶ କରିବା ସହ ସମସ୍ତେ ଜଣେ ଜଣେ ଉତ୍ତମ ଫାର୍ମାସିଷ୍ଟ ହେବାକୁ ପରାମର୍ଶ ଦେଇଥିଲେ। ଏହିଅବସରରେକଲେଜରଅଧ୍ୟକ୍ଷାଡ. ପ୍ରିୟମ୍ବଦାଷଡଙ୍ଗୀ, ଅଧ୍ୟକ୍ଷଡ. ସତ୍ୟବ୍ରତ ଜେନା, ଉପାଧ୍ୟକ୍ଷ ଡ. ସଂଗ୍ରାମ କେଶରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହିବା ସହ ଫାମାସିଷ୍ଟ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସଂଯୋଜିକା ମାନସୀ ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଲେଜର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ପାଇକ୍ ସମାଜର ଖଣ୍ଡା ପୂଜା

ପୋଡ଼ାଗଡ଼,୨୭।୯(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତର ନୂଆଗୁଡ଼ା ଗ୍ରାମରେ ପାଇକ ସମାଜର ଖଣ୍ଡା ବା ଖଡ୍‌ଗ ପୂଜା ଅନୁଷ୍ଠିତ ହୋଇଯାଇଛି। ପାଇକ ସମାଜର ସଭାପତି ଶ୍ରୀକାନ୍ତ ରାୟଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲାର ସମସ୍ତ ପାଇକ ଭାଇ ଭଉଣୀ ମାନେ ଉପସ୍ଥିତ ଥିଲେ। ନିଜ ସମାଜର ଅଧିଷ୍ଠିତ ଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା ସହ ନିଜ ନିଜ ପାଖରେ ଥିବା ଖଣ୍ଡା ବା ଖଡ୍‌ଗକୁ ପୂଜା କରିଥିବା ଦେଖାଦେଇଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପାଇକ ଜାତିର ଲୋକେ ଆଜି ସକାଳ ୧୦ଘଣ୍ଟା ସମୟରେ ପୋଡ଼ାଗଡ ସ୍ଥିତ ନୁଆଗୁଡା ଗ୍ରାମର ତଟାରେ ଏକତ୍ରିତ ହୋଇ ଥିଲେ। ପ୍ରତ୍ୟେକ ଗାଁରୁ ଆସିଥିବା ଗ୍ରାମଦେବୀ ମାନଙ୍କୁ ପୂଜା ଅର୍ଚ୍ଚନା କରିବା ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଜିଲ୍ଲା ଉପ ସଭାପତି ରାଜେନ୍ଦ୍ର ରାୟ । ଜିଲ୍ଲା ଉପ ଦେଷ୍ଟା ସୁବାସ ରାୟ ଦୁର୍ଯ୍ୟଧନ ଲମତା, ସଭାପତି ଟୁଙ୍କୁ ଜେନା, ସୀତାରାମ ରାୟ ପ୍ରମୁଖ ଉପସ୍ଥିତ ଥାଇ କାର୍ଯ୍ୟ ସମ୍ପାଦନା କରିଥିଲେ।

# ସବୁଜିମା ଉତ୍ପାଦନ କମ୍ପାନୀର ସାଧାରଣ ପରିଷଦ ବୈଠକ

ବୈପାରିଗୁଡ଼ା,୨୭।୯(ସମିସ):



ବୈପାରିଗୁଡା ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ପାଠାଗାର ଠାରେ ସବୁଜିମା ଉତ୍ପାଦନ କମ୍ପାନୀର ୧୦ମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ଅଧକ୍ଷା ମଣୀ ମାଝୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ପ୍ରବର୍ତ୍ତିକା ଏବଂ ନିର୍ଦ୍ଦେଶିକା ସମେତ ୮୫୦ରୁ ଊର୍ଦ୍ଧ୍ୱ ଅଂଶୀଦାର ଯୋଗଦେଇଥିଲେ। ସିୱାଇଏସଡିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ନାୟକଙ୍କ ସଂଯୋଜନାରେ ଦକ୍ଷିଣାଞ୍ଚଳ ମୁଖ୍ୟ ରମେଶ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ବୈଠକରେ ବାର୍ଷିକ ବିବରଣୀ ପଠନ ସହ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୧ କୋଟି ୭୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଦେଣନେଣ ହୋଇଥିବା ବେଳେ ୨୨ ଲକ୍ଷ ଟଙ୍କା ଲାଭ ହୋଇଥିବା କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଏହି ଲାଭାଂଶକୁ ମୂଳ ଅଂଶୀଦାର ୩ ଶହ ଜଣକୁ ବିହନ ଶସ୍ୟ ଆକାରରେ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ପାଇଁ ନୂତନ ପ୍ରବର୍ତ୍ତିକା ଏବଂ ନିର୍ଦ୍ଦେଶିକା ଚୟନ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୨ କୋଟି ଟଙ୍କାର ବ୍ୟବସାୟ କରିବା ପାଇଁ ସାଧାରଣ ପରିଷଦରେ ଅନୁମୋଦନ ହୋଇଛି। ବୈଠକରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ବୈପାରିଗୁଡାର ତ୍ରିଲୋଚନ ପାଢ଼ୀ ଏବଂ ମିଶନ ଶକ୍ତି ବିଭାଗର ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ବିନୋଦ ବିଷୋୟୀ, ସିୱାଇଏସଡିର କର୍ମୀ ଓ କମ୍ପାନୀର କର୍ମୀ ଉପସ୍ଥିତ ଥିଲେ। ଉତ୍ପାଦନ ବୃଦ୍ଧି ଓ ବଜାରୀକରଣ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁକ୍ତା ରାମପୁରିଆଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।




ସୃଜନିକା

ସକାଳ
THE SAKALA
www.sakalaepaper.com

# ଅସ୍ପୃଶ୍ୟ



ମୂଳ ଇଂରାଜୀ : ରସ୍କିନ୍ ବଣ୍ଡ
ଅନୁବାଦ : ପ୍ରଦ୍ୟୁମ୍ନ ପଟ୍ଟନାୟକ



ଝାଡୁଦାର ପିଲାଟି ଦ୍ୱାରରେ ଟଙ୍ଗା ହୋଇଥିବା ବେଣାଚେର ମସିଣା ଉପରେ ପାଣି ଛାଟି ଦେବାରୁ କିଛି ସମୟ ପାଇଁ ପବନ ଥଣ୍ଡା ହୋଇଗଲା । ମୁଁ ମୋ ଖଟ ଧାରରେ ବସି ଖୋଲା ଝରକାରେ ଦି' ପହରରେ ଜଳୁଥିବା ଧୂଳି ରାସ୍ତାକୁ ଦେଖୁଥାଏ । ଗୋଟିଏ ମଟର କାର ଚାଲିଯିବା ପରେ ରାସ୍ତାର ଧୂଳି ତରଙ୍ଗାୟିତ ହୋଇ ମେଘ ଭଳି ଉଡ଼ିବାକୁ ଲାଗିଲା ।

ମୋ ବାପା ମେଲେରିଆରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ପଡ଼ିବାରୁ ରାସ୍ତା ସେପଟର ପଡ଼ୋଶୀଙ୍କୁ ମୋ' ଦାୟିତ୍ୱ ଦେଇ ଯାଇଥାନ୍ତି । ମୁଁ ତାଙ୍କ ସହ ରହିବା ଏବଂ ତାଙ୍କ ଘରେ ଶୋଇବା କଥା । କେବଳ ଖାଇବା ବ୍ୟତୀତ ମୁଁ କିନ୍ତୁ ତାଙ୍କ ଠାରୁ ଦୂରେଇ ରହୁଥିଲି । ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେ ମୋତେ ଭଲ ଲାଗୁନଥିଲେ ।

ଗୋଟେ ସପ୍ତାହରୁ ଅଧିକ ହେବ ମୁଁ ସହର ବାହାରେ, ଜଙ୍ଗଲ ପାଖରେ ଥିବା ନାଲି ଇଟାର ବଙ୍ଗଳାରେ ଏକୁଟିଆ ରହୁଥିଲି । ରାତିରେ ଝାଡୁଦାର ପିଲା ମୋତେ ଜଗି ରହୁଥିଲା । ରୋଷେଇ ଘରେ ଶୋଉଥିଲା । ତା' ବ୍ୟତୀତ ମୋର କେହି ସାଥୀ ନଥିଲେ । ପଡ଼ିଶାରେ ଥିବା ପିଲାମାନେ ମୋତେ ଭଲ ଲାଗୁ ନଥିଲେ କି ମୁଁ ତାଙ୍କୁ ଭଲ ଲାଗୁ ନଥିଲି । ତାଙ୍କ ମା' ମୋତେ ଝାଡୁଦାର ପିଲା ସହ ଖେଳିବାକୁ ମନା କରି କହିଲେ, "ସେ ଅସନା, ତାକୁ ଛୁଁ ନା । ମନେରଖ, ସେ ଜଣେ ଚାକର । ତୁ ଆସି ଆମ ପିଲାଙ୍କ ସହ ଖେଳ ।" ମୁଁ ଝାଡୁଦାର ପିଲା ସହ ଖେଳୁ ନଥିଲି କି ତାଙ୍କ ପିଲାଙ୍କ ସହ ବି ଖେଳିବାକୁ ଇଚ୍ଛା କରୁନଥିଲି । ମୁଁ ମୋ ବିଛଣାରେ ବସି ବସି ସପ୍ତାହ ସାରା ମୋ' ବାପାଙ୍କର ଆସିବାକୁ ଅପେକ୍ଷା କରୁଥିଲି ।

ଗୋଟିଏ ବାଲଟିକୁ ଠଣ ଠାଣ କରି ଝାଡୁଦାର ପିଲା ଦିନସାରା ଘରୁ ପୋଖରୀ ଯାଏ ବାରମ୍ବାର ଯିବା ଆସିବା କରୁଥାଏ । ସେ ବି ମୋ ଭଳି ଦଶ ବର୍ଷର । ଛୋଟ ଛୋଟ ଚୁଟି, ଧଳା ଦାନ୍ତ ଏବଂ ଧୂଳି ମଳି ହାତ, ପାଦ ଓ ମୁହଁ । ଗାଢ଼ ବାଦାମୀ ରଙ୍ଗର ଦେହରେ କେବଳ ଖଣ୍ଡେ ଖାକି ପ୍ୟାଣ୍ଟ ବ୍ୟତୀତ ସାରା ଦେହ ଫୁଙ୍ଗୁଳା । ସବୁ ଥର ପୋଖରୀରୁ ପାଣି ଆଣିବା ବେଳେ ସେ ଗାଧୋଇ ପଡୁଥାଏ । ତା' ମୁଣ୍ଡରୁ ଗୋଡ଼ ଯାଏ ଝରୁଥିବା ପାଣି ଧାର ଚକ୍ ଚକ୍ କରୁଥାଏ ।

ମୁଁ ଝାଳରେ ବୁଡ଼ି ଯାଉଥାଏ । ପୋଖରୀରେ ଗାଧୋଇବା ମୋ' ପାଇଁ ଥିଲା ନୀଚସ୍ତରର, ଯେଉଁଠି ମାଳି, ପାଣି ବୁହାଳୀ, ରୋଷେୟା, ଆୟା, ଝାଡୁଦାର ଏବଂ ତାଙ୍କ ପିଲାମାନେ ଏକାଠି ହେଉଥିଲେ । ମୁଁ ଜଣେ ସାହେବ ଘର ପିଲା ହୋଇଥିବାରୁ ଚାକରମାନଙ୍କ ପିଲାଙ୍କ ସହ ମୋର ଖେଳିବା କଥା ନୁହଁ । କିନ୍ତୁ ମୁଁ ସ୍ଥିର କରିଥିଲି ଅନ୍ୟ ସାହେବ ପିଲାମାନଙ୍କ ସହ ବି ନଖେଳିବାକୁ, କାରଣ ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେମାନେ ମୋତେ ଭଲ ଲାଗୁ ନଥିଲେ ।

ବସି ବସି ମୁଁ ଝରକା କାଚରେ ମାଛି ଭଣ ଭଣ ହେବା, ଝିଟିପିଟି ଲୁଚିଯିବା ଏବଂ ପବନରେ ଶୁଖିଲା ଫୁଲଗୁଡ଼ିକ ଏଣେ ତେଣେ ଉଡୁଥିବା ଦେଖୁ ଥିଲି । ଝାଡୁଦାର ପିଲାଟି ଖେଳିବା ଢଙ୍ଗରେ ଆସି ସାଲ୍ୟୁଟ୍ କଲା । ମୁଁ ତା' ଆଡ଼କୁ ନଚାହିଁ କହିଲି, 'ପଳା ଯା!' ସେ ରୋଷେଇ ଘରକୁ ଚାଲି ଗଲା । ମୁଁ କୋଠରି ପାର ହୋଇ ଟୋପି ଥାକରୁ ମୋ ଖରା ଟୋପି ଉଠାଇ ଆଣିଲି । ଗୋଟେ ବିଛା କାନ୍ଥରୁ ପଡ଼ି ତଳେ ଚାଲିବାକୁ ଲାଗିଲା । ମୁଁ ଡରି ଯାଇ ଖଟ ଉପରକୁ ଡେଇଁ ପଡ଼ି ସାହାଯ୍ୟ ପାଇଁ ପାଟି କଲି ।

ଝାଡୁଦାର ପିଲା ତୀର ବେଗରେ ଛୁଟି ଆସିଲା । ସେ ମୋତେ ଖଟ ଉପରେ ଓ ବିଛାକୁ ଚଟାଣରେ ଦେଖି ଥାକରୁ ଗୋଟେ ବଡ଼ ବହି ଆଣି ତାକୁ ଚାପି ଦେଲା । ମୁଁ ମୋ ବିଛଣା ଉପରେ ଠିଆ ହୋଇ ଭୟ ଏବଂ ଘୃଣାରେ ଥରୁଥିଲି । ସେ ତା' ଧଳା ଦାନ୍ତ ଦେଖାଇ ମୋ ଉପରେ ହସିବାରୁ ମୋତେ ଲାଜ ଲାଗିଲା । ମୁଁ ଆଉ ସେ ଟୋପି ଥାକ ପାଖକୁ ଗଲି ନାହିଁ କି ତାକୁ ଛୁଇଁଲି ନାହିଁ । କେବଳ ମୋ ବାପାଙ୍କ ଘରକୁ ଆସିବା ଚାହୁଁଥିଲି । ମୋ' କାନ ପାଖରେ ଗୋଟିଏ ମଶା ଗୀତ ଗାଇ ଚାଲିଗଲା । ଦ୍ୱିଧାର ସହ ମୁଁ ତାକୁ ଧରିବାକୁ ଚାହୁଁ ଥିଲି । ସେ ଖସି ଯାଇ ଡ୍ରେସିଂ ଟେବୁଲ ପଛପଟେ ଅଦୃଶ୍ୟ ହୋଇଗଲା । ସେହି ମଶା ବୋଧେ ମୋ' ବାପାଙ୍କୁ ମେଲେରିଆ ଦେଇଥିଲା ଏବଂ ମୋତେ ଦେବାକୁ ଚେଷ୍ଟା କରୁଥିଲା ।

ରାତିରେ ମୁଁ ମୋ ବିଛଣାରେ ବସି ବତୀ ଲଗାଇ ପଢ଼ିବାକୁ ଲାଗିଲି । ତେବେ ବହିଗୁଡ଼ିକ ବି ମୋ ଉଦ୍‌ବେଗକୁ ପ୍ରଶମିତ କରି ପାରିଲେ ନାହିଁ । ଝାଡୁଦାର ପିଲା ଘର ସାରା ବୁଲି ବୁଲି ସବୁ ଝରକା କବାଟ ବନ୍ଦ କରିଦେଲା । ସେ ସବୁ ସ୍ୱିଚ୍ ବନ୍ଦ କରି ତା' ଶୋଇବା ଘରକୁ ଚାଲି ଗଲା । ବାହାର ଭିତର ସବୁଆଡ଼େ ଅନ୍ଧାର । କେବଳ ଝାଡୁଦାର ପିଲାର କୋଠାରି କବାଟ ଫାଙ୍କରୁ ଧାରେ ଆଲୁଅ ଦିଶୁଥିଲା, ସେ ବି ବନ୍ଦ ହୋଇଗଲା ।

ମୁଁ ଭାବିଲି ପଡ଼ିଶା ଘରେ ଶୋଇ ଯାଇଥିଲେ ଠିକ୍ ହୋଇ ଥାଆନ୍ତା । ଅନ୍ଧାର ମୋତେ ବିବ୍ରତ କରୁଥିଲା । ନିରବତା ମଧ୍ୟରେ ଶୁଖିଲା ପତ୍ରର ମର୍ମର... । ମୋତେ ଲାଗିଲା ଯେମିତି ସାପଟିଏ ଶୁଖିଲା ଡାଳ ପତ୍ର ଉପରେ ଚାଲୁଛି । ମୋର ମନେ ପଡ଼ିଗଲା ବହୁ ଆଗରୁ ଶୁଣିଥିବା କଥାଟିଏ । ଗୋଟିଏ ଶୋଇବା ପିଲାକୁ ନାଗ ସାପ କାମୁଡ଼ି ଦେଇଥିଲା । ମୁଁ ଶୋଇ ପାରିଲି ନାହିଁ । ବାପାଙ୍କୁ ଖୋଜୁ ଥିଲି । ପୁଣି ସଟର୍ ଉଠିବା ଏବଂ କବାଟ ଖୋଲିବା ଶବ୍ଦ । ସେ ଗୋଟିଏ ଭୂତ ରାତି ଥିଲା । ଭୂତ !

ହେ ଭଗବାନ ! ମୁଁ କାହିଁକି ସେସବୁ ଚିନ୍ତା କରୁଛି ! ହେ ଭଗବାନ ସେ ଭୂତ ଗାଧୁଆ ଘର କବାଟ ପାଖରେ ଠିଆ ହୋଇଛି । ମୋ ବାପା । ମୋ ବାପା ମେଲେରିଆରେ ମରି ଯାଇଛନ୍ତି ଏବଂ ମୋତେ ଦେଖିବାକୁ ଆସିଛନ୍ତି । ମୁଁ ଯାଇ ସ୍ୱିଚ୍ ଟିପି ଦେଲି । କୋଠରି ଆଲୋକିତ ହୋଇଗଲା । ମୁଁ ପୂରା ଭୟରେ ବୁଡ଼ି ଯାଇଥିଲି । ଝାଳରେ ମୋ ରାତ୍ର ପୋଷାକ ଭିଜି ଯାଇଥିଲା । ମୁଁ ଯାହା ଦେଖିଥିଲି ସେ ମୋ' ବାପା ନୁହଁ ତାଙ୍କ ଗାଧୁଆ ଗାଉନ ଥିଲା ଯାହାକୁ ସେ ଡାକ୍ତରଖାନା ନେଇ ନଥିଲେ । ମୁଁ ଆଲୁଅ ଲିଭାଇ ଦେଲି ।

ବାହାରର ନିରବତା ଆହୁରି ଗଭୀର ଏବଂ ନିକଟତର ହେଉଥିଲା । ମୋର ମନେ ପଡ଼ି ଯାଉଥିଲା ବିଛା, ବାଦୁଡ଼ି, ନାଗ ସାପ ଏବଂ ଶୋଇବା ପିଲା କଥା । ମୁଁ ଚାଦରକୁ ମୋ' ମୁଣ୍ଡ ଉପରକୁ ଭିଡ଼ି ଆଣିଲି । ଭାବିଲି ମୁଁ ଯଦି କାହାକୁ ନଦେଖେ ମୋତେ କେହି ଦେଖି ପାରିବେ ନାହିଁ । ଗୋଟିଏ ଘଡ଼ଘଡ଼ି ସେ ନିରବତାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଲା । ବିଜୁଳି ଝଲକ ଆକାଶରେ ଦେଖାଦେଲା । ସେ ଏତେ ପାଖରେ ଥିଲା ଯେ ମୁଁ ଚାଦର ତଳେ ଥିଲେ ବି ମୋତେ ଗଛ ଏବଂ ବିପରୀତ ଦିଗରେ ଥିବା ଘର ଗୋଟିଏ ସ୍ୱର୍ଣ୍ଣାଭ କାନଭାସ୍‌ରେ ଛାୟା ମୂର୍ତ୍ତି ଭଳି ଦେଖା ଗଲା । ମୁଁ ଆହୁରି ଚାଦର ଭିତରକୁ ପଶିଯାଇ ମୋ କାନକୁ ତକିଆରେ ଘୋଡ଼ାଇ ଦେଲି । କିନ୍ତୁ ପରବର୍ତ୍ତୀ ବିଜୁଳି ଘଡ଼ଘଡ଼ି ତା'ଠୁ ଆହୁରି ଜୋର୍ ଥିଲା । ମୁଁ ଏ ପର୍ଯ୍ୟନ୍ତ ଶୁଣିଥିବା ଘଡ଼ ଘଡ଼ିଠାରୁ ବି ଜୋର୍ । ମୁଁ ତାକୁ ସହ୍ୟ କରି ପାରିଲି ନାହିଁ । ବିଛଣାରୁ ଉଠି ପଡ଼ିଲି ଏବଂ ଦୌଡ଼ି ଅସଂଯତ ଭାବେ ଝାଡୁଦାର ପିଲାର କୋଠରିରେ ପଶି ଗଲି ।

ସେ ପିଲା ଖାଲି ଚଟାଣରେ ବସିଥିଲା ।

କ'ଣ ହେଲା ! ପଚାରିଲା । ବିଜୁଳି ଆଲୁଅରେ ତା' ମୁହଁ ଦାନ୍ତ ଦିଶୁଥିଲା । ତା' ପରେ ଆଉ ଦେଖାଗଲା ନାହିଁ ଅନ୍ଧାରରେ ।

ମୁଁ କହିଲି, "ମୋତେ ଡର ଲାଗୁଛି ।" ମୁଁ ତା' ପାଖକୁ ଘୁଞ୍ଚି ଯାଇ ତା' କାନ୍ଧକୁ ଛୁଇଁଲି ।

ସିଏ କହିଲା, "ଏଇଠି ରୁହ ମୋତେ ବି ଡର ଲାଗୁଛି । ମୁଁ କାନ୍ଥକୁ ଆଉଜି ବସି ଗଲି ସେ ଅଜାତି, ଅସ୍ପୃଶ୍ୟ ପାଖରେ । ତା' ପରେ ବିଜୁଳି ଘଡ଼ଘଡ଼ି ବନ୍ଦ ହୋଇ ବର୍ଷା ହେବାକୁ ଲାଗିଲା । ବର୍ଷା ପାଣିର ସୁ ସୁ ଗର୍ଜନରେ ଢେଉ ଢେଉକା ଛାତ ଉପରୁ ତଳକୁ ପଡୁଥିଲା । ମୋ ଆଡ଼କୁ ଚାହିଁ ସେ ଝାଡୁଦାର ପିଲା କହିଲା, "ବର୍ଷା ଋତୁ ଆସିଗଲା ।" ଅନ୍ଧାରରେ ତା' ହସ ଖେଳି ଗଲା, ମୁଁ ବି ହସିଦେଲି ।


ମୁଁ କିନ୍ତୁ ଖୁସି ଓ ସୁରକ୍ଷିତ ଥିଲି । ଭିଜା ମାଟିର ବାସ୍ନା ସ୍କାଇଲାଇଟ୍ ଦେଇ ଆସୁଥିଲା । ବର୍ଷା ବଢୁଥିଲା । ■

୧୦୧- ପ୍ରକାଶ ଦୀପ ଟାୱାର,
ଜୟଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬
ମୋ: ୯୯୬୮୨୮୦୮୯୬

## ସନ୍ଧ୍ୟାରେ ଏକ କାମନା



କେଉଁ ରାସ୍ତାକୁ କହିବି ଆପଣାର ବାଟ
କେଉଁ ବିସ୍ମୃତ ସୁଖକୁ ସୁଖ
କାହା ନିଦରେ ଯାଇ ନିଦେଇ ଯିବି
କେଉଁ ମିଠା ସ୍ୱପ୍ନର ବାହୁରେ ଡେଇଁ ଉଠିବି
ଏମିତି ଏକ କାମନା ଏହି ସନ୍ଧ୍ୟାରେ
କିନ୍ତୁ ଏ ସଞ୍ଜ ନଇଁ ଯିବା ପରେ
ପ୍ରଜ୍ୱଳିତ ଅଗ୍ନିର ସେଇ ରାସ୍ତାରେ
କ'ଣ ଯାଇହେବ?
ସ୍ମୃତିରେ ମିଳେଇ ଯାଇ ସୁଖର ଆକାଂକ୍ଷା
ନିଦ ଏକ ମୋହଭଳି ବିଛେଇ ହୋଇ ରହିଛି
ପ୍ରତି ଲୋମକୂପରେ
ହଂସ ଭଳି ସ୍ୱପ୍ନରେ ପହଁରେ ଦୁଇଟି ଆଖି । ■



ମୂଳ ହିନ୍ଦୀ : ସବିତା ସିଂ
ଅନୁବାଦ: ପ୍ରବାସିନୀ ମହାକୁଡ଼


## ସୁନ୍ଦର ଉଦିତା

ଗାଢ଼ କଳାରାତି ଶୋଇଛି ଉଦିତା
ନିଜର ଶାଢ଼ି ଖୋଲି ନିଜର କେଶ ଖୋଲି ବିଛଣାରେ ଏକୁଟିଆ
ତା' ମନରେ ନା ଅଛି କୌଣସି ଦ୍ୱନ୍ଦ୍ୱ
କୌଣସି ବିଷାଦ ନା କିଛି ଚାହିଁବା
ରାତିରେ ପୂରା ଗୋଟେ ନିଦ ଶୋଇ ସାରିଛି
ଆଖି ଖୋଲି ସାରିଲାଣି
ବାହାରେ ସୁନ୍ଦର ଲାଲ୍ ଗୋଲ୍ ସୂର୍ଯ୍ୟ ଉଇଁ ଆସିଲେଣି
ବାହୁରେ ପବନକୁ ଉପରକୁ ଟେକି
ଭାଙ୍ଗେ ଗୋଟେ ସୁଖଦ ଅଳସ
ମୁହଁକୁ ଠିଆ କରି
ନିଜ ପୋଷାକ ପିନ୍ଧୁଛି ଉଦିତା
ସିଏ ନିଜର ଏଇ ସୌନ୍ଦର୍ଯ୍ୟ
ଦେଖିବା ପାଇଁ କେତେ ବଡ଼ ଦର୍ପଣ
ଦେଖ ସାମ୍ନାର ଏଇ ନୀଳ ଆକାଶ ପାଲଟି ଯାଇଛି । ■

ଷ୍ଟେସନ୍ ବଜାର, ଢେଙ୍କାନାଳ

# ୟୋନା ଓବର୍ସ୍କିଙ୍କ 'ପିଲାଦିନ'ରେ କାରୁଣ୍ୟ

ଡକ୍ଟର ନିଖିଳେଶ ମହାନ୍ତି




ୟୋନା ଓବର୍ସ୍କି ଜଣେ ଡଚ୍ ଲେଖକ । ୧୯୭୮ ମସିହାରେ ପ୍ରକାଶିତ ତାଙ୍କ ରଚିତ 'ପିଲାଦିନ' (Childhood) ଏକ ଚମତ୍କାର କ୍ଷୁଦ୍ର ଉପନ୍ୟାସ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେଉଁ ଭଳି ଇହୁଦୀମାନଙ୍କୁ ନିର୍ଯାତନା ଦିଆଗଲା ଓ ଜର୍ମାନୀର ଇହୁଦୀ ମାରଣ ନୀତି ଅବଲମ୍ବନ କରାଗଲା ଏବଂ ଅଷ୍ଟାଦଶ ଶତକରୁ ଇହୁଦୀ ନିର୍ଯାତନାକୁ ରାଷ୍ଟ୍ରୀୟ ମାନ୍ୟତା ଦିଆଗଲା, ଫଳତଃ ଷାଠିଏ ଲକ୍ଷରୁ ଅଧିକ ଇହୁଦୀ ପ୍ରାଣ ହରାଇଥିଲେ । ଇହୁଦୀମାନଙ୍କୁ ଅମାନୁଷିକ ଦଣ୍ଡ ପ୍ରଦାନ, ଶୋଷଣ, ନିର୍ଯାତନା, ଘୃଣ୍ୟ ଜୀବ ଭାବେ ଅତ୍ୟାଚାର ଓ ନାରୀମାନଙ୍କୁ ଶାରୀରିକ ଶୋଷଣ ସହ ଶିଶୁମାନଙ୍କୁ ଶ୍ରମଜୀବୀ ଭାବେ ବିଚାର କରି ହିଟଲରଙ୍କ ପ୍ରଚଳିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଗୋଟେ ଇହୁଦୀ ଜାତି କିଭଳି ମୃତ୍ୟୁ ସହିତ ସଂଗ୍ରାମ କରିଥିଲା ତାହାରି ପ୍ରେକ୍ଷାପଟରେ 'ପିଲାଦିନ' ଉପନ୍ୟାସଟି ଲିଖିତ । ଏହିପରି ଗଣହତ୍ୟା ଓ ନିର୍ଯାତନାର ପୃଷ୍ଠଭୂମି ଆଧାରିତ ସାହିତ୍ୟକୁ 'ନିର୍ଯାତନା ସାହିତ୍ୟ' (Holocaust Literature) କୁହାଯାଏ ।

ଉପନ୍ୟାସଟିରେ ମୁଖ୍ୟ ଚରିତ୍ର ଭାବେ ଯିଏ ସବୁ ଘଟଣାକୁ କାହାଣୀ ଭାବେ ବର୍ଣ୍ଣନା କରୁଛି ତା'ର ବୟସ ମାତ୍ର ସାତରୁ ଆଠ । ତା' ସହିତ ଘଟଣା ଘଟିଚାଲିଛି, ତା'ର ସମସ୍ତ ବାସ୍ତବ ଅନୁଭବ ହିଁ କାହାଣୀରେ ରୂପାନ୍ତରିତ ହେଉଛି । ନାଜିମାନଙ୍କ କବଳରୁ ବଞ୍ଚିବା ପାଇଁ ବାପାମା'ଙ୍କ ସହିତ ତାକୁ ଯିବାକୁ ପଡୁଛି ଏଭଳି ସ୍ଥାନମାନଙ୍କୁ, ଯେଉଁଠି ହଜାର ହଜାର ଲୋକଙ୍କୁ ପୋଡ଼ି ମାରି ଦିଆଯାଉଥିବା ଧୂଆଁର ଗନ୍ଧ ଭିତରକୁ । ବରଫ ଗଦା ଭିତରେ ଲୁଚି ଲୁଚି ଗୋଟେ ଅନ୍ଧାରିଆ ଟ୍ରେନ୍ ବଗି ଭିତରକୁ ଯେଉଁଠି ସାମାନ୍ୟ ପାଣି ଟିକିଏ ମିଳିବାର ସମ୍ଭାବନା କ୍ଷୀଣ । ବଗି ଭିତରେ ଏତେ ଲୋକ ସାଲୁବାଲୁ ଯେ ବସିବା ପାଇଁ ସ୍ଥାନ କେହି ବି ଖୋଜୁନାହାନ୍ତି; ଅଣ୍ଟା ସଳଖିବା ଏକ ପ୍ରକାର ଅସମ୍ଭବ । ଗୁଳି ଓ ବୋମାର ଶବ୍ଦ ବେଳେ ବେଳେ ନିଶ୍ଚଳ କରିଦେଉଛି ଦେହକୁ । ମା'ର ଆକଟ ପାଟି କରିବୁ ନାହିଁ, କି କନ୍ଦାକଟା କରିବୁ ନାହିଁ; ମୋତେ କଥା ଦେ । ପ୍ରଚଣ୍ଡ ହେମାଳ ଭିତରେ ସମସ୍ତେ ଖାଲି ନୀରବରେ ଅଶ୍ରୁ ଗଡ଼ାଇବେ ହେଲେ କେହି ବି ଦୀର୍ଘଶ୍ୱାସ କିମ୍ବା ପାଟି ଖୋଲିବେ ନାହିଁ ।

ନିର୍ଯାତନା ଭିତରକୁ ଆପଣା ଛାଏଁ ଛାଏଁ ବାପାମା'ଙ୍କ ସହ ପଶି ଯାଉଛି, ହେଲେ ସେ ଜାଣିନି ଏତେ ସବୁ କାଣ୍ଡ କାରଖାନା କାହିଁକି ହେଉଛି । ପ୍ରତିଦିନ ମା' ତାକୁ ଗେଲ କରୁଛି ସତ ହେଲେ, ସେ କୁଆଡ଼େ ବଣ ଅରଣ୍ୟ ଅନ୍ଧାର ଝୋପଡ଼ି, ଧୂଆଁଳିଆ ଉତ୍କଟ ଶବର ଗନ୍ଧ ଭିତରେ ଲୁଚିଛପି ବୁଲୁଛି ଏକଥା ଜାଣି ବି ପାରୁନି ।

ବେଶି ଲୁଚାଉଛନ୍ତି ନିଜକୁ ବାପା, ତେଣୁ ତାଙ୍କ ଭେଟ ବେଳେ ବେଳେ ହେଉନି । ଯେତେବେଳେ ଭୟଙ୍କର ବ୍ୟସ୍ତତା ଭିତରେ ଗୋପନରେ ରହୁଥିବା ବାପାଙ୍କୁ ଭେଟୁଛି, ସେତିକି ବେଳେ ବାପା ଗେଲ କରି ଦେଉଛନ୍ତି, ହେଲେ କିଛି କହୁନାହାନ୍ତି ଓ ଅସୁସ୍ଥତା ଭିତରେ ମରି ଯାଉଛନ୍ତି । ସେ ବାପାଙ୍କ ଶବ ଅନେକ ଶବ ଭିତରେ ଦେଖିଛି ବୋଲି କହୁଛି, ଯଦିଓ ତାକୁ ସମସ୍ତେ ମନା କରୁଛନ୍ତି ତୋ ବାପାଙ୍କୁ ତୁ ଦେଖିନୁ; ତାଙ୍କ ଦେହରେ ଚଦର ନଥିଲା । ଶବ ଘର ଭିତରେ ଏତେ ଗଦା ଗଦା ଶବ ଯେ, ସେଠି ବାପାଙ୍କୁ ପାଇବା କଷ୍ଟ; ହେଲେ ସେ ଦେଖିଛି ବୋଲି ଦାବି କରିପାରୁଛି । ମା'ଙ୍କୁ ବି ହରାଇବାକୁ ବାଧ୍ୟ ହେଉଛି ଯେତେବେଳେ ଇଭା କହୁଛି ତୁ ମା'ଙ୍କୁ ଆଉ କେବେ ଦେଖିପାରିବୁ ନାହିଁ । ଟ୍ରୁଡ଼ି ବି ସମାନ କଥା କହୁଛି । କାହା ପାଇଁ ବି ଖାଦ୍ୟ ନଥିଲା, କିଛି କଣ୍ଟା ଗଛରୁ ସବୁଜ କଣ୍ଟା ଛିଡ଼ାଇ ଆଣି ସିଝାଇ ମା' ଖାଇଥିଲା ଓ ତା'ର ଝାଡ଼ା ବନ୍ଦ ହେଲା ନାହିଁ; ତାକୁ ମଧ୍ୟ ଶବମାନଙ୍କ ଭିତରେ ଖୋଜିବାକୁ ପଡ଼ିଲା । ରେଶମୀ କୁଞ୍ଚୁକୁଞ୍ଚିଆ କେଶରୁ ମା'କୁ ଚିହ୍ନି ହେଲା ସତ, ମାତ୍ର ଦେଖି ହେଲା ନାହିଁ ।




ଆମଷ୍ଟର ଡାମ୍‌ରେ ପହଞ୍ଚିଲା ବେଳକୁ ପିଲାଟି ପାଞ୍ଚ ଦିନ ବେହୋସରେ ଥିଲା । ଅତ୍ୟଧିକ ଜ୍ୱର ଯୋଗୁ, ମାତ୍ର ସେ ବଞ୍ଚିଯାଇଛି ଏଇଟା କମ୍ ବଡ଼ କଥା ନୁହେଁ! ଜୟ ଆମଷ୍ଟର ଡାମ୍‌ର ଜୟକହିଲା ବେଳକୁ ସେ ମୁକ୍ତିର ଆଲୋକ ଦେଖୁଥିଲା ହେଲେ ସବୁକିଛି ହରାଇ ସାରିଥିଲା । ତା' ନିଜ ପିଲାଦିନଟି ଅସମ୍ଭବ ଭାବେ କ୍ଷତାକ୍ତ, କରୁଣାକ୍ତ ଓ ବେଦନାସିକ୍ତ ହୋଇସାରିଥିଲା । ତା'ର ପିଲାଦିନକୁ ନାଜିମାନେ ମୋଡ଼ି ମକଚି ଦଳାଚକଟା କରି ଖଣ୍ଡବିଖଣ୍ଡିତ କରିଦେଇଥିଲେ ସତ, ମାତ୍ର ସେଇ ପିଲାଟି ପୁନର୍ବାର ଅଣ୍ଟା ସଳଖିବାକୁ ଧୈର୍ଯ୍ୟ ସାଉଁଟି ପାରିଥିଲା ଓ ରୁଷ୍‌ର ଧଳା ବରଫରେ କୁଦି ନାଚି ମାଟିକୁ ଚୁଟୁମି ଗେଲ କରି କାନ୍ଦି ପକାଇଥିଲା । ଏଥର ସୁନ୍ଦର ସ୍ୱପ୍ନ ଦେଖିବାକୁ, ଅସରନ୍ତି ସ୍ୱପ୍ନ ଦେଖିବାକୁ ଟ୍ରୁଡି କହିଥିଲା । ସେ ଏବେ ପାଲେନଷ୍ଟାଇନ୍‌ର ନୂଆ ସକାଳ ଦେଖୁ; ମନ ଭରି ଦେଖୁ ।

ଔପନ୍ୟାସିକ ୟୋନା ତାଙ୍କ ଛୋଟିଆ ଚରିତ୍ରଟି ମୁହଁରେ ଖୁବ୍ ସାନ ସାନ ପିଲାଳିଆ କଅଁଳ ଭାଷା ଦେଇଛନ୍ତି, ଅନେକ ଅସମାହିତ ପ୍ରଶ୍ନ ପାଠକମନକୁ ଅଶ୍ରୁପୂର୍ଣ୍ଣ କରୁଛି ଓ ସହନଶୀଳତାର ସ୍ତୁପିଭୂତ ଶିହରଣର ଆବେଗରେ ଭାବ ଗମ୍ଭୀର କରିଦେଉଛି । ପାଠକ ଭାବିବାକୁ ବାଧ୍ୟ ହେଉଛି ନିର୍ଯାତନା କେତେ କଠୋର ହୋଇପାରେ । କେବେ ବି କେହି କାହାକୁ ଯୁଦ୍ଧ ମୁହଁକୁ ଠେଲି ନଦେଉ; କାହାରି ବି ପିଲାଦିନ ଆତଙ୍କ ଓ ବିଭୀଷିକାରେ ହାହାକାରମୟ ନ ହେଉ । ସବୁ ପିଲା ନିଜ ପିଲା ହୁଅନ୍ତୁ:ସେମାନଙ୍କ ହସ ଖୁସିରେ ସୃଷ୍ଟି ଆନନ୍ଦମୟ ହେଉ । ■

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ
ଜେ.ଏନ୍. କଲେଜ, କୁଆଁପାଳ
କଟକ
ମୋ: ୯୪୩୭୯୦୫୪୯୦

## ପତ୍ରିକା ପରିଚୟ

### ରେବତୀ

ସଂପାଦିକା : ସୁବାସିନୀ ଜେନା




ଓଟି ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ: ୭୦ଟଙ୍କା

ସଂପୂର୍ଣ୍ଣ ରଙ୍ଗିନ ପାରିବାରିକ ଫିଚରଧର୍ମୀ ପତ୍ରିକା ଆମ ମାଟିର ସ୍ୱର 'ରେବତୀ'ର ସେପ୍ଟେମ୍ବର ସଂଖ୍ୟା ଆକର୍ଷଣୀୟ ହୋଇଛି । ସଂପାଦିକା ସୁବାସିନୀ ଜେନାଙ୍କ ସଂପାଦକୀୟ 'ଶକ୍ତିଦାୟିନୀ ମାଆ'ଠାରୁ ଆରମ୍ଭ କରି କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' 'ଶରଶଯ୍ୟାରେ ସାହିତ୍ୟ ପୁରସ୍କାର' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ପ୍ରଥା ପରମ୍ପରା'ରେ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ଭାଇ ଭାବନାର ଭାଷା: ଭାଇ ଜିଉଁତିଆ'ରେ ଏକ ନିଆରା ଓଷା ସଂପର୍କରେ ମାର୍ମିକ ଆଲେଖ୍ୟ ପ୍ରକାଶ ପାଇଛି । ସେହିପରି ଡକ୍ଟର ହିମାଦ୍ରି ତନୟା ମିଶ୍ରଙ୍କ 'କବିତାରେ କଳାଠାକୁର', ଆନ୍‌ପା ମାର୍ଣ୍ଡିଙ୍କ 'ଅଲ୍‌ଚିକି'ର ଜନ୍ମଦାତା', ଡ. ପ୍ରୀତିପଦ୍ମା ପଣ୍ଡାଙ୍କ 'ଗୌରଙ୍କ ଗୀତଗୁମର', ପତିତପାବନ ଗିରିଙ୍କ 'ମିଥ୍ର ମାୟା ଓ କବିର କାୟା', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ବାବାଧାମର ବୈଚିତ୍ର୍ୟ' ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ମନଛୁଆଁ ହୋଇଛି । ସେଭଳି ସ୍ୱପ୍ନା ମିଶ୍ର, ସୁଚିତ୍ରା ପାଣିଗ୍ରାହୀ, ଭବାନୀ ପାଟଯୋଷୀ, ଡକ୍ଟର ସୁଷମା ମିଶ୍ର, ରବିପ୍ରିୟ ଦାଶ, ଡକ୍ଟର ତୁହିନାଂଶୁ ରଥ, ରାମକୃଷ୍ଣ ସାହୁ ପ୍ରମୁଖଙ୍କ କବିତା ପାଠକଙ୍କ ଚିତ୍ତକୁ ତଲ୍ଲୀନ କରିଦିଏ । ଡ. ପ୍ରିୟଲତା ଜେନା, ପ୍ରଶାନ୍ତ ଦାଶ, ମନୋରଞ୍ଜନ ପ୍ରଧାନ ପ୍ରମୁଖଙ୍କ ଗପରେ ମାନବୀୟ ଭାବାବେଗ ଓ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ସମ୍ଭବାମି ଭାରତ

ସଂପାଦିକା : ନନ୍ଦିତା ପଣ୍ଡା




ଜୟ ଭାରତ ଫାଉଣ୍ଡେସନ୍
ରାମଦାସପୁର, କଟକ

ଜୟ ଭାରତ ଫାଉଣ୍ଡେସନ୍ ପକ୍ଷରୁ ପ୍ରକାଶିତ ବାର୍ଷିକ ସ୍ମରଣିକା 'ସମ୍ଭବାମି ଭାରତ' ୨୦୨୫ ଆମର ହସ୍ତଗତ ହୋଇଛି । ସଂପାଦିକା ନନ୍ଦିତା ପଣ୍ଡା ଓ ସହଯୋଗୀ ସଂପାଦକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଂପାଦନାରେ ପ୍ରକାଶିତ ଏହି ସ୍ମରଣିକାରେ ବହୁ କାଳଜୟୀ ସାହିତ୍ୟ ସ୍ରଷ୍ଟା ଓ ବିଶିଷ୍ଟ ସାହିତ୍ୟିକଙ୍କ କବିତା, ଗଳ୍ପ, ପ୍ରବନ୍ଧ ଆଦି ସଂକଳିତ ହୋଇଛି । ଓଡ଼ିଆ ସାହିତ୍ୟର କାଳଜୟୀ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ 'ପିତା ଓ ପୁତ୍ର', ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼', ନନ୍ଦିନୀ ଶତପଥୀଙ୍କ 'ନବ ଦିଗନ୍ତ', ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଆଦି ଗଳ୍ପ ମନଛୁଆଁ ହୋଇଛି । ଏହି ସବୁ ଗପଗୁଡ଼ିକ ନିଜସ୍ୱ ସୌରଭରେ ଓଡ଼ିଆ କଥା ସାହିତ୍ୟକୁ ପରିପୁଷ୍ଟ କରିଛି । ସେହିପରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ବନ୍ଦୀର ଆତ୍ମକଥା', ରମାକାନ୍ତ ରଥଙ୍କ 'ଜନନୀର ସ୍ନେହ', ମଧୁସୂଦନ ଦାସଙ୍କ 'ଉତ୍କଳ ସନ୍ତାନ', ବଳରାମ ଦାସଙ୍କ 'ମାଲ୍ୟବନ୍ତରେ ବର୍ଷାକାଳ', ଭାନୁଜୀ ରାଓଙ୍କ 'କାଠଯୋଡ଼ି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ସେଭଳି ବନଜ ଦେବୀ, ଅଖିଳ କୁମାର ମିଶ୍ର, ପୀତାମ୍ବର ତରାଇ, ରଞ୍ଜନ ବାଇ ପ୍ରମୁଖଙ୍କ କବିତାରେ ପ୍ରେମ, ଜୀବନ ଓ ମାନବୀୟ ଭାବାବେଗର ଛବି ପ୍ରତିଫଳିତ ହୋଇଛି । ସେହିପରି ଗୌରହରି ଦାସ, ମନୋଜ କୁମାର ମହାପାତ୍ର, ଅଞ୍ଜନ ଚାନ୍ଦଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ସମ୍ଭବାମି ଭାରତ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

### ସଂପର୍କ

ସଂପାଦକ : ଚନ୍ଦ୍ରମଣି ଭୂୟାଁ



ସଂପର୍କ ସାହିତ୍ୟ ସଂସଦ
କିଶିନାପୁର, ସାଲେପୁର
କଟକ
ମୂଲ୍ୟ: ୫୦ ଟଙ୍କା

'ସଂପର୍କ' ପତ୍ରିକାର ନୂଆଁଖାଇ-୨୦୨୫ ବିଶେଷାଙ୍କ ଚନ୍ଦ୍ରମଣି ଭୂୟାଁଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂଖ୍ୟାରେ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝାଙ୍କ 'ସେବାବ୍ରତୀ ଗୋପବନ୍ଧୁ', ଅକ୍ଷୟ ପ୍ରସାଦ ବିଶ୍ୱାଳଙ୍କ 'ହେ କୁଳବୃଦ୍ଧ, ତୁମକୁ ଝୁରୁଛି ଉତ୍କଳ', ତୁଷାରକାନ୍ତ ମହାନ୍ତିଙ୍କ 'ସନ୍ଥ କବି ଭୀମଭୋଇ ଓ ମହିମା ଧର୍ମ' ଆଦି ପ୍ରବନ୍ଧଗୁଡ଼ିକ ତଥ୍ୟ ଭିତ୍ତିକ ଓ ଉଚ୍ଚକୋଟୀର ହୋଇଛି । ସେହିପରି ଗଳ୍ପ ବିଭାଗରେ ଦେବେନ୍ଦ୍ର ମହରାଣାଙ୍କ 'ଗଣପତି ଭାଇନା', ସୌମ୍ୟରଞ୍ଜନ ଭୂୟାଁଙ୍କ 'ଈଶ୍ୱରଙ୍କ ସହ ଭେଟ' ଆଦି ଗପଗୁଡ଼ିକରେ ମାନବୀୟ ସଂପର୍କ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । 'କବିଙ୍କ କବିତା'ରେ ରମାକାନ୍ତ ରଥଙ୍କ 'ଶ୍ରୀରାଧା'ର ଶେଷାଂଶ ଓ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ 'କୋଠ ଭୋଗଖିଆ' କବିତା ଦୁଇଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ପ୍ରଫୁଲ୍ଲ ମିଶ୍ର, ଶ୍ରୀଧର ଶେଖର ମହାପାତ୍ର, ଅଖିଳ ଚନ୍ଦ୍ର ହୋତା, ସୁରଞ୍ଜନ ପଣ୍ଡା ପ୍ରମୁଖଙ୍କ କବିତାରେ ମଣିଷ ଜୀବନର ଆଶା, ଆକାଂକ୍ଷା, ପ୍ରେମ, ବିରହ, ଦ୍ୱନ୍ଦ୍ୱ ସଂଘର୍ଷ ଆଦିର ଚିତ୍ର ପ୍ରତିଫଳିତ ହୋଇଛି । 'ସଂପର୍କ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ବେଆଇନ ବାଣ କାରଖାନାରେ ଚଢ଼ଉ

### ଲକ୍ଷାଧିକ ଟଙ୍କାର ବାଣ ଜବତ, ବଙ୍ଗୀୟ ଯୁବକ ଗିରଫ

ଭୋଗରାଇ,୨୭।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅଧୀନ କଖଡ଼ା ପଞ୍ଚାୟତ ହାଟସରିଷା ଗ୍ରାମରେ ଥିବା ଏକଆକାଶିଆ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିବା ସହ ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଯୁବକଜଣଙ୍କ ହେଲେ, ପଡ଼ୋଶୀ ପଶ୍ଚିମବଙ୍ଗ ପଟାସପୁର ଥାନା ଅଧୀନ ପଦିମା ଗାଁର ସୁକୁମାର ଜାନା(୪୦) । ଆଗକୁ ଦୀପାବଳି ଥିବାରୁ ସୁକୁମାର ପଶ୍ଚିମବଙ୍ଗରୁ ଓଡ଼ିଶା ସୀମା ଭିତରକୁ ଆସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ହାଟସରିଷା ଗାଁରେ ବାଣ ତିଆରି କରୁଥିଲା । ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ ଓ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ବାଣ ତିଆରି କାରଖାନା ଉପରେ ଚଢ଼ଉ କରିଥିଲେ । ସେଠାରୁ ପାଖାପାଖି ୩ଲକ୍ଷ ଟଙ୍କାର ବାଣ ଜବତ କରିବା ସହ ପୁଲିସ ସୁକୁମାରକୁ ଗିରଫ କରିଛି । ଏ ନେଇ ଭୋଗରାଇ ପୁଲିସ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଚଳାଇଛି ।

## ସରକାରୀ କ୍ୱାର୍ଟର୍ସରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୭।୯ (ସମିସ): ଭୁବନେଶ୍ୱର ୟୁନିଟ୍-୬ ସ୍ଥିତ ଏକ ସରକାରୀ କ୍ୱାର୍ଟର୍ସରୁ ଶନିବାର ସନ୍ଧ୍ୟାରେ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ଛାତ୍ରୀଙ୍କ ଘର ଜଗତସିଂହପୁର ଅଞ୍ଚଳର ବୋଲି ଜଣାପଡ଼ିଛି । ଭୁବନେଶ୍ୱରରେ ଛାତ୍ରୀ ଜଣଙ୍କ ତାଙ୍କ ଭଉଣୀଙ୍କ ସହ ଏହି କ୍ୱାର୍ଟର୍ସରେ ରହୁଥିଲେ । କେଉଁ ଅବସ୍ଥାରେ ତାଙ୍କର ମୃତ୍ୟୁ ହେଲା ସେ ନେଇ କ୍ୟାପିଟାଲ ଥାନା ପୁଲିସ ପହଞ୍ଚି ଛାନ୍‌ଭିନ୍ କରୁଛି ।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୨୭।୯ (ସମିସ): ମୟୂରଭଞ୍ଜ ଆଡ୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି । ବିଚାରପତି ସନ୍ତୋଷ କୁମାର ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ଅସିତ ବେହେରା (୨୫)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଏଥିସହ ପୀଡ଼ିତାଙ୍କୁ ସହାୟତା ନିମନ୍ତେ ୨ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାନୁସାରେ, ୨୦୨୪ ନଭେମ୍ବର ୪ରେ ଅସିତ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା । ନାବାଳିକାଜଣଙ୍କ ସନ୍ଧ୍ୟାରେ ବଜାରରୁ ଘରକୁ ଫେରୁଥିବା ବେଳେ ଅସିତ ତାକୁ ଅପହରଣ କରି ଘରକୁ ନେଇଯିବା ସହ ଦୁଷ୍କର୍ମ କରିଥିଲା । ଏ ସଂପର୍କରେ କାହାରିକୁ ଜଣାଇଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲା । ପୀଡ଼ିତାଜଣଙ୍କ ଘରକୁ ଆସି ଘଟଣା ବାବଦରେ ପରିବାରକୁ ଜଣାଇଥିଲା । ଏନେଇ ପରିବାରଲୋକେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ପୀଡ଼ିତାର ବୟାନ ରେକର୍ଡ କରିଥିଲା । ଅସିତକୁ ବୈଶିଙ୍ଗା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ ।

## ଅବଶିଷ୍ଟାଂଶ

### ୬୦ ହଜାର...

ଓଡ଼ିଶା ଆଡ଼କୁ ଆଗକୁ ବଢ଼ିବାକୁ ସଂକଳ୍ପ ନେଇଥିଲେ । ଆଜି କେନ୍ଦ୍ର ଏବଂ ରାଜ୍ୟରେ ସେମାନଙ୍କ ସରକାରଙ୍କ ବିକାଶ ଧାରା ସହିତ ଓଡ଼ିଶା ଦ୍ରୁତ ଗତିରେ ପ୍ରଗତି କରୁଛି । ଆମ ସରକାର ଗରିବଙ୍କ ସେବା ଏବଂ ସଶକ୍ତୀକରଣ ପାଇଁ ସଂକଳ୍ପବଦ୍ଧ । ଆଜିର କାର୍ଯ୍ୟକ୍ରମ ଏହି ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଛନ୍ତି ।

ଆଜିର କାର୍ଯ୍ୟକ୍ରମରେ ଦୂରସଞ୍ଚାର ସଂଯୋଗ କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ସହିତ ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯୭,୫୦୦ରୁ ଅଧିକ ମୋବାଇଲ୍ ୪ଜି ଟାୱାରର ଲୋକାର୍ପଣ କରିଛନ୍ତି । ଏଥିରେ ବିଏସଏନଏଲ ଦ୍ୱାରା ୯୨,୬୦୦ରୁ ଅଧିକ ୪ଜି ଟେକ୍ନୋଲୋଜି ସାଇଟ୍ ଅନ୍ତର୍ଭୁକ୍ତ । ଡିଜିଟାଲ୍ ଭାରତ ନିଧି ଅଧୀନରେ ୧୮,୯୦୦ରୁ ଅଧିକ ୪ଜି ସାଇଟ୍ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି ଯାହା ଦୂରଦୂରାନ୍ତ, ସୀମାନ୍ତ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ପ୍ରାୟ ୨୬,୭୦୦ ଅପହଞ୍ଚ ଗ୍ରାମକୁ ସଂଯୋଗ କରିବ । ଏଥିସହିତ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକଙ୍କୁ ସେବା ଯୋଗାଇବ । ସେହିପରି ପ୍ରଧାନମନ୍ତ୍ରୀ ସମ୍ବଲପୁର-ସରଲାରେ ରେଳ ଫ୍ଲାଏଓଭର ପାଇଁ ଶିଳାନ୍ୟାସ, କୋରାପୁଟ-ବୈଗୁଡ଼ା ଲାଇନର ଦୋହରୀକରଣ ଏବଂ ମାନାବାର-କୋରାପୁଟ-ଗୋରାପୁର ଲାଇନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଏବଂ ଉଧନା (ସୁରଟ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ।। ଏତଦବ୍ୟତୀତ ପ୍ରାୟ ୧୧,୦୦୦କୋଟି ଟଙ୍କା ନିବେଶରେ ଆଠଟି ଆଇଆଇଟି - ତିରୁପତି, ପଲକଡ଼, ଭିଲାଇ, ଜମ୍ମୁ, ଧାରୱାଡ, ଯୋଧପୁର, ପାଟନା ଏବଂ ଇନ୍ଦୋରର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେହିପରି ଏହି ଅବସରରେ ଦେଶବ୍ୟାପୀ ୨୭୫ଟି ରାଜ୍ୟ ଇଞ୍ଜିନିୟରିଂ ଏବଂ ପଲିଟେକ୍ନିକ୍ ପ୍ରତିଷ୍ଠାନରେ ଗୁଣବତ୍ତା, ସମାନତା, ଗବେଷଣା ଏବଂ ନବସୃଜନକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ମେରିଟ ଯୋଜନାର ଶୁଭାରମ୍ଭ କରିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ଆରମ୍ଭ କରିଛନ୍ତି ଯାହା ମାଧ୍ୟମରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏହି ଅବସରରେ ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଏବଂ ସମ୍ବଲପୁରର ଭିମସାରକୁ ବିଶ୍ୱସ୍ତରୀୟ ସୁପର-ସ୍ପେଶାଲିଟି ହସ୍ପିଟାଲ ରୂପେ ଉନ୍ନତିକରଣ କରିବା ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି ।

ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ କହିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାର ସୁଯୋଗ ତାଙ୍କୁ ମିଳିଛି । ଆମ ସରକାର ସାରା ଦେଶରେ ଗରିବ ପରିବାରକୁ ଚାରି କୋଟିରୁ ଅଧିକ ପକ୍କା ଘର ଯୋଗାଇ ଦେଇଥିବା ବେଳେ ଓଡ଼ିଶାରେ ହଜାର ହଜାର ଘର ଦ୍ରୁତ ଗତିରେ ନିର୍ମାଣ କରାଯାଉଛି । ଆଜି ପ୍ରାୟ ୫୦ ହଜାର ପରିବାର ନୂତନ ଘର ପାଇଁ ଅନୁମୋଦନ ପାଇଛନ୍ତି । ପିଏମ ଜନମନ ଯୋଜନା ଅଧୀନରେ ଓଡ଼ିଶାରେ ଆଦିବାସୀ ପରିବାର ପାଇଁ ୪୦ ହଜାରରୁ ଅଧିକ ଘର ମଞ୍ଜୁର କରାଯାଇଛି । ପ୍ରଧାନମନ୍ତ୍ରୀ କହିଲେ ଯେ ପ୍ରକୃତି ଓଡ଼ିଶାକୁ ପ୍ରଚୁର ପରିମାଣରେ ଆଶୀର୍ବାଦ ଦେଇଛି ଏବଂ ଆଗାମୀ ଦଶନ୍ଧି ରାଜ୍ୟବାସୀଙ୍କ ପାଇଁ ସମୃଦ୍ଧି ଆଣିବ । କେନ୍ଦ୍ର ସରକାର ସମ୍ପ୍ରତି ଓଡ଼ିଶା ପାଇଁ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ମଞ୍ଜୁର କରିଛନ୍ତି ଏବଂ ଗୋଟିଏ ସେମିକଣ୍ଡକ୍ଟର ପାର୍କ ମଧ୍ୟ ପ୍ରତିଷ୍ଠା ହେବାକୁ ଯାଉଛି । ପାରାଦୀପରୁ ଝାରସୁଗୁଡା ପର୍ଯ୍ୟନ୍ତ ଏକ ବିଶାଳ ଶିଳ୍ପ କରିଡର ବିକଶିତ ହେଉଛି । ଜାହାଜ ନିର୍ମାଣର ରଣନୀତିକ ଗୁରୁତ୍ୱ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ଆର୍ଥିକ ଶକ୍ତି ପାଇଁ ଆକାଂକ୍ଷୀ ଯେକୌଣସି ରାଷ୍ଟ୍ର ଏହି କ୍ଷେତ୍ରରେ ନିବେଶ କରିବା ଉଚିତ । ଭାରତରେ ଜାହାଜ ନିର୍ମାଣ ପାଇଁ ୭୦,୦୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି । ସେ ଆକଳନ କରି କହିଲେ, ଏହା ୪.୫ ଲକ୍ଷ କୋଟି ଟଙ୍କାର ନିବେଶକୁ ଆକର୍ଷିତ କରିବ ଯାହା ଇସ୍ପାତ, ଯନ୍ତ୍ରପାତି, ଇଲେକ୍ଟ୍ରୋନିକ୍ସ ଏବଂ ଉତ୍ପାଦନ ଭଳି କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚିବ ।

ଶ୍ରୀ ମୋଦୀ କହିଲେ ଯେ ବର୍ତ୍ତମାନ ବିଏସଏନଏଲ ଭାରତରେ ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ୪ଜି ପ୍ରଯୁକ୍ତିବିଦ୍ୟା ସଫଳତାର ସହିତ ବିକଶିତ କରିଛି । ପ୍ରଧାନମନ୍ତ୍ରୀ ବିଏସଏନଏଲର ୨୫ତମ ବାର୍ଷିକୀ ପାଳନର ସଂଯୋଗ ବିଷୟରେ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ ବିଏସଏନଏଲ ଏବଂ ଏହାର ଅଂଶୀଦାରମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ମାଧ୍ୟମରେ ଭାରତ ଏକ ବିଶ୍ୱସ୍ତରୀୟ ଦୂରସଞ୍ଚାର ଉତ୍ପାଦନ କେନ୍ଦ୍ର ହେବା ଦିଗରେ ଅଗ୍ରସର ହେଉଛି । ଏହା ଓଡ଼ିଶା ପାଇଁ ଗର୍ବର ବିଷୟ ଯେ ବିଏସଏନଏଲର ସ୍ୱଦେଶୀ ୪ଜି ନେଟୱାର୍କ ଝାରସୁଗୁଡାରୁ ଆରମ୍ଭ ହେଉଛି, ଯେଉଁଥିରେ ପ୍ରାୟ ଏକ ଲକ୍ଷ ୪ଜି ଟାୱାର ଅନ୍ତର୍ଭୁକ୍ତ । ଏହି ଟାୱାରଗୁଡ଼ିକ ଦେଶର ଦୂରଦୂରାନ୍ତ ଅଞ୍ଚଳରେ ସଂଯୋଗର ଏକ ନୂତନ ଯୁଗ ଆରମ୍ଭ କରିବାକୁ ପ୍ରସ୍ତୁତ । ଗତ ୨୨ ତାରିଖଠାରୁ ଓଡ଼ିଶା ସମେତ ସାରା ଦେଶରେ ନୂତନ ଜିଏସଟି ସଂସ୍କାର କାର୍ଯ୍ୟକାରୀ ହୋଇଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହି ସଂସ୍କାରଗୁଡ଼ିକୁ ସମସ୍ତଙ୍କ ପାଇଁ ସଞ୍ଚୟର ଉପହାର । ବିଶେଷକରି ମା' ଏବଂ ଭଉଣୀମାନଙ୍କ ପାଇଁ ରୋଷେଇ ଘର ଖର୍ଚ୍ଚକୁ ଅଧିକ ସୁଲଭ କରାଯାଇଛି । ଓଡ଼ିଶାରେ ବର୍ତ୍ତମାନ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି ଏବଂ ପ୍ରାୟ ୬୦ଟି ରେଳ ଷ୍ଟେସନରେ ଆଧୁନିକୀକରଣ ଚାଲିଛି । ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ବର୍ତ୍ତମାନ ଭାରତର ଅନେକ ପ୍ରମୁଖ ସହର ସହିତ ଯୋଡ଼ି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିବାବେଳେ ଭିଡିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଅନେକ କେନ୍ଦ୍ର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ ।

### ଦଳାଚକଟାରେ...

ତେବେ ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ ବିଜୟଙ୍କୁ ଅତି ନିକଟରୁ ଦେଖିବା ପାଇଁ ଲୋକେ ତାଙ୍କ ବସ୍ ନିକଟକୁ ପଳାଇଥିଲେ । ଏଥିଯୋଗୁଁ ସ୍ଥିତି ବିଗିଡି ଯାଇଥିଲା । ଲୋକେ ଚେତା ହରାଉଥିବା ଦେଖି ବିଜୟ ଭାଷଣ ବନ୍ଦ କରି ଶାନ୍ତି ନିବେଦନ ସହ ରାଲି ଛାଡ଼ି ପଳାଇଥିଲେ । ଆଉ ଏକ ରିପୋର୍ଟରେ କୁହାଯାଇଛି ଯେ ବିଜୟ ପହଞ୍ଚିବା ପରେ ୯ ବର୍ଷର ଶିଶୁ ନିଖୋଜ ହୋଇଥିବା ସୂଚନା ମିଳିଥିଲା । ବିଜୟ ଗାଡ଼ି ଉପରୁ ଏହି ଶିଶୁକୁ ଖୋଜିବା ପାଇଁ ନିବେଦନ କରିଥିଲେ । ଏହା ପରେ ଦଳାଚକଟା ହୋଇଥିଲା । ସେହିପରି ଭିଡ଼ ନିୟନ୍ତ୍ରଣ ପାଇଁ ତାମିଲନାଡୁ ପୁଲିସ ଲାଠିଚାର୍ଜ କରିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି ।

ଅନ୍ୟପକ୍ଷରେ ବିଜୟଙ୍କ ଏହି ରାଲି ପାଇଁ ୧୦ ହଜାର ଲୋକଙ୍କୁ ଅନୁମତି ମିଳିଥିଲା । କିନ୍ତୁ ୫୦ ହଜାର ଲୋକ ଆସିପାରନ୍ତି ବୋଲି ପ୍ରଶାସନ ଅନୁମାନ କରିଥିଲା । ମାତ୍ର ସେଠାରେ ପ୍ରାୟ ଲକ୍ଷେ ୨୦ ହଜାର ଲୋକେ ଏକାଠି ହୋଇଥିଲେ । ଅସମ୍ଭାଳ ଭିଡ଼ ଯୋଗୁଁ ଏପରି ସ୍ଥିତି ସୃଷ୍ଟି ହୋଇଥିଲା ।

ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ ଗଭୀର ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି ।

ତେବେ ପ୍ରଥମ ଥର ପାଇଁ ବିଜୟଙ୍କ ରାଲିରେ ଏପରି ଭିଡ଼ ହୋଇନାହିଁ । ସେ ଚଳିତ ମାସରେ ହୋଇଥିବା ତ୍ରିଚି ରାଲିରେ ବିମାନବନ୍ଦରରୁ ଆୟୋଜନସ୍ଥଳ ପର୍ଯ୍ୟନ୍ତ ଭିଡ଼ ଲାଗିଥିଲା । ୨୦ ମିନିଟର ରାସ୍ତା ଯିବାକୁ ଲୋକଙ୍କୁ ୬ ଘଣ୍ଟା ସମୟ ଲାଗିଥିଲା ।

### ସୁନା ବଜାରରେ...

ସୁନା ମୂଲ୍ୟ ୬୬, ୨୫୮ ଟଙ୍କା, ୧୮ କ୍ୟାରେଟ ମୂଲ୍ୟ ୮୪, ୯୪୭ ଟଙ୍କା ଏବଂ ୨୨ କ୍ୟାରେଟ ସୁନା ମୂଲ୍ୟ ୧, ୦୩, ୭୪୮ କୋଟି ଟଙ୍କା ରହିଛି ।

ଇଣ୍ଡିଆ ବୁଲିୟନ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ରୁପା ମୂଲ୍ୟ ମଧ ରକେଟ୍ ବେଗରେ ବଢ଼ିବାରେ ଲାଗିଛି । ଶନିବାର ରୁପା କିଲୋ ସର୍ବକାଳୀନ ରେକର୍ଡ ଛୁଇଁଛି । ଏହା ୧, ୩୮, ୧୦୦ ଟଙ୍କାରେ ପହଞ୍ଚି ଯାଇଛି । ଗତ ଶନିବାର ରୁପା କେଜି ୧, ୨୮, ୦୦୦ ଟଙ୍କା ଥିଲା । ଏହି ଭଳି ଭାବେ ଚଳିତ ସପ୍ତାହରେ ରୁପା ମୂଲ୍ୟ ୧୦, ୧୦୦ ଟଙ୍କା ବୃଦ୍ଧି ପାଇଲାଣି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ରୁପା ମୂଲ୍ୟ ୫୨, ୦୮୩ ଟଙ୍କା ମହଙ୍ଗା ହେଲାଣି । ଗତ ବର୍ଷ ଡିସେମ୍ବର ୩୧ରେ ରୁପା ମୂଲ୍ୟ ୮୬, ୦୧୭ ଟଙ୍କା ଥିଲା । ୨୦୨୪ରେ ଏହା ୧୭ ପ୍ରତିଶତ ମହଙ୍ଗା ହୋଇଥିଲା । ଚଳିତ ବର୍ଷ ବର୍ଷ ଏ ପର୍ଯ୍ୟନ୍ତ ସୁନା ୪୯ ପ୍ରତିଶତ ଏବଂ ରୁପା ୬୦ ପ୍ରତିଶତ ରିଟର୍ଣ୍ଣ ଦେଲାଣି । ୱାର୍ଲ୍ଡ ଗୋଲ୍ଡ କାଉନସିଲର ରିପୋର୍ଟ ଅନୁଯାୟୀ ସେପ୍ଟେମ୍ବର ପ୍ରାରମ୍ଭରେ ଏହାର ମୂଲ୍ୟ ୬.୭ ପ୍ରତିଶତ ବଢ଼ିଥିଲା । କାରଣ ସୁରକ୍ଷିତ ନିବେଶ ଭାବେ ନିବେଶକ ସୁନା କ୍ରୟ କରିବାରେ ଲାଗିଛନ୍ତି ।

### 'ହାର୍ଟ ବିଟ୍' ବୁଲି...

ଗୋଷ୍ଠୀ ସହଯୋଗିତା ବିଷୟବସ୍ତୁଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା । ଏଥିସହ ଆକର୍ଷଣୀୟ ପ୍ରଦର୍ଶନୀ ଏବଂ ବାସ୍ତବ ଜୀବନର ପ୍ରଭାବଶାଳୀ କାହାଣୀ ମାଧ୍ୟମରେ ବନ୍ୟଜନ୍ତୁ ସୁରକ୍ଷା, ବାସସ୍ଥାନ ପୁନରୁଦ୍ଧାର, ଉଦ୍ଧାର ଓ ପଶୁ ସ୍ୱାସ୍ଥ୍ୟ ଏବଂ ଆଦିବାସୀ ସମୁଦାୟଙ୍କୁ ସଶକ୍ତୀକରଣ କ୍ଷେତ୍ରରେ କରାଯାଉଥିବା ପ୍ରୟାସଗୁଡ଼ିକ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା ।

### ୬ ଦିନରେ...

ଆମେରିକା ରାଷ୍ଟ୍ରପତି ଏଚ୍-୧ବି ଭିସା ଦେୟ ବଢ଼ାଇ ଲକ୍ଷେ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) କରିବାରୁ ଏହି ସଙ୍କଟ ସୃଷ୍ଟି ହୋଇଥିଲା । ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ଆଇଟି କମ୍ପାନୀଙ୍କ ଉପରେ ପଡ଼ିଥିଲା । ଏହି କମ୍ପାନୀଗୁଡିକର ହଜାର ହଜାର କର୍ମଚାରୀ ଆମେରିକାରେ କାମ କରୁଛନ୍ତି । ଏଥିଯୋଗୁଁ ଆଇଟି ସୂଚକାଙ୍କ ୮ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପରେ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ଅର୍ଥ କାଢ଼ିବାରେ ଲାଗିଛନ୍ତି ।

ସେହିପରି ଔଷଧ ଉପରେ ଆମେରିକା ୧୦୦ ପ୍ରତିଶତ ଶୁଳ୍କ , କିଚେନ କ୍ୟାବିନେଟ୍ସ ଉପରେ ୫୦ ପ୍ରତିଶତ, ଆସବାବପତ୍ରରେ ୩୦ ପ୍ରତିଶତ ଏବଂ ଭାରୀ ଟ୍ରକ ଉପରେ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି । ଏହା ମଧ୍ୟ ନିବେଶକଙ୍କ ଚିନ୍ତା ବଢ଼ାଇ ଦେଇଛି । ଏହାର ପ୍ରଭାବରେ ଏନ୍‌ଏସ୍‌ଇରେ ପଞ୍ଜୀକୃତ କମ୍ପାନୀଙ୍କ ବଜାର ପୁଞ୍ଜି ଚଳିତ ସପ୍ତାହରେ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି । ନିଫ୍ଟି୫୦ରେ ସାମିଲ ୪୩ କମ୍ପାନୀଙ୍କ ମଧ୍ୟ କ୍ଷତି ହୋଇଛି । ଟେକ୍ ମହିନ୍ଦ୍ରାର ସବୁଠାରୁ ଅଧିକ କ୍ଷତି ହୋଇଛି । ଏହି କମ୍ପାନୀର ସେୟାର ୯.୪ ପ୍ରତିଶତ ହ୍ରାସ ପାଇଛି । ସେହିପରି ଟିସିଏସ୍‌ର ୮.୫ ପ୍ରତିଶତ ,ୱିପ୍ରୋ ଏବଂ ଟ୍ରେଣ୍ଟର ୮ ପ୍ରତିଶତ ଏବଂ ଇନ୍‌ଫୋସିସର ସେୟାର ୫.୯ ପ୍ରତିଶତ ଖସି ଆସିଛି । କ୍ଷେତ୍ର ହିସାବରେ ଆଟିର ସର୍ବାଧିକ ୮%, ରିୟଲଟିର ୬.୧%, ଫାର୍ମାର ୫.୨%, କଞ୍ଜୁମର ଡ୍ୟାରାବିଲ୍ସର ୪.୬%, ଗଣମାଧ୍ୟମଗୁଡିକର ସେୟାର ୨.୭% ହ୍ରାସ ପାଇଛି ।


GOVERNMENT OF ODISHA
HOUSING & URBAN DEVELOPMENT DEPARTMENT
OF THE NOTIFIED AREA COUNCIL,PADAMPUR
At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com
No. 2896 / NACP Dt. 25.09.2025

C-1191

National Competitive Bidding through e-procurement
Bid Identification No. NAC-PDP-04/2025-26

The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

| | | |
|---|---|---|
| 1. | Nature of Work | : Civil Work |
| 2. | No. of works | : 4 (Four Nos.) |
| 3. | Estimate Cost | : Rs. 2,65,562/- to Rs. Rs.9,62,188/- |
| 4. | Class of Contractor | : "C" or "D" Class |
| 5. | Date & Time of availability of Bid Documents in the portal | : 9.00 AM on dt.26-09-2025 up to 05.00 PM on dt.17-10-2025 |
| 6. | Last date & time for receipt of Bids in the portal. | : 17-10-2025 at 05.00 PM. |
| 7. | Bid opening Date | : Dt.18-10-2025 at 11.00 AM |

The bidders have to participate in online bidding only. Further details can be seen from the website https:// www.tendersodisha.gov.in

Executive Officer
N.A.C. Padampur

OIPR-13118/11/0041/2526

ଫର୍ମ ଏ
**ସର୍ବସାଧାରଣ ଘୋଷଣା**
(ଭାରତୀୟ ଦେବାଳିଆ ଓ ଇନସଲଭେନ୍ସି ବୋର୍ଡ ଅଫ୍ ଇଣ୍ଡିଆ ରେଗୁଲେସନ୍ ୬ ଅଧୀନରେ)
(କର୍ପୋରେଟ ପରଦାର୍ଶନ ପାଇଁ ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟା ନିୟମାବଳୀ, ୨୦୧୬)

**ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର୍ ଲିମିଟେଡ (IN CIRP) ଋଣଦାତାମାନଙ୍କ ଧ୍ୟାନାକର୍ଷଣ ନିମନ୍ତେ**

ସମ୍ବନ୍ଧିତ ବିସ୍ତୃତ ବିବରଣୀ

| | | |
|---|---|---|
| ୧ | କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡ |
| ୨ | କର୍ପୋରେଟ୍ ଋଣଗ୍ରହୀତାଙ୍କ ରେଜିଷ୍ଟ୍ରେସନ୍ ତାରିଖ: | ୦୯/୦୫/୧୯୬୧ |
| ୩ | ଯେଉଁ କର୍ତ୍ତୃପକ୍ଷ ଅଧୀନରେ କର୍ପୋରେଟ୍ ଋଣଗ୍ରହୀତାଙ୍କ ଅନ୍ତର୍ଭୁକ୍ତି / ପଞ୍ଜିକରଣ କରାଯାଇଛି | କମ୍ପାନୀ ରେଜିଷ୍ଟ୍ରାର, କୋଲକାତା |
| ୪ | କମ୍ପାନୀ ଆଇଡେଣ୍ଟିଫିକେସନ ସଂଖ୍ୟା: | U31300WB1961PLC025104 |
| ୫ | କର୍ପୋରେଟ୍ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟର ଠିକଣା (ଯଦି ଥାଏ) | ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: [illegible], କୋଲକାତା, ପଶ୍ଚିମବଙ୍ଗ, ଭାରତ- ୭୦୦୦୭୪ ଆକାଉଣ୍ଟ ବହି ରଖାଯାଉଥିବା ଠିକଣା: କଟକ-ପୁରୀ ରୋଡ, [illegible], ଭୁବନେଶ୍ୱର, ଓଡ଼ିଶା, ଭାରତ - ୭୫୧୦୦୬ |
| ୬ | କର୍ପୋରେଟ୍ ଋଣଗ୍ରହୀତାଙ୍କ କ୍ଷେତ୍ରରେ ଇନସଲଭେନ୍ସି ଆରମ୍ଭ ତାରିଖ | ୨୬.୦୯.୨୦୨୫ (ଅର୍ଡର ଅପଲୋଡ୍ ହୋଇଥିଲା ୨୭.୦୯.୨୦୨୫ରେ) |
| ୭ | ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଅନୁମାନିତ ସମାପ୍ତି ତାରିଖ | ୨୫.୦୩.୨୦୨୬ |
| ୮ | ନାମ ଏବଂ ପଞ୍ଜିକରଣ ନମ୍ବର ଯେଉଁଠାରେ ଅନ୍ତରୀମ ରେଜୋଲ୍ୟୁସନ ପ୍ରୋଫେସନାଲ ଅଧିକାରୀ ଅନୁମୋଦିତ | ପ୍ରଦୀପ କୁମାର କବ୍ରା IBBI/IPA-001/IP-P01104/2017-18/11790 |
| ୯ | ବୋର୍ଡରେ ପଞ୍ଜୀକୃତ ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କବ୍ରା [illegible], ସୁରତ, ଗୁଜରାଟ, ୩୯୫୦୦୨ ଇ-ମେଲ: pradeepkabra@gmail.com |
| ୧୦ | ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ସହ ପତ୍ରାଚାର ପାଇଁ ବ୍ୟବହାର ହେବାକୁ ଥିବା ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କବ୍ରା [illegible], ସୁରତ, ଗୁଜରାଟ, ୩୯୫୦୦୨ ଇ-ମେଲ: ip.guptapower@gmail.com |
| ୧୧ | ଦାବିପତ୍ର ଦାଖଲ କରିବାର ଶେଷ ତାରିଖ | ଶୁକ୍ରବାର, ୧୦.୧୦.୨୦୨୫ |
| ୧୨ | ଧାରା21 ର ଉପ-ଧାରା (6A) ର ଧାରା (b) ଅନୁଯାୟୀ, ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ଦ୍ୱାରା ଚିହ୍ନିତ ଋଣଦାତାଙ୍କ ଶ୍ରେଣୀ, ଯଦି କୌଣସି ଥାଏ | ଲାଗୁ ନାହିଁ |
| ୧୩ | ଇନସଲଭେନ୍ସି ପ୍ରୋଫେସନାଲଙ୍କର ନାମ, ଯେଉଁମାନେ ଅଧିକାରୀ ହୋଇଛନ୍ତି ଦାବିଦାରଙ୍କ ପ୍ରତିନିଧି ଭାବେ (ପ୍ରତ୍ୟେକ ଶ୍ରେଣୀ ପାଇଁ ତିନୋଟି ନାମ) | ଲାଗୁ ନାହିଁ |
| ୧୪ | (a) ପ୍ରାସଙ୍ଗିକ ଫର୍ମ ଏବଂ (b) ପ୍ରାଧିକୃତ ପ୍ରତିନିଧିଙ୍କ ବିବରଣୀ ଏଠାରେ ଉପଲବ୍ଧ: | a) Web link: https://ibbi.gov.in/home/downloads b) Not applicable |

ନୋଟିସ: ଏଠାରେ ଜଣାଇ ଦିଆଯାଉଛି ଯେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ଆଦେଶ ଦେଇଛି ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡର ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଆରମ୍ଭ ୨୬ ସେପ୍ଟେମ୍ବର, ୨୦୨୫ରେ (୨୭.୦୯.୨୦୨୫ ଅର୍ଡର ଅପଲୋଡ୍ ହୋଇଛି) ।

ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡର ସମସ୍ତ ଋଣଦାତାଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ୧୦.୧୦.୨୦୨୫ (ଶୁକ୍ରବାର) ରୁ ପୂର୍ବରୁ ସମସ୍ତ ପ୍ରମାଣ ସହିତ ଦାବିପତ୍ର Interim Resolution Professionalଙ୍କୁ (କ୍ର.ନଂ. ୧୦ରେ ଥିବା ଠିକଣାରେ) ଦାଖଲ କରନ୍ତୁ ।

ଆର୍ଥିକ ଦାବିଦାରଙ୍କୁ ତାଙ୍କର ଦାବି ପ୍ରମାଣ ସହିତ ଇଲେକ୍ଟ୍ରୋନିକ ମାଧ୍ୟମରେ ମାତ୍ର ପଠାଇବାକୁ ହେବ । ଅନ୍ୟାନ୍ୟ ଦାବିଦାର ନିଜ ଦାବିପ୍ରମାଣ ସହିତ ବ୍ୟକ୍ତିଗତ ଭାବେ, ପୋଷ୍ଟ କିମ୍ବା ଇଲେକ୍ଟ୍ରୋନିକ ମାଧ୍ୟମରେ ପଠାଇପାରିବେ ।

ଦାବିର ମିଥ୍ୟା କିମ୍ବା ଭ୍ରାମକ ପ୍ରମାଣ ଦାଖଲ କଲେ ଦଣ୍ଡନୀୟ ହେବେ ।

Sd/-
CA. IP Pradeep Kumar Kabra
IRP for M/s. Gupta Power Infrastructure Limited
Date: 28.09.2025
IBBI Registration No.: IBBI/IPA-001/IP-P01104 /2017-18/11790



**AFFIDAVIT**

By virtue of an affidavit sworn before Notary public Bhubaneswar on dated, 26.09.2025, I Sarat Biswal permanent resident At- Purunasahi, Po- Luhamunda, Dist- Angul, Odisha, PIN-759127, declare that I have changed my name from Sarat Chandra Biswal to Sarat Biswal. Henceforth I shall be known as **SARAT BISWAL** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**

By virtue of an affidavit sworn before The Executive Magistrate, Gania on dtd-22/09/2025. I, TAPASI MAHAPATRA, At-Belapadapatana, Po: Belapadapatana, Ps: Gania, Dist- Nayagarh, Odisha, Pin-752085 declare that I have changed my name from TAPASI MAHARANA to TAPASI MAHAPATRA. Henceforth, I shall be known as **TAPASI MAHAPATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 26/09/2025, I, Sagari Mahapatra, resident of At: Damodarpur, PO: Brahmanbadi, PS: Cuttack Sadar, Dist- Cuttack, Pin-754130, Odisha declare that I have changed my name from Sagari Behera to Sagari Mahapatra. Henceforth, I shall be known as **Sagari Mahapatra** for all purposes.
Sagari Mahapatra

**AFFIDAVIT**

I, Bharat Swain, S/o-Raj Kishor Swain resident of Vill/Po/Ps-Jhinti Sasan, Khordha, PIN-752100, Odisha declare by this affidavit no.-156210, dated-08/09/2025 that now onwards I shall be known as **BHARAT CHANDRA SWAIN** for all future purposes.

**FOR SALE**

1 Number of .TRACTOR-NEW HOLAND-3037(2WD), Registration No.- OD-17-AC-5260, Model 2024, - ENGINE NO – S325N79437, CHASIS NO - NHN30370ZRB681112, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6, NEAR BHATLI CHOWK- BARGARH, DIST-BARGARH-768028

**AFFIDAVIT**

I, Shilpa Mohanty (29), D/o - DEEPTI MOHANTY, resident of Saharsahi, Ward No-8, Po-Baripada, Ps-Baripada town, Dist-Mayurbhanj, Pin-757001, Odisha, declared by this affidavit No-104(9) dtd-26/09/2025 that now onwards my mother shall be known as **DIPTI MOHANTY** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Anandapur, dated. 19.09.2025, I **Bhagaban Murmu**, Address- AT-Suapur, PO- Baripal, P.S.-Ghasipura, Dist- Keonjhar, Odisha, Pin-758025 declare that I have changed the name of my daughter from **Singa Murmu to Sinigo Murmu.** Henceforth, she Shall be known as **Sinigo Murmu** for all purposes.
**Bhagaban Murmu**

**FOR SALE**

1 Number of CAR-MARUTI-WAGON R ZXI+, Registration No.-OD-17-AD-1384, Model 2024, - ENGINE NO - K12NN1131006, CHASIS NO - MA3JMTC1SRKB79566, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST-BARGARH-768028

**AFFIDAVIT**

I, Shilpa Mohanty (29), D/o- SUBRATA MOHANTY / SUBRATA KUMAR MOHANTY, resident of Saharsahi, Ward No-8, Po-Baripada, Ps-Baripada Town, Dist-Mayurbhanj, Pin-757001 Odisha, declared by this affidavit No-104(8) dtd-26/09/2025 that now onwards my father shall be known as **SUBRAT MOHANTY** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-27/09/2025. I, **Atulya Kumar Sahu** (new name), formerly called as Atulya Sahu (old name), S/o Amulya Kumar Sahu, permanent resident of AT- Padmanavpur, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Atulya Sahu** (old name) to **Atulya Kumar Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Atulya Kumar Sahu** (new name).
**Atulya Kumar Sahu**

**FOR SALE**

1 Number of KUBOTA COMBINE HARVESTER -TRACK, Registration No.- NA, Model 2023, - ENGINE NO - BNU3263, CHASIS NO - KBH83900ENTK01995, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST-BARGARH-768028

**AFFIDAVIT**

I, Bajrang Bihani H/o Laxmi Devi Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist- Angul, Odisha, PIN- 759100, declare by this affidavit No.5949 dtd 26.09.2025 that now onwards I shall be known as **BAJRANG LAL BIHANI** for all future purposes.

**AFFIDAVIT**

By virtue of an affidavit (CF No.01, date- 20/06/2025) sworn before the Executive Magistrate, Padampur. I, **Mahendra Nayak,** S/o- Rabishankar Nayak, permanent & current resident of At- Haridatal, PO- Kermelabahal, Dist- Bargarh, PIN- 768039, Odisha declare that I have changed my minor daughter's name from **Lilima Nayak** (old name) to **Nilima Nayak** (new name). Henceforth, she shall be known as **Nilima Nayak** (new name) for all purposes.
**Mahendra Nayak**

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ
(1) ଟେଣ୍ଡର ସଂ.e-tender-BrKUR-251-2025,ତା.16.09.2025ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ସେକ୍ସନ ... (ବ୍ରିଜ୍)/ କ୍ଷେତ୍ର-II ... 30.06.2026 ପର୍ଯ୍ୟନ୍ତ ... ଜୋନାଲ (Zonal) ଚୁକ୍ତି (ବ୍ରିଜ୍ କାର୍ଯ୍ୟ) ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.40 ଲକ୍ଷ, EMD (ଟଙ୍କାରେ) : 1,44,800/- ।
(2) ଟେଣ୍ଡର ସଂ.e-tender-EASTKUR-252-2025,ତା.16.09.2025ରିଖ
ବିବରଣୀ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ... ଅଧୀନସ୍ଥ ... ଟ୍ରାକ୍ ... କାର୍ଯ୍ୟ" ସହାୟକ ... ଟ୍ରାକ୍ ଯୋଡ଼ିବା (Linking) କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ: 113.41 ଲକ୍ଷ, EMD (ଟଙ୍କାରେ) : 2,06,700/- ।
ଶେଷ ହେବା ଅବଧି : 08 ମାସ (କ୍ରମ ନଂ.1 ପାଇଁ) ଏବଂ 10 ମାସ (କ୍ରମ ନଂ.2 ପାଇଁ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2025 ରିଖ 1500 ଘଣ୍ଟାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ହାତ/କୋରିୟର/ଡାକ୍ ମାଧ୍ୟମରେ ... ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ... ଫାର୍ମ (Firm)ର ... ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ... ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ଦସ୍ତାବିଜ ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-647/Q/25-26

**AFFIDAVIT**

By virtue of an affidavit No-02 sworn before the Executive Magistrate, Jatni on dt 19/09/2025, I **Pratap Chandra Maharathi,** S/o-Late Pramod Maharathi, resident of At- Bhatakhuri, Po- Gangapada, Ps- Infovaley, Dist- Khordha, Pin-752054, Odisha. I am the deponent. I have changed my minor daughter's name from **Bhagrovi Maharathi** (old name) to **Bhargovi Maharathi** (new name). Henceforth, both name **Bhagrovi Maharathi** and **Bhargovi Maharathi** is one & same person she will be known as **Bhargovi Maharathi** for all future purposes.
**Pratap Chandra Maharathi**

**AFFIDAVIT**

By virtue of an affidavit No. 4240 sworn before the Notary Public Swampatna on dated-26/09/2025. I **Mandakini Behera,** aged 41 years, D/O- Hrusikesh Behera, W/O- Ranjit Sethi, resident of At/Po-Mushakhori, Ps-Patna, Dist-Keonjhar, Odisha. My surname in my Aadhar card is mentioned as **SETHI** & D.O.B as **04/05/1989** instead of **BEHERA & D.O.B 29/04/1983**. Henceforth I shall be known as **Mandakini Behera,** D/O- Hrushikesh Behera and date of birth as **29/04/1983** for all future purposes
**Mandakini Behera**

**AFFIDAVIT**

I, Laxmi Bihani W/o Bajrang Lal Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist- Angul, Odisha, PIN- 759100, declare by this affidavit No.5950 dtd 26.09.2025 that now onwards I shall be known as **LAXMI DEVI BIHANI** for all future purposes.

**AFFIDAVIT**

I, Jyoshna Mohapatra, W/o- Bikash Chandra Mohapatra, resident of Gopinathpur, Marshaghai, Dist- Kendrapara, Pin-754213, Odisha declared by this affidavit No.788, dtd- 26/09/2025 that now onwards I shall be known as **JYOSHNA RANI MOHAPATRA** for all future purposes.

**IN THE COURT OF THE CIVIL JUDGE, (SR.DIVN) LR & LTV, ANGUL**
C.S NO: 97/2016
Saila Dehury and others ................. Plaintiffs
Versus
Sulochana Dehury and others ................. Defendants
DRAFT NOTICE
U/O 5, RULE 20 OF CIVIL PROCEDURE CODE

To,
D.5 Suchitra Dehury, Wife of Late Basistha Dehury, Presently wife of Sushanta Biswal, Son of Dinabandhu Biswal, At/P.O/P.S: Nalco Nagar, Dist: Angul.

Whereas the above-named Plaintiffs filed a suit for cancellation of RSD bearing no.5900/2013 and injunction.

You are hereby noticed to appear in this Court in person or by a pleader duly instructed and able to answer all material questions relating to the case, or who shall be accompanied by some persons able to answer all such questions, on the **27th day of October 2025, at 10 ½ O'clock** in the forenoon, to answer the claim if any; and directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list [to be annexed to the written statement.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **25th day of September 2025.**

**Sd/- Court of the Civil Judge (Sr.Divn) LR & LTV, Angul.**

**AFFIDAVIT**


By virtue of an affidavit (SL No. 306, dtd- 26/09/2025) before the Notary Public, Bhubaneswar. I, **Sthitapragnya Mohapatra,** W/o Indrajit Panda, resident of At: RP-57, Pandav Nagar, Road No.4, Tankapani Road, Bhubaneswar- 751018, Dist-Khordha, Odisha declare that, I want to change my name from **Sthitapragyan Mohapatra** to **Sthitapragnya Mohapatra** in my son's (Aryan Panda) school record. Henceforth, I shall be known as **Sthitapragnya Mohapatra** (new name) for all future purposes.
**Sthitapragnya Mohapatra**

ସକାଳ
THE SAKALA



# ଦୁର୍ଗାପୂଜାରେ ଉତ୍ସବମୁଖର ଜେକେପୁର ଓ ରାୟଗଡ଼ା ସହର

ରାୟଗଡ଼ା,୨୭।୯(ସମିସ): ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଶରତ ଋତୁର ଆକାଶରେ ଧଳା କପାସିଆ ପାଗ। ପ୍ରକୃତିର ଶୀତଳ ସ୍ପର୍ଶ ଓ ପରିବେଶରେ ପୂଜାର ଧ୍ୱନୀ ସବୁମିଶି ଶାରଦୀୟ ଦୁର୍ଗାପୂଜାର ଉତ୍ସବମୟ ରୂପ ସୃଷ୍ଟି କରିସାରିଛି। ଜଗତ୍‌ଜନନୀ ଦେବୀ ମାଁ ଦୁର୍ଗାଙ୍କ ପୂଜା ଉତ୍ସବକୁ ନେଇ ରାୟଗଡ଼ା ଓ ଜେକେପୁର ସହର ଉତ୍ସବମୁଖର ହୋଇପଡିଛି। ରାୟଗଡ଼ା ସହରର ବ୍ରାହ୍ମଣ ସାହି, ପୋଲିସ କଲୋନୀ, ଏସବିଆଇ ଛକ ନଗର ପୂଜା କମିଟି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛକ ନ୍ୟୁ ଟାଉନ୍ ଦୁର୍ଗା ପୂଜା କମିଟି ସମେତ ଅନ୍ୟାନ୍ୟ କିଛି ସ୍ଥାନରେ ମାଁ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଜେକେପୁର ଠାରେ ଜେକେ କାଗଜ କଳ ଦୁର୍ଗା ପୂଜା କମିଟି ପକ୍ଷରୁ ମଧ ଦୁର୍ଗାପୂଜା ଚଳିତ ବର୍ଷ ଧୁମ୍‌ଧାମରେ ପାଳନ ହେବାକୁ ଯାଉଛି। ଜେକେପୁର ଦୁର୍ଗା ପୂଜା ମଣ୍ଡପ ସମେତ ରାୟଗଡ଼ାର ବିଭିନ୍ନ ପୂଜା ମଣ୍ଡପରେ ମାଁଙ୍କ ମୂର୍ତ୍ତୀ ଓ ପୂଜା ପ୍ରସ୍ତୁତି କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆସନ୍ତା ରବିବାର ୨୮ ତାରିଖରେ ଷଷ୍ଠୀ ପୂଜାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପାରମ୍ପରିକ ପୂଜାବିଧି ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ଅକ୍ଟୋବର ୨ ତାରିଖ ବିଜୟା ଦଶମୀରେ ରାୟଗଡ଼ା ବ୍ରାହ୍ମଣ ସାହି ସ୍ଥିତ ପଡିଆ ଏବଂ ଜେକେପୁର ସ୍ଥିତ ଟ୍ରକ ପାର୍କିଂ ପଡିଆରେ ରାବଣ ଦହନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ସେହିପରି ଜେକେ ପେପର ମିଲ ଦୁର୍ଗା



ପୂଜା କମିଟି ପକ୍ଷରୁ ଆସନ୍ତା ୨ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ବିଭିନ୍ନ ଆର୍କଷଣୀୟ ସାଂସ୍କୃତିକ ଉତ୍ସବର ଆୟୋଜନ କରାଯାଇଥିବା ବେଳେ ବିଜୟା ଦଶମୀ ଦିନ ଭିଡକୁ ଦୃଷ୍ଟିରେ ରଖି ଚାନ୍ଦିଲି ଥାନା ପୋଲିସ ପକ୍ଷରୁ ରାୟଗଡ଼ାରୁ ଜେକେପୁରକୁ ଆସୁଥିବା ଭାରୀଯାନଗୁଡିକୁ ମାଲିଗାଁ ରାସ୍ତା ଦେଇ ଅମଲାଭଟା ଛକ, ଭାକୁରଗୁଡା ରାସ୍ତା ଦେଇ ବଡ଼ଚାନ୍ଦିଲି ରାସ୍ତା ପଟକୁ ଯିବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ରାୟଗଡ଼ାରୁ ଜେକେପୁର ଦୁର୍ଗା ପୂଜା ଦେଖିବାକୁ ଯାଉଥିବା ଦର୍ଶକଙ୍କ ନିମନ୍ତେ ଉକ୍ତ ଦିନ କୁମଡୁଲପେଟା ସ୍ଥିତ ଶ୍ରୀ ଉଗ୍ରତାରା ହାଇସ୍କୁଲ ପଡିଆରେ ଏବଂ ଅମଲାଭଟା ଛକରୁ ଜେକେପୁରକୁ ଆସୁଥିବା ଦର୍ଶକଙ୍କ ନିମନ୍ତେ ଇଏସଆଇ ହସ୍ପିଟାଲ ପଡିଆ ଏବଂ କଲ୍ୟାଣସିଙ୍ଗପୁରରୁ ଆସୁଥିବା ଲୋକଙ୍କ ପାଇଁ ସ୍ଥାନୀୟ ପବ୍ଲିକ ସ୍କୁଲ ନିକଟ ପଡିଆରେ ପାର୍କିଂ ବ୍ୟବସ୍ଥା କରାଯାଇଥିବା ଚାନ୍ଦିଲି ଥାନା ଆଇଆଇସି ଉତ୍ତମ ସାହୁ ପ୍ରକାଶ କରିଛନ୍ତି। ସେହିପରି ରାୟଗଡ଼ା ଓ ଜେକେପୁରରେ ଅନୁଷ୍ଠିତ ହେଉଥିବା ଦୁର୍ଗା ପୂଜାକୁ ନେଇ ଉଭୟ ସହର ଏବେ ସୁସଜ୍ଜିତ ରଙ୍ଗବେରଙ୍ଗ ଆଲୋକମାଳା ଏବଂ ଆକର୍ଷଣୀୟ ତୋରଣରେ ଝଲସି ଉଠୁଥିବା ବେଳେ ପୋଲିସ ଓ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟି ପକ୍ଷରୁ ଦୂର ଦୂର ସ୍ଥାନକୁ ଦୁର୍ଗା ପୂଜା ଦେଖିବାକୁ ଯିବା ସମୟରେ ବାଇକ୍‌ରେ ଟ୍ରିପଲ ରାଇଡିଂ ନ କରିବା, ବାଇକ୍ ଚଳାଇବା ବେଳେ ମୋବାଇଲ ନ ବ୍ୟବହାର କରିବା, ଗାଡି ଚଳାଇବା ବେଳେ ସିଟ୍ ପିନ୍ଧିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ମଦ୍ୟପାନ କରି ଗାଡି ନ ଚଳେଇବା ଆଦି ଟ୍ରାଫିକ୍ ନିୟମ ମାନି ଚଳିବାକୁ ସଚେତନ ହେବାକୁ ପରାମର୍ଶ ଦିଆଯାଇଛି।

## ଜିଏନ୍‌ଏମ୍ ଶିକ୍ଷା ଅନୁଷ୍ଠାନ ଉଦ୍‌ଘାଟିତ

ପଦ୍ମପୁର,୨୭।୯(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍‌ରେ ଅବସ୍ଥିତ ତ୍ରିବେଣୀ ଅନୁଷ୍ଠାନ ଏବଂ ଫାମାକାଲ୍ ଏଣ୍ଡ ହେଲ୍‌ଥ ସାଇନ୍ସର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଅମ୍ବୁଜା ରତ୍ନ ମୁଦୁଲି, ମୁଖ୍ୟବକ୍ତା ଭାବେ ସନ୍ତୋଷ କର, ସମ୍ମାନିତ ଅତିଥି ଭାବେ ଡାକ୍ତର ଅରୁଣ କୁମାର ମାନସିଙ୍ଗ୍ , ଅତିଥି ରୂପେ ତ୍ରିପତି ପ୍ରସାଦ ନିସଙ୍କ, ସଭାପତି ସ୍ୱାଗତ ଶେଖର ଜେନା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୀତା ମିଶ୍ର ଏବଂ ସମସ୍ତ କଳା ବିଭାଗର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିମାନେ ଏ ସମ୍ପର୍କରେ କହିଥିଲେ। ଡାକ୍ତର ଅରୁଣ କୁମାର ମାନସିଂ ମଧ ନିଜର ବକ୍ତବ୍ୟ ରଖିଥିଲେ। ସଭାପତି ସ୍ୱାଗତ ଶେଖର ଜେନା ରାୟଗଡାର ଅନୁନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ଏହି ଅନୁଷ୍ଠାନ ବଦ୍ଧ ପରିକର ବୋଲି ଘୋଷଣା କରିଥିଲେ। ଶେଷରେ ଅନୀତା ମିଶ୍ର ସେବାର ଦୁଇଟି ମୂଳମନ୍ତ୍ର ରୋଗୀ ଏବଂ ଧର୍ଯ୍ୟ ହିଁ ସେବା ବୋଲି ମତ ବ୍ୟକ୍ତ କରିଥିଲେ।

## ଜିଲ୍ଲାର ଆମ୍ବୁସ୍ ମ୍ୟାନ ହେଲେ ନୃସିଂହ ଚରଣ ମହାନ୍ତି

ମାଲକାନଗିରି, ୨୭।୯(ସମିସ): ମାଲକାନଗିରି ଜିଲ୍ଲାରେ ନୂତନ ଆମ୍ବୁସ ମ୍ୟାନ ଭାବେ ନୃସିଂହ ଚରଣ ମହାନ୍ତିଙ୍କୁ ଚୟନ କରାଯାଇଛି। ଜିଲ୍ଲାର ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଗତ ଦୁଇ ବର୍ଷ ଧରି ଖାଲି ରହିଥିଲା। ଏହି ପଦବୀର ଅନେକ ଭୂମିକା ଓ ମହତ୍ୱ ରହିଛି। ତେବେ ପଦବୀ ଦୌଡରେ ଅନେକ ବ୍ୟକ୍ତି ବିଶେଷ ରହିଥିବା ବେଳେ ପରିଶେଷରେ ଏହି ପଦବୀ ପାଇଁ ଶ୍ରୀ ମହାନ୍ତିଙ୍କୁ ଚୟନ କରାଯାଇଛି। ଶ୍ରୀ ମହାନ୍ତି ଜିଲ୍ଲାର ଜଣେ ବରିଷ୍ଠ ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ସମାଜସେବୀ ଭାବେ ପରିଚିତ ଅଟନ୍ତି।



ଜଣେ ବରିଷ୍ଠ ଆଇନଜୀବି ଭାବେ ଅନେକ ଗରିବ ଓ ଅସହାୟ ଲୋକଙ୍କୁ ବିଭିନ୍ନ ମାମଲାରେ ସହାୟତା କରିଛନ୍ତି। ସୂଚନା ଥାଉକି ଶ୍ରୀ ମହାନ୍ତି ପୂର୍ବରୁ ଜିଲ୍ଲା ଓକିଲ ସଂଘର ସଭାପତି, ଜିଲ୍ଲା ଲୟର୍ସ ଆସୋସିଏସନ ସଭାପତି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସମେତ ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣା ଯାଇଛି।

## ରାୟଗଡ଼ା ଝିଅ ତନିସାଙ୍କ ସଫଳତା

ରାୟଗଡ଼ା,୨୭।୯(ସମିସ ): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ରାୟଗଡାର ଝିଅ ତନିସା ବେହୁରା ସଫଳତା ଅର୍ଜନ କରିଛନ୍ତି। ପ୍ରକାଶିତ ଓସିଏସ ପରୀକ୍ଷା ର୍‍ୟାଙ୍କରେ ସେ ୨୬ ସ୍ଥାନରେ କୃତକାର୍ଯ୍ୟ ହାସଲ କରିଛନ୍ତି। ସେ ରାୟଗଡ଼ର ଦିଲିପ କୁମାର ବେହୁରା ଓ ନିବେଦିତା ବେହୁରାଙ୍କ ଝିଅ। ସେ ସ୍ଥାନୀୟ ସାର୍କେଡ ହାର୍ଟ ସ୍କୁଲରରୁ ଦଶମ ଶ୍ରେଣୀ ପରୀକ୍ଷାରେ ପାସ କରିବା ପରେ ଭୁବନେଶ୍ୱରର ଓଡିଏମ ସ୍କୁଲରୁ ଯୁକ୍ତ ଦୁଇ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପାସ କରିଥିଲେ। ତାପରେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଯୁକ୍ତ ତିନି ପରୀକ୍ଷା ପ୍ରଥମ ଶ୍ରେଣୀରେ ପାସ କରିଥିଲେ। ତାଙ୍କର ଏହି ସଫଳତାର ଶ୍ରେୟ ନିଜ ପିତାମାତା ଓ ଗୁରୁଜନ ମାନଙ୍କୁ ଦେଇଛନ୍ତି। ରାୟଗଡ଼ା ସମବାୟ ସମିତି ନିରୀକ୍ଷକ ହିମାଳୟ ଶବର ୩୮୫ ର୍‍ୟାଙ୍କ ରଖି ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

● ଦୁଇ ବାଇକ୍ ଧକ୍କାରୁ ଅଘଟଣ

## ତଳେ ପଡ଼ିଥିବା ଛାତ୍ର ଉପରେ ମାଡ଼ିଗଲା ଟ୍ରକ୍

ରାୟଗଡ଼ା,୨୭।୯(ସମିସ): ୩୨୬ ନଂ ଜାତୀୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ମୃତ୍ୟୁବରଣ କରିଛି। ଦଶହରା ଉପଲକ୍ଷେ ଆଜିଠାରୁ ବିଦ୍ୟାଳୟଛୁଟି ହେବା ପରେ ଛାତ୍ର ଜଣକ ତାଙ୍କ ସମ୍ପର୍କୀୟ ଭାଇଙ୍କ ସହ ବାଇକ୍ ଯୋଗେ ଫେରୁଥିଲେ। ମୃତକ ହେଲେ ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକ ସିନ୍ଦୁରଘାଟି ପଞ୍ଚାୟତ ଡେରାକଣା ଗ୍ରାମର ରାହୁଲ ନାଏକ(୧୪)। ରାହୁଲ ରାୟଗଡା ବ୍ଲକ ଅନ୍ତର୍ଗତ ଏସଏସଡି ବିଭାଗ ଦ୍ୱାରା ପରିଚାଳିତ ପେନିକଣା ଆଶ୍ରମ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହି ପାଠ ପଢୁଥିବା ବେଳେ ଆଜି ବିଦ୍ୟାଳୟରେ ଦଶହରା ପାଇଁ ଛୁଟି ହୋଇଥିଲା। ଆଜି ତାଙ୍କ ସମ୍ପର୍କୀୟ ଭାଇ ଲୋଚନ ନାଏକ ତାଙ୍କୁ ସ୍କୁଲରୁ ବାଇକ୍ ଯୋଗେ ଘରକୁ ନେଉଥିବା ସମୟରେ ଚାନ୍ଦିଲି ଥାନା ଅନ୍ତର୍ଗତ ଭାକୁରଗୁଡା ଅଡିଟରିଅମ୍ ସାମ୍ନାରେ ଏକ ବାଇକ୍ ସହ ଧକ୍କା ହେବା ଫଳରେ ବାଇକ୍‌ରୁ ରାହୁଲ ରାସ୍ତା ଉପରେ କଚାଡି ହୋଇ ପଡ଼ିଥିଲେ। ଏହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ରାହୁଲ ଉପରକୁ ମାଡିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ପକ୍ଷରେ ବାଇକ୍ ଚଳାଉଥିବା ଲୋଚନ ନାଏକ ଗୁରୁତର ଅବସ୍ଥାରେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଚାନ୍ଦିଲି ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଓଟିଇଟି ପରୀକ୍ଷା ଦେଲେ ୧୪୪୯ ଜଣ

ମାଲକାନଗିରି,୨୭।୯(ସମିସ): ଆଜି ମାଲକାନାଗିରି ଜିଲ୍ଲାରେ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଛି। ମାଲକାନାଗିରି ଜିଲ୍ଲାରେ ୫ଟି କେନ୍ଦ୍ରରେ ଏହି ପରୀକ୍ଷା ଆୟୋଜନ କରାଯାଇଛି। ସମସ୍ତ ବ୍ଲକ୍‌ର ୧୪୪୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ନିମନ୍ତେ ୧୫୧୯ ଜଣ ଆବେଦନ କରିଥିବା ବେଳେ ୭୦ ଜଣ ଆବେଦନକାରୀ ଅନୁପସ୍ଥିତ ଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ପର୍ଯ୍ୟବେକ୍ଷକ ନିୟୋଜିତ କରା ଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣିଗ୍ରାହୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ସଫଳତାର ସହିତ ଆୟୋଜନ ହୋଇଥିଲା।

## ଉମରକୋଟ ସହରରେ କୃତ୍ରିମ ବନ୍ୟା

ଉମରକୋଟ,୨୭।୯(ସମିସ): ଲଘୁଚାପଜନିତ ବର୍ଷା ଯୋଗୁ ଉମରକୋଟ ସହରରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବର୍ଷାଜଳ ନିଷ୍କାସନ ହୋଇନଥିବାରୁ ଉମରକୋଟ ପୌରପରିଷଦର ଲୋକେ ହନ୍ତସନ୍ତ ହେଉଛନ୍ତି। ଉବୁଟୁବୁ ସହରର ଅଧିକାଂଶ ଅଞ୍ଚଳ। ସହରର ନାଳ ସବୁ ଭର୍ତ୍ତି ହୋଇ ରାସ୍ତା ଉପରେ ପାଣି ଚାଲୁଛି। ନୂତନ ବସଷ୍ଟାଣ୍ଡ ହେଉ କି ରାଜରାସ୍ତା ଘର ଭିତରେ ପାଣି ପଶିଯାଇଛି। କୃତ୍ରିମ ବନ୍ୟାର ଖବର ପାଇ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଓ ପୌର ପରିଷଦର କର୍ମଚାରୀଙ୍କ ସହ ପହଞ୍ଚି ନିଜେ ଦମକଳ ବାହିନୀଙ୍କୁ ଡକାଇ ପାଣି ସବୁ ନିଷ୍କାସନ କରିବାର ବ୍ୟବସ୍ଥା କରିଥିଲେ। ଉମରକୋଟ ପୌରାଞ୍ଚଳ ୱାର୍ଡ ନଂ ୯ ଶିବାଜୀ ନଗର ଅଞ୍ଚଳରେ ରାସ୍ତା ଏବଂ ଘରେ ଏବେ ବି ୨ ଫୁଟ୍‌ର ପାଣି ଚାଲୁଛି। ଘରୁ ବାହାରିବାକୁ ହେଲେ ପାଣିରେ ପଶିଯିବାକୁ ପଡୁଛି। ନୂତନ ବସଷ୍ଟାଣ୍ଡ ଠାରେ ପାଣି ପଶିଯିବାରୁ ପାଣି ଭିତରେ ପସି ଯାତାୟତ କରୁଥାନ୍ତି। ସହରାଞ୍ଚଳରେ ବାରମ୍ବାର କୃତ୍ରିମ ବନ୍ୟା ହେଉଥିଲେ ବି ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନିଆଯାଉନଥିବାରୁ ବର୍ଷା ହେଲେ ଏଭଳି ସମସ୍ୟା ଉପୁଜୁଛି।

● ରାସ୍ତାରେ ଗଛପଡି ରାସ୍ତା ଅବରୋଧ

## ଯାତାୟାତ ବାଧାପ୍ରାପ୍ତ

ଗୁଡାରି,୨୭।୯(ସମିସ): ଢେପାଗୁଡା ମୁଖ୍ୟ ରାସ୍ତାରେ ବିରାଟ ଗଛ ପଡିଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ବିରାଟ ଗଛ ପଡ଼ି ଯିବାରୁ ୧୧ କେଭି ବିଜୁଳି ତାର ଛିଡିଯିବା ଯୋଗୁଁ ରାସ୍ତା ଅବରୋଧ ସାଙ୍ଗକୁ ବିଜୁଳି ବ୍ୟାଘାତ ଘଟିଛି। ଗଛଟି ବିଦ୍ୟୁତ ତାର ଉପରେ ପଡିଯାଇଥିବାରୁ ଦୁଇଟି ବିଜୁଳି ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଜଣାପଡିଛି। ଖବର ପାଇ ବିଦ୍ୟୁତ ବିଭାଗ ଯନ୍ତ୍ରୀ ବଳଭଦ୍ର ମିଶ୍ର ଏବଂ ସମସ୍ତ କର୍ମଚାରୀ ସେଠାକୁ ଯାଇଥିଲେ। ଅଗ୍ନିଶମ ବିଭାଗ ଖବର ପାଇ ସେଠାକୁ ଯାଇ ଗଛଟିକୁ କାଟି ବାହାର କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦିନ ତମାମ ବିଜୁଳି ନ ଥିବାରୁ ନାନା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ।



ବିଦ୍ୟୁତ ବିଭାଗ କର୍ମଚାରୀ ଅକ୍ଲାନ୍ତ ପରିଶ୍ରମ କରି ବିଦ୍ୟୁତ ଖୁଣ୍ଟ ଏବଂ ତାର ଯୋଡି ବିଜୁଳି ସ୍ୱାଭାବିକ ହୋଇଥିବା ଶ୍ରୀ ମିଶ୍ର କହିଥିଲେ।


## ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଲେ ଦୁର୍ବୃତ୍ତ

ରାୟଗଡ଼ା,୨୭।୯(ସମିସ): ରାୟଗଡ଼ା ସହରରେ ପୁଣି ମାତିଲେ ଲୁଟେରା। ଆଜି ରାୟଗଡ଼ା ସହରରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଗଲେ ଦୁର୍ବୃତ୍ତ। ରାୟଗଡ଼ା ସହରର ଟ୍ରେଜେରି ରୋଡରେ ଆଜି ସକାଳ ପ୍ରାୟ ୭ ଟା ବେଳେ ଏହି ଘଟଣା ଘଟିଛି। ଲୁଟ୍ ପରେ ମହିଳା ଜଣକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଓ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଆହତ ମହିଳାଙ୍କୁ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଲୁଟର ଶିକାର ମହିଳା ହେଲେ ନରମତି ଜଗଦମ୍ବା। ଘଟଣାରୁ ପ୍ରକାଶ ଯେ, ଜଗଦମ୍ବା ଆଜି ସକାଳୁ କ୍ଷୀର କିଣିବା ପାଇଁ ଦୋକାନ ଆସିଥିଲେ। କ୍ଷୀର କିଣି ଘରକୁ ଫେରିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଜଗଦମ୍ବାଙ୍କୁ ଆକ୍ରମଣ କରି ତାଙ୍କ ବେକର ସୁନାଚେନ୍ ଛିଣ୍ଡାଇ ନେଇ ଯାଇଥିବା ବେଳେ ଧସ୍ତାଧସ୍ତିରେ ଜଗଦମ୍ବା ତଳେ ପଡି ଯାଇ ଚିତ୍କାର କରିଥିଲେ। ତାଙ୍କର ପାଟି ଶୁଣି ସାହି ବାସିନ୍ଦା ପହଞ୍ଚି ଉଦ୍ଧାର କରି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ପହଞ୍ଚିଛି। ଏନେଇ ରାୟଗଡ଼ା ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକ। ଅଭିଯୋଗ ହସ୍ତଗତ ହେବାପରେ ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ପ୍ରସନ୍ନ ବେହେରା କହିଛନ୍ତି।

● ରାସ୍ତା ମଝିରେ ଗୋଡି, ବାଲି ଗଦା

## ଯାତାୟାତ ପାଇଁ ଲୋକେ ହନ୍ତସନ୍ତ

ଗୁଡାରୀ,୨୭।୯ (ସମିସ): ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରକୁ ସରସ ସୁନ୍ଦର କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାସ୍ତା କଡରେ ଅଳିଆ ଆବର୍ଜନା ପକାଇବା ସହରବାସୀଙ୍କ ଏକ ପ୍ରକାରର ପେଶାରେ ପରିଣତ ହୋଇଛି। ବାରମ୍ବାର ନଗର ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କଲେ ମଧ ଲେକାଙ୍କର ପରିବର୍ତ୍ତନ ହେଉନାହିଁ। ଏମିତିରେ ରାସ୍ତା ମଝିରେ ବାଲ, ଗୋଡି, ପଥର, ଇଟା, ଲୁହା ଗଜ ରଖି ସମ୍ପର୍ଣ୍ଣ ରାସ୍ତାକୁ ଜାମ କରିବା ଦ୍ୱାର।। ଯାତାୟତ କରୁଥିବା ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଘରର ଛାତ ପକାଇବା ସମୟରେ ମଧ ସମ୍ପୂର୍ଣ୍ଣ ରାସ୍ତାକୁ ଅବରୋଧ କରୁଥିବା ଦେଖିବାକୁ ମିଳୁଛି। ପରିଷଦକୁ ଟିକସ ନ ଦେଇ ରାସ୍ତା ଅବରୋଧ କରିବା ବେନିୟମ । ଅନ୍ୟପଟେ ବ୍ୟବସାୟୀ ମୁଖ୍ୟ ରାସ୍ତାରେ ଠେଲା



ଗାଡି ରଖି ବ୍ୟବସାୟ କରିବା ଦ୍ୱାରା ଅଧିକ ସମୟରେ ରାସ୍ତା ଜାମ ରହୁଛି । ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣ ଲୋକ ପରିଷଦକୁ ଅନୁରୋଧ କରିଛନ୍ତି।

## ସିଆରପିଏଫ ପକ୍ଷରୁ ସଫେଇ ଅଭିଯାନ

ରାୟଗଡ଼ା,୨୭।୯(ସମିସ): ରାୟଗଡ଼ା ୪ର୍ଥ ବାଟାଲିୟନ ସିଆରପିଏଫ ପକ୍ଷରୁ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାୟଗଡର ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣି ମନ୍ଦିର ପ୍ରାଙ୍ଗଣ ଓ ଏହାର ଆଖପାଖ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୪ର୍ଥ ବାଟାଲିୟନର କାମାଣ୍ଡାଣ୍ଟ ଫିରୋଜ କୁଜୁର ଏବଂ ଅନ୍ୟ ଅଧିକାରୀ, ଯବାନଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ ଏବଂ ଅନ୍ୟ ସାଧାରଣ ନାଗରିକମାନେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ଶ୍ରମଦାନ ଏହି ସେବା ଅଭିଯାନକୁ ଏକ ସଫଳତା ପ୍ରଦାନ କରିଥିଲା।




## ବିଜିଏନ୍‌ଏମ୍ କୋଲନରା ସିଏଚ୍‌ସିରେ ସ୍ୱାସ୍ଥ୍ୟ ଶିବିର



ରାୟଗଡ଼ା/କୋଲନରା,୨୭।୯(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି) ଠାରେ ସ୍ୱତନ୍ତ୍ର ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ଏହି ଶିବିରକୁ ଆନୁଷ୍ଠାନିକ ଭାବରେ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା କୁଲେସିକା, ଜିଲ୍ଲା ପରିଷଦ ସଦସ୍ୟ ଧବଳେଶ୍ୱର ନାଇଡୁ, ସରପଞ୍ଚ ପରମାନନ୍ଦ କୋଣ୍ଡାଗରୀ, ଜିଲା ମୁଖ୍ୟ ଚିକିତ୍ସା କାର୍ଯ୍ୟାଳୟରୁ ଅତିରିକ୍ତ ଜନସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡ ମମତା ସାହୁ, ଡିଏମଆରସିଏଚ ସୁଶାନ୍ତ କୁମାର ନାୟକ ମିଳିତ ଭାବରେ ଉଦ୍‌ଘାଟନ କରିଥିଲେ। ଏଥିରେ ଶିକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନ ଇମ୍ପା ଥେରୁବାଲିର ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ପ୍ରଥମେ ଆଶା କର୍ମୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ କିଛି କିଶୋରୀ ବାଳିକାଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବାର୍ତ୍ତାରେ ନୃତ୍ୟ ମାଧ୍ୟମରେ ସଚେତନ କରାଯାଇଥିଲା। ସଭା ପରିଚାଳନା ବିପିଏମ ଓ ପିଏଚ ଇଓ କରିଥିଲେ। ଏଥିରେ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀ ଡ. ଜି ଶୈଳଜା ଉପସ୍ଥିତ ରହି ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଶିବିରରେ ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ, ଭେଷଜ ବିଶେଷଜ୍ଞ, ମାନସିକ ସ୍ୱାସ୍ଥ୍ୟ, ଦାନ୍ତ ଚିକିତ୍ସକ, ଚକ୍ଷୁରୋଗ ବିଶେଷଜ୍ଞ ଉପସ୍ଥିତ ରହି ରୋଗୀ ମାନଙ୍କୁ ଚିକିତ୍ସା କରିଥିଲେ। ସମସ୍ତ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିଲା ଏବଂ ସମସ୍ତଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ କୋଲନରା ବ୍ଲକରୁ ପ୍ରାୟ ୭୧୧ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ସମସ୍ତ ପଞ୍ଜିକୃତର ଦାୟିତ୍ୱ ବିଡ଼ିଏମ ଶ୍ରୀମତୀ ସବିତା ପାଣିଗ୍ରାହୀ ଓ ଏମଆଏ ଶିବ ସୁନା ବହନ କରିଥିଲେ। ଶିବିରକୁ ସ୍ୱାସ୍ଥ୍ୟ କର୍ମୀ ଶୁଭଶ୍ରୀ ଦାସ, ବିପିଏମ ଶ୍ରୀମତୀ କଳ୍ପନା ମିଶ୍ର ଓ ବିଏଏମ୍ ଟି ଉପେନ୍ଦ୍ର ଆୟୋଜନ କରିଥିଲେ।

ବକେୟା ବିଲ୍ ପଇଠ ହେଉନି

# ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଏମଭି-୫୩ ଗ୍ରାମବାସୀ

କୋରୁକୋଣ୍ଡା, ୨୭।୯(ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଅଧିନସ୍ଥ ଏମଭି -୫୩ ନମ୍ବର ଗ୍ରାମରେ ଆଜକୁ ପ୍ରାୟ ୧୫ ଦିନରୁ ଅଧିକ ସମୟ ହେବ ଘୋର ଜଳ ସଙ୍କଟ ଦେଖା ଦେଇଛି। ଜଳ ମୁହାଏ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ନିମନ୍ତେ ପମ୍ପ ହାଉସର ପ୍ରାୟ ୭ ମାସର ବକେୟା ଥିବା ବିଦ୍ୟୁତ ବିଲ ପଞ୍ଚାୟତ ପକ୍ଷରୁ ଦିଆ ଯାଇନାହିଁ। ଫଳରେ ବିଦ୍ୟୁତ ବିଭାଗ ପକ୍ଷରୁ ଗତ ୧୫ ଦିନ ପୂର୍ବେ ଉକ୍ତ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଖାଲି ଏତିକିରେ ସରିନି ଗାଁର ସମସ୍ୟା। ଦୀର୍ଘ ବର୍ଷ ହେବ ଗାଁରେ ଥିବା ୭ ଟି ଯାକ ନଳକୂପ ସମ୍ପୂର୍ଣ ଭାବେ ଅଚଳ ହୋଇ ପଡି ରହିଛି। ପ୍ରକଳ୍ପରୁ ଗାଁର ବିଭିନ୍ନ ସାହିକୁ ଯାଇଥିବା ପାଇପ୍ ଲାଇନ୍ ଫାଟି ଯାଇଛି। ଅଧିକାଂଶ ଷ୍ଟାଣ୍ଡପୋଷ୍ଟ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୨ କିମି ଦୂରରେ ରହିଛି ଏମଭି-୫୩ ଗାଁ । ଏହା ଉପରେ ଆଦୌ ନଜର ପଡୁନ ପଞ୍ଚାୟତ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କର। ଏ ସମ୍ପର୍କରେ ଗ୍ରାମବାସୀ ବହୁବାର ପଞ୍ଚାୟତ ଏବଂ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ, ବ୍ଲକ କର୍ତ୍ତୃପକ୍ଷ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କୁ କହିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗାଁ କମିଟିର ସଭାପତି ଗୌତମ ସିକଦାର, ସମ୍ପାଦକ ବିଶ୍ୱପତି ବିଶ୍ୱାସ, ନାରାୟଣ ସିକଦାର, ଦିଲ୍ଲୀପ ବାଲା, ତରୁଣ ମଣ୍ଡଳ, ପରେଶ ସିକଦାର, ମନ୍ତୋଷ ବଣିକ, ମହାରାଣୀ ମଣ୍ଡଳ ଗୀତା ମଣ୍ଡଳ, ଜୋଶ୍ନା ବଣିକ, ମୋନିକା ସରକାର, ପ୍ରତିମା ଅଧିକାରୀ ସୁଧବୀ ବଣିକ, ମିନା ସର୍ଦାରଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ପ୍ରାୟ ୯୦ ରୁ ଉର୍ଦ୍ଧ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଜଳ ଓ ପରିମଳ



ବିଭାଗ ପକ୍ଷରୁ ବସୁଦ୍ଧା ଯୋଜନାରେ ପ୍ରାୟ ୫ ବର୍ଷ ପୂର୍ବେ ଏହି ୪୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ କରାନଯିବାରୁ ସେଗୁଡିକ ଭଗ୍ନ ଓ ଜରାଜୀର୍ଣ ଅବସ୍ଥାରେ ପଡି ରହିଛି। ଗ୍ରାମବାସୀ ମୁହାଏ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଥାଉକି ଏହି ପାନୀୟ ଜଳ ପ୍ରକଳ୍ପର ପ୍ରତି ମାସରେ ବିଦ୍ୟୁତ ବିଲ ଗ୍ରାମବାସୀଙ୍କ ନିକଟକୁ ନ ଆସି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟକୁ ଆସୁଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏସମ୍ପର୍କରେ ଗ୍ରାମବାସୀଙ୍କୁ ପ୍ରତି ମାସରେ ଅବଗତ କରୁନାହାନ୍ତି। ବର୍ତ୍ତମାନ ସୁଧା ଏହି ପ୍ରକଳ୍ପର ଗତ ୭ ମାସରେ ବିଦ୍ୟୁତ ବିଲ ବାବଦରେ ୬୩ ହଜାର ଟଙ୍କା ବକେୟା ଥିବା ଏବଂ ପଞ୍ଚାୟତ ପକ୍ଷରୁ ଟଙ୍କା ଡିପୋଜିଟ କରାନଯିବା ଯୋଗୁ ଉକ୍ତ ପ୍ରକଳ୍ପରୁ ବିଦ୍ୟୁତ ବିଭାଗ ପକ୍ଷରୁ କରେଣ୍ଟ କଟାଯାଇଥିବା ଜଣା ପଡିଛି। ଏ ନେଇ ଗ୍ରାମବାସୀ ଶନିବାର ସକାଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୀମାଞ୍ଚଳ ନାୟକଙ୍କୁ ଗ୍ରାମକୁ ଡକାଇ ଏହାର ସ୍ଥାୟୀ ସମାଧାନ କିପରି ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଆସନ୍ତା ସୋମବାର ଦିନ ପଞ୍ଚାୟତ ପକ୍ଷରୁ ଗତ ୬ ମାସରେ ବକେୟା ଥିବା ବିଦ୍ୟୁତ ବିଲ ବାବଦରେ ୫୪ ହଜାର ଟଙ୍କା ଜମା କରିବେ ଏବଂ ଜଳ ଓ ପରିମଳ ବିଭାଗ ଓ ପଞ୍ଚାୟତ କର୍ତ୍ତୃପକ୍ଷ ମିଳିତ ଭାବେ ଗାଁରେ ଅଚଳ ଥିବା ସମସ୍ତ ନଳକୂଅ ଓ ପାଇପ ଲାଇନ୍ ଗୁଡିକୁ ମରାମତି କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ନାୟକ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇ କହିଥିଲେ। ଶେଷ ମାସରେ କରେଣ୍ଟ ବିଲ ଗ୍ରାମବାସୀ ଜମା କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା। ଏ ସମ୍ପର୍କରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଉକ୍ତ ଗ୍ରାମରେ ପିଇବା ପାଣିକୁ ନେଇ ଲାଗି ରହିଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ କରାଯିବ ।

# ଓଟିଇଟି ପରୀକ୍ଷା ଦେଲେ ୨୨୫୯ ଶିକ୍ଷକ

ରାୟଗଡ଼ା,୨୭।୯ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଆଜି ରାୟଗଡ଼ା ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଜିଲ୍ଲାର ୭ଟି ପରୀକ୍ଷା କେନ୍ଦ୍ରରେ ୨୨୫୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେଇଛନ୍ତି। ଜିଲ୍ଲାରେ ୨୩୬୫ ଜଣ ଶିକ୍ଷକଶିକ୍ଷୟିତ୍ରୀ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ବେଳେ ୧୦୬ ଜଣ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ପେପର-୧ରେ ୮୦୬ ଜଣରୁ ୪୧ ଜଣ ଅନୁପସ୍ଥିତ ଥିଲେ ଏବଂ ୭୬୫ ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ପେପର-୨ରେ ୧୫୫୯ ମଧ୍ୟରୁ ୬୫ ଜଣ ଅନୁପସ୍ଥିତ ଥିବା ବେଳେ ୧୪୯୪ ଜଣ ପରୀକ୍ଷା ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟ ପାଇଁ ପ୍ରଥମ ସିଟିଂ ପରୀକ୍ଷା ପୂର୍ବାହ୍ନ ୯ ଟାରୁ ସାଢ଼େ ୧୧ଟା ଏବଂ ଅପରାହ୍ନ ୨ଟାରୁ ସାଢେ ୪ଟା ଯାଏ ,ଦ୍ୱିତୀୟ ସିଟିଂରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ପରୀକ୍ଷା ହୋଇଛି। କଡ଼ା ସୁରକ୍ଷା ମଧ୍ୟରେ ସବୁ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଛି। ସୂଚନାଯୋଗ୍ୟ, ଓଟିଇଟି ଶିକ୍ଷାଗତ ଯୋଗ୍ୟତାକୁ ବିଭାଗ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ପ୍ରଶ୍ନପତ୍ର ଲିକ୍ ଯୋଗୁ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ବାତିଲ କରିଥିଲେ ବୋର୍ଡ କର୍ତ୍ତୃପକ୍ଷ।

# ବର୍ଷାକୁ ନେଇ ଖୋଲିଛି କଣ୍ଟ୍ରୋଲ ରୁମ୍

ମାଲକାନଗିରି, ୨୭।୯ (ସମିସ): ମାଲକାନଗିରି ଜିଲ୍ଲାରେ ବର୍ଷାକୁ ନେଇ ପଣି ପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ନେଇ ଜିଲ୍ଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କରାଯାଇଛି। ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଜିଲ୍ଲାର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ଏହି କଣ୍ଟ୍ରୋଲ ରୁମ ଖୋଲା ଯାଇ ଅଧିକାରୀ ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହ ଜିଲ୍ଲାର ସମସ୍ତ ତଳି ଅଞ୍ଚଳରେ ବିଡିଓ, ତହସିଲଦାର, ଅଗ୍ନିସମ ବିଭାଗ ସହ ଅଧିକାରୀଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଜିଲ୍ଲାର କାଳିମେଳା ବ୍ଲକରେ ଥିବା ତଳିଆ ଅଞ୍ଚଳରେ ବିଡିଓ ପ୍ରଦୀପ କୁମାର କର ଏବଂ ଅନ୍ୟ ଅଧିକାରୀ ମାନେ ନଜର ରଖିବା ସହ ତଲୁଆ ପୋଲ ଭାବେ ପରିଗଣିତ ହେଉଥିବା କନ୍ୟାଶ୍ରମ ପୋଲକୁ ଯାଇ ସେଠାରେ ବର୍ଦ୍ଧିତ ଜଳସ୍ତରର ତଦାରଖ କରିଛନ୍ତି। ସେହିପରି ମାଥିଲି ବିଡିଓ ପ୍ରମୋଦ କୁମାର ବେହେରା ମଧ୍ୟ ଜାତୀୟ ରାଜପଥରେ ଥିବା ପାଙ୍ଗାମ ପୋଲ ନିକଟକୁ ଯାଇ ବଢୁଥିବା ଜଳସ୍ତରର ତଦାରଖ କରିଛନ୍ତି। ଜିଲ୍ଲାରେ ଜରୁରୀ କାଳୀନ ପରିସ୍ଥିତି ଉପୁଜିଲେ ଏହାକୁ ସାମ୍ନା କରିବା ପାଇଁ ଅଧିକାରୀ ମାନେ ପ୍ରସ୍ତୁତ ରହିବା ସହ ଶୁଖା ଖାଦ୍ୟ ଗଚ୍ଛିତ ରଖିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଯଦିଓ ଜିଲ୍ଲାରେ ଅତ୍ୟଧିକ ପରିମାଣର ବର୍ଷା ହୋଇ ନାହିଁ, ପାଗ ଏକ ପ୍ରକାର ଶୁଖିଲା ରହିଥିବା ହେତୁ ସେଭଳି କୌଣସି ପରିସ୍ଥିତି ଉପୁଜି ନଥିବା ଦେଖିବାକୁ ମିଳିଛି।

● ରାୟଗଡ଼ାରେ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ୍ ଉଦ୍‌ଘାଟିତ

# ବ୍ରହ୍ମପୁରରୁ ରାୟଗଡ଼ା ଦେଇ ଚାଲିବ ଟ୍ରେନ୍



ରାୟଗଡ଼ା,୨୭।୯ (ସମିସ): ଆଜି ଝାରସୁଗୁଡାରୁ ଭିଡିଓ ଲିଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରହ୍ମପୁର ଉଧନା (ସୁରତ) ମଧ୍ୟରେ ଅମୃତ ଭାରତ ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପୂର୍ବତଟ ରେଳବାଇ ଅନ୍ତର୍ଗତ ବିଜୟନଗରମ-ଟିଟିଲାଗଡ ରୁଟର ରାୟଗଡ଼ା ଦେଇ ଏହି ଟ୍ରେନ ଚଳାଚଳ କରୁଥିବାରୁ ଏହାର ଉଦ୍‌ଘାଟନୀ ସମାରୋହ କାର୍ଯ୍ୟକ୍ରମ ରାୟଗଡ଼ା ରେଳ ଷ୍ଟେସନ ମଧ୍ୟରେ ଆଜି ଆୟୋଜିତ ହୋଇଥିଲା। ରାୟଗଡ଼ା ରେଳ ଡିଭିଜନ ଡିଆରଏମ୍ ଅମିତାଭ ସିଂଘଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ଯୋଗ ଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ଟ୍ରେନ୍ ଦେଶର ୪ଟି ରାଜ୍ୟର ୨୨ଟି ଜିଲ୍ଲା ଦେଇ ଚଳାଚଳ କରିବାକୁ ଥିବା ବେଳେ ଏଥିରେ ଓଡିଶାର ୫ଟି ଜିଲ୍ଲା ରହିଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ରାୟଗଡ଼ା ସହରର ବହୁ ଲୋକ, ରେଳ ଡିଭିଜନର ବରିଷ୍ଠ କର୍ତ୍ତୃପକ୍ଷ,ବିଜେପି କାର୍ଯ୍ୟକର୍ତ୍ତା,ସାଧାରଣ ଜନତା ଉପସ୍ଥିତ ଥିଲେ।

# ଗୋଷ୍ଠୀ ବିଦ୍ୟାଳୟସ୍ତରୀୟ ଖେଳ ପ୍ରତିଯୋଗିତା



କୋରାପୁଟ,୨୭।୯ (ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅଣ୍ଡର -୧୪ ଓ ଅଣ୍ଡର-୧୭ ବାଳକ ବାଳିକାଙ୍କୁ ନେଇ କୋରାପୁଟ ଗୋଷ୍ଠୀ ବିଦ୍ୟାଳୟସ୍ତରୀୟ କବାଡି, ଖୋଖୋ ଓ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଯୁକ୍ତା କହଁରଙ୍କ ସଭାପତିତ୍ୱରେ କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ରଶ୍ମି ରଂଜନ ସେଠୀ, ଶିବଶଙ୍କର ପଟ୍ଟନାୟକ, ହିମାଂଶୁ ଶେଖର ଦାଶ, ରିତା ମହାନ୍ତି ଓ ଲଲାଟେନ୍ଦୁ ପୂଜାରୀ ଯୋଗଦେଇ ଖେଳର ଉପଦେୟତା ଉପରେ ଆଲୋକପାତ କରିଥିଲେ। ବ୍ଲକର କ୍ରୀଡା ସମ୍ପାଦକ ଅନିଲ କୁମାର ପତି ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଦୁର୍ଗା ମାଧବ ବେହେରା, ତାପସ ମହାନ୍ତି, ପ୍ରଶାନ୍ତ କୁମାର ପ୍ରଧାନ, ଡ଼ ରମେଶ ସ୍ୱାଇଁ, ଗୁପ୍ତ ସାହୁ, ସୁନନ୍ଦା ପଟ୍ଟନାୟକ, ଅର୍ଚ୍ଚନା ପାଢ଼ୀ ଓ ରିତା ପାତ୍ର ପରିଚାଳନା କରିଥିଲେ। ଶହେରୁ ଉର୍ଦ୍ଧ ପିଲା ଅଂଶ ଗ୍ରହଣ କରିଥିବା ବେଳେ ସେଥିମଧ୍ୟରୁ ୩୫ ଜଣ ପ୍ରତିଯୋଗୀ ଜିଲ୍ଲା ସ୍ତରୀୟ ପାଇଁ ମନୋନୀତ ହୋଇଥିବା ଜଣାପଡିଛି

## ଶାବର ଶ୍ରୀକ୍ଷେତ୍ରରେ ସଂସ୍କୃତ ବିଦ୍ୟାପୀଠକୁ ମିଳିଲା ଅନୁମତି

# କୋଟିଆ ପିଲା ପଢ଼ିବେ ସଂସ୍କୃତ ପାଠ



କୋରାପୁଟ,୨୭।୯ (ସମିସ): କୋରାପୁଟ ସ୍ଥିତ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସଂସ୍କୃତ ବିଦ୍ୟାପୀଠ ଖୋଲିବା ନେଇ ନୂଆଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅନୁବନ୍ଧନ ପ୍ରଦାନ କରିଥିବା କୋରାପୁଟ ସଂସ୍କୃତ ବିଦ୍ୟାପୀଠରେ ସଭାପତି ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜ୍ଞାନ ମନ୍ଦିରରେ ଆୟୋଜିତ ସମ୍ମିଳନୀରେ ଶ୍ରୀ ବାହିନୀପତି କହିଛନ୍ତି ଯେ ଖୁବଶୀଘ୍ର ଶାବର ଶ୍ରୀକ୍ଷେତ୍ରରେ ସଂସ୍କୃତ ବିଦ୍ୟାପୀଠରେ ପାଠ୍ୟକ୍ରମ ଆରମ୍ଭ କରାଯିବ। ଏହି ବିଦ୍ୟାପୀଠରେ ଯୋଗ ଶାସ୍ତ୍ରରେ ପିଜି ଡିପ୍ଲୋମା, କର୍ମକାଣ୍ଡ, ପୁରୋହିତ୍ୟ, ପ୍ରାକ ଶାସ୍ତ୍ରୀ ଶିକ୍ଷା ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରଥମା, ଯୋଗ ଶିକ୍ଷା ଏବଂ କର୍ମକାଣ୍ଡ ପାଇଁ ଅନୁମତି ପ୍ରଦାନ କରିଥିବା ବେଳେ ଦ୍ୱିତୀୟ ବର୍ଷ ଠାରୁ ଏହି ପାଠ୍ୟକ୍ରମ ସହ ପୂର୍ବ ମଧ୍ୟମା, ପ୍ରାକ ଶାସ୍ତ୍ର, କର୍ମକାଣ୍ଡ ଓ ପୁରହିତ ପାଠ୍ୟକ୍ରମ, ଯୋଗ ଶାସ୍ତ୍ରରେ ଡିପ୍ଲୋମା ଆଦି ଅଧ୍ୟୟନପାଇଁ ଅନୁମତି ମିଳିଥିବା ସେ ପ୍ରକାଶ କରିଛନ୍ତି। ପ୍ରଥମେ ଅବିଭକ୍ତ କୋରାପୁଟ ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟୟନ ପାଇଁ ସୁଯୋଗ ଦିଆଯିବ ଏବଂ ପ୍ରଥମେ ପ୍ରତି ବିଭାଗରେ ୨୦ ଜଣ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବେ ବୋଲି ଶ୍ରୀ ବାହିନୀପତି କହିଛନ୍ତି। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚଳିତ ମାସ ୨୫ ତାରିଖରେ କୋରାପୁଟରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ଶାବର ଶ୍ରୀକ୍ଷେତ୍ର ସଂସ୍କୃତ ବିଦ୍ୟାପୀଠକୁ ଅନୁବନ୍ଧନ ପ୍ରଦାନ କରିଥିବା ନେଇ ସୂଚନା ଦେଇଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ଅଞ୍ଚଳରେ ପିଲାଙ୍କୁ ସଂସ୍କୃତ ଶିକ୍ଷା ପାଇଁ ସୁଯୋଗ ମିଳିଛି। କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳରେ ପିଲାଙ୍କୁ ସଂସ୍କୃତ ଶିକ୍ଷା ଦିଆଯିବ କହିଛନ୍ତି ଶ୍ରୀ ବାହିନୀପତି। ସାମ୍ବାଦିକ ସମ୍ମିଳନୀରେ ମନ୍ଦିର ପରିଚାଳନା କମିଟିର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

■ ଜିଲ୍ଲା କଂଗ୍ରେସ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା

# ଅକ୍ଟୋବର ୨ରୁ ମୋଟୁରୁ ପଦଯାତ୍ରା ପାଇଁ ପ୍ରସ୍ତୁତି



ମାଲକାନଗିରି, ୨୭।୯ (ସମିସ): ମାଲକାନଗିରି ଜିଲ୍ଲା କଂଗ୍ରେସ କମିଟି ନୂତନ ଜିଲ୍ଲା ସଭାପତି ଜି. ଶ୍ରୀନିବାସ ରାଓଙ୍କୁ କଂଗ୍ରେସ କର୍ମୀ ଓ ନେତା ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତ। ବିଭିନ୍ନ ଦାବି ନେଇ ଅକ୍ଟୋବର ୨ରୁ ସୀମାନ୍ତ ମୋଟୁରୁ ପଦଯାତ୍ରା ପାଇଁ କଂଗ୍ରେସ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଭାବେ ଜି.ଶ୍ରୀନିବାସ ରାଓ ମନୋନୀତ ହୋଇଛନ୍ତି। ଜିଲ୍ଲାରେ ୫ରୁ ୬ ଜଣ ପ୍ରମୁଖ ଦାବିଦାର ରହିଥିବା ବେଳେ ସମସ୍ତଙ୍କୁ ପଛରେ ପକାଇ ଶ୍ରୀନିବାସ ଏହି ପଦ ହାସଲ କରିବାରେ ସଫଳ ହୋଇଛନ୍ତି। ଏହା ପୂର୍ବରୁ ତାଙ୍କୁ କିଛି ମାସ ପାଇଁ ଅନ୍ତରୀଣ ସଭାପତି ଓ ଜିଲ୍ଲା ସଂଯୋଜକ ପଦବୀରେ ଅବସ୍ଥାପିତ କରାଯାଇଥିଲା। ଗତକାଲି ଏଆଇସିସି ଓ ପ୍ରଦେଶ କଂଗ୍ରେସେ କମିଟି ପକ୍ଷରୁ ତାଙ୍କୁ ଜିଲ୍ଲା ସଭାପତି ଭାବେ ଘୋଷଣା କରା ଯାଇଛି। ଆଜି ଜିଲ୍ଲା କଂଗ୍ରେସ ଭବନରେ ତାଙ୍କୁ କଂଗ୍ରେସ ନେତା ଓ କର୍ମୀ ମାନେ ଫୁଲ ତୋଡ଼ା ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ବାଣ ଫୁଟାଇ ଶୋଭାଯାତ୍ରା କରିଥିଲେ। ସେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ ଜିଲ୍ଲାରେ ପୁଣି କଂଗ୍ରେସ ଗଡ଼ ଫେରିବ। ଆଗାମୀ ପଂଚାୟତ ନିର୍ବାଚନରେ କଂଗ୍ରେସ କିପରି ବିପୁଳ ପରିମାଣରେ ବିଜୟୀ ହେବ ତାକୁ ନେଇ ରଣନୀତି ପ୍ରସ୍ତୁତ ଚାଲିଛି। ଆସନ୍ତା ଅକ୍ଟୋବର ୨ ତାରିଖରୁ ମୋଟୁ ଠାରୁ ରାଜ୍ୟ ସଭାପତି ଭକ୍ତଦାସଙ୍କ ନେତୃତ୍ୱରେ ପଦଯାତ୍ରା କରାଯିବା ନେଇ ସୂଚନା ଦେଇଥିଲେ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, ମାଲା ମାଡି, ଭିମା ବାର୍ଷେ, ପର୍ଶୁରାମ ଭକ୍ତ, ପଦ୍ମ ପାଙ୍ଗି, କେସୁ ରାଓ, କୃଷ୍ଣଚନ୍ଦ୍ର ଅନୁଗୁ, ଇର୍ମା ପୋଡ଼ିଆମୀ, ଶାନ୍ତି ପୋଡ଼ିଆମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଟିକିରିରେ ଆମ ପୋଲିସ କାର୍ଯ୍ୟକ୍ରମ

ଟିକିରି, ୨୭।୯ (ସମିସ): ଟିକିରି ଥାନାରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲା ଆରକ୍ଷୀ ଅଧିକାରିଣୀ ସ୍ୱାତୀ ଏସ କୁମାରଙ୍କ ଅଧ୍ୟକ୍ଷତାରେ ଏସଡିପିଓ ଗୌରହରି ସାହୁ, ରାୟଗଡ଼ା ଟିକିରି ଥାନା ଆଇଆଇସି ବିଶ୍ୱ ବନ୍ଦିନୀ ବାଗ ଓ ସମସ୍ତ ଟିକିରି ଥାନା କର୍ମଚାରୀ ଉପସ୍ଥିତ ଥିଲେ। ଲୋକେ ଟିକିରି ମୁଖ୍ୟ ରାସ୍ତାରେ ଭାରୀଯାନ ଚଳାଚଳ କରୁଥିବାରୁ ଟ୍ରାଫିକ ସମସ୍ୟା, ମଦ୍ୟପାନ କରି ଗାଡ଼ି ଚଳାଇବା, ଗାଁ ଅଞ୍ଚଳରେ ଗୁଟଖା, ମଦ ଇତ୍ୟାଦି ଉପରେ ନଜର ଦେବା ସହ ମହିଳା ମାନଙ୍କ ସୁରକ୍ଷା, ମହିଳାଙ୍କ ଅଧିକାର, ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କ ନିମନ୍ତେ ସୁରକ୍ଷା, ଡ୍ରଗ ବିରୋଧୀ ଅଭିଯାନ। ଉତ୍ସବ, ରାଲି, ଅଭିଯାନ ଆଦି ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି। ଯାହା ଟିକିରି ପୁଲିସ ଉପରେ ଲୋକଙ୍କ ଆସ୍ଥା ବଢ଼ାଇବା, ସ୍ଥାନୀୟ ସ୍ତରରେ ଅପରାଧ ରୋକାଯାଇ ପାରିବ। ନିରାପଦ ଓ ସଚେତନ ସମାଜ ଗଠନ ପାଇଁ ଟିକିରି ଆଇଆଇସି କହିଥିଲେ।

# ସହରରେ ହେବ ଗୋଶାଳା, ସୁଇମିଂପୁଲ

ସେମିଳିଗୁଡ଼ା, ୨୭।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ କିଛି ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ନୀଳାଞ୍ଚଳ ବଜାର କମିଟି ଓ ଶିବଶକ୍ତି ବଣିକ ସଂଘର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦ କାର୍ଯ୍ୟାଳୟର ସଭାଗୃହରେ ପୌର ପରିଷଦ ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଆଇଏଏସ୍ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ପୌରାଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ରଙ୍କ ସହ ଉକ୍ତ ଦୁଇ ବାଣିଜ୍ୟ ସଂଘର ପ୍ରତିନିଧି ଦଳ ଏହି ବୈଠକରେ ଉଭୟ ସୁନାବେଡ଼ା ଓ ସେମିଳିଗୁଡା ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ସହରରେ ବର୍ଜ୍ୟବସ୍ତୁ ପରିଚାଳନାରୁ ଆରମ୍ଭ କରି ବାଟଘାଟର ବୁଲାଗାଈଙ୍କ ପାଇଁ ଆଶ୍ରୟସ୍ଥଳ ପର୍ଯ୍ୟନ୍ତ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ସନ୍ତୋଷ କୁମାର ପାତ୍ର କହିଛନ୍ତି। ଏଥିସହ ବିଭିନ୍ନ ସପିଙ୍ଗ ମଲ୍‌ରେ ଥିବା ପାର୍କିଂ ବ୍ୟବସ୍ଥା, ରାସ୍ତା ଉପରେ ବସୁଥିବା ବ୍ୟବସାୟୀଙ୍କୁ ଭେଣ୍ଡିଂ ଯୋନରେ ବସିବା ବ୍ୟବସ୍ଥା, ସହରରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ସହ ଉଭୟ ବଣିକ ସଂଘ ଆଣିଥିବା ଏକାଧିକ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଚେଷ୍ଟା ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆଇଟିଡିଏ ସହାୟତାରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୋଶାଳା, ସହରରେ ଗୋଟିଏ ସୁଇମିଂପୁଲ ନିର୍ମାଣ କରାଯିବ ବୋଲି ସ୍ଥିର କରାଯାଇଥିଲା।

# ବିଶ୍ୱ ପର୍ଯ୍ୟଟନ ଦିବସରେ କୁଇଜ୍ ପ୍ରତିଯୋଗିତା

ରାୟଗଡ଼ା,୨୭।୯ (ସମିସ): ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୫ ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଚିନ୍ତନ କକ୍ଷ ଠାରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ କଲେଜ ଏବଂ ସ୍କୁଲର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। କୁଇଜ୍ ପରେ, ୧ମ, ୨ୟ ଏବଂ ୩ୟ ସ୍ଥାନ ଅଧିକାର କରିଥିବା ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ସେମାନଙ୍କ ପ୍ରତିଭାକୁ ଉତ୍ସାହିତ କରିବା ପାଇଁ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ଏବଂ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ କୈଳାସ ସ୍ୱାଇଁ ପୁରସ୍କାର ବଣ୍ଟନ ଉତ୍ସବରେ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମନୋଜ ନାହାକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୀମଭୋଇ ସାମର୍ଥ୍ୟ ଶିବିର

ନବରଙ୍ଗପୁର,୨୭।୯ (ସମିସ): ନବରଙ୍ଗପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍ ତଥା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏହି ଶିବିରରେ ଆସିଥିଲେ। ଶିବିରର ମୂଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଶରତ ଭତ୍ରା ଯୋଗ ଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଡ. ସୁନୀଲ କୁମାର ଖରା, ଏବିଡିଓ ଗୋପାଳ ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥଲେ। ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ, ନାଶା, ଗଳା ଓ କର୍ଣ୍ଣ ବିଶେଷଜ୍ଞ, ଚକ୍ଷୁ ବିଶେଷଜ୍ଞ ଓ ମାନସିକ ବିଶେଷଜ୍ଞ ଉପସ୍ଥିତ ରହିଥିଲେ। ଶିବିରରେ ମୋଟ ୧୫୩ ଜଣ ଦିବ୍ୟାଙ୍ଗଙ୍କ ନାମ ପଞ୍ଜିକରଣ ହୋଇଥିଲା। ୧୩୩ ଜଣ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇବାରେ ଯୋଗ୍ୟ ବିବେଚିତ ହୋଇଥିଲେ। ଦିବ୍ୟାଙ୍ଗମାନଙ୍କ ବସପାସ୍, ଭତ୍ତା ଆବେଦନ,ଚାଉଳ ତଥା ସରକାରୀ ସୁବିଧାମାନ ପ୍ରଦାନ କରାଯିବାକୁ ଆବେଦନ ଗ୍ରହଣ କରାଯାଇଥିଲା। ଦିବ୍ୟାଙ୍ଗମାନଙ୍କୁ ସାହାଯ୍ୟ ଓ ସହଯୋଗ ନିମନ୍ତେ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଏହାଛଡା ଜିଲ୍ଲା "ସକ୍ଷମ" ତରଫରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସେବା କେନ୍ଦ୍ର ଖୋଲାଯାଇଥିଲା। ଯେଉଁଥିରେ ଅନେକ ଦିବ୍ୟାଙ୍ଗ ଉପକୃତ ହୋଇଥିଲେ। ଜିଲ୍ଲା ସକ୍ଷମ ତରଫରୁ ସଭାପତି ସୁଜିତ୍ ରଥ,ଉପସଭାପତି ପ୍ରୀତିଶ୍ ଚନ୍ଦ୍ର,ସଦସ୍ୟା ପରମେଶ୍ୱରୀ ପାହାଡି ଉପସ୍ଥିତ ରହିଥିଲେ। ସକ୍ଷମ କେନ୍ଦ୍ରରେ ରାଜସ୍ୱ ନିରିକ୍ଷକ ଲମ୍ବୋଦର ପ୍ରଧାନୀ,ଡ ପଙ୍କଜ ପଟ୍ଟନାୟକ ସହଯୋଗର ହାତ ବଢାଇଥିଲେ। ଶିବିରଟି ବିଡିଓଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିବା ବେଳେ ପରିଚାଳନା ଦାୟିତ୍ୱରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳ, କାମାକ୍ଷୀ ତ୍ରିପାଠୀ ଓ ଭି ପବନ କୁମାର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ଉପସ୍ଥିତ ରହିଥିଲେ।

# ଠକେଇ ମାମଲାରେ ମହିଳାଙ୍କୁ ୩ ବର୍ଷ ଜେଲ

ମାଲକାନଗିରି, ୨୭।୯ (ସମିସ): ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ଏମ୍.ଭି. ୭୯ ଜେଏସ୍ଏଫ୍‌ସି କୋର୍ଟର ବିଚାରପତି ଅନୁସାମ ଦାସ ଶୁକ୍ରବାର ଏକ ଠକେଇ ମାମଲାର ଶୁଣାଣି କରି ଅଭିଯୁକ୍ତା ମହିଳାଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୫୦ ହଜାର ଟଙ୍କାର ଜରିମାନା ଶୁଣାଇଛନ୍ତି। ଓ ଜରିମାନା ଅନାଦାୟେ ହେଲେ ଆହୁରି ୩ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ତାପସ ନାଥ ପରିଚାଳନା କରିଥିଲେ। ସୂଚନା ଥାଉକି ଏମ୍.ଭି. ୭୯ ଗ୍ରାମର ଶାରଳା ମଣ୍ଡଳ ୨୦୨୪ରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ବ୍ୟାଙ୍କମିତ୍ର ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ କେତେଜଣ ଲୋକଙ୍କୁ ସବ୍‌ସିଡି ଲୋନ୍ କରାଇଦେବେ ବୋଲି କହି ଫୋନ୍ ପେ ଓ ନଗଦ ଆକାରରେ ବହୁ ଟଙ୍କା ଠକି ନେଇଥିଲେ। ପରବର୍ତ୍ତୀ ସମୟରେ ସେ କୌଣୟ ଲୋକଙ୍କ ରୁଣ ନକରିପାରି ଫେରାର ହୋଇଯାଇଥିଲେ। ଏ ସମ୍ବନ୍ଧରେ ଠକାମିର ଶିକାର ହୋଇଥିବା ବ୍ୟକ୍ତି ପୋଲିସ ନିକଟରେ ଅଭିଯୋଗ କଲା ପରେ ଆନ୍ଧ୍ରପ୍ରଦେଶରୁ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଶିକ୍ଷକ ନେତା ତ୍ରିନାଥଙ୍କୁ ରାଜ୍ୟ ସଂଗଠନ ଆଞ୍ଚଳିକ ସମ୍ପାଦକ ଦାୟିତ୍ୱ



କୁନ୍ଦୁରା, ୨୭।୯ (ସମିସ): କୁନ୍ଦୁରା ବ୍ଲକର ବରିଷ୍ଠ ଶିକ୍ଷକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପୂର୍ବତନ ଜିଲ୍ଲା ସଭାପତି ତ୍ରିନାଥ ହରିଜନଙ୍କୁ ରାଜ୍ୟ ସଂଗଠନର ଆଞ୍ଚଳିକ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ସଭାପତିଙ୍କ ଅନୁମୋଦନକ୍ରମେ ଗତ ୨୪ ତାରିଖ ପତ୍ର ସଂଖ୍ୟା ୨୨୩୩/୧୨୩୯ ଅନୁସାରେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ସଂଗଠନକୁ ସୁଦୃଢ କରିବାକୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ଗ୍ରହଣ ପରେ ଜିଲ୍ଲା ଓ ବ୍ଲକ ସଂଘ ଗୁଡ଼ିକ ଯେପରି ସୁଦୃଢ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି । ବ୍ଲକ ସଂଗଠନରେ ବହୁବାର ନେତୃତ୍ୱ ନେବାପରେ କୋରାପୁଟ ଜିଲ୍ଲା ସଭାପତି ହୋଇ ପାରିଥିଲେ । ସାଙ୍ଗଠନିକ ଦକ୍ଷତା ହେତୁ ବର୍ତ୍ତମାନ ରାଜ୍ୟ ସଂଘରେ ଦାୟତ୍ୱ ମିଳିଥିବାରୁ କୁନ୍ଦୁରା ବ୍ଲକ ଶିକ୍ଷକ ସାମାଜ, ବିଭିନ୍ନ ଲୋକ ସଂଗଠନ, ବୁଦ୍ଧିଜୀବୀ ଖୁସି ବ୍ୟକ୍ତ କରିଛନ୍ତି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ରୂପଚାନ୍ଦ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ



ପାପଡାହାଣ୍ଡି,୨୭।୯ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ପାତ୍ରୀ ପଞ୍ଚାୟତ ଅଧିନସ୍ଥ ଖଲିଗୁଡା ଗ୍ରାମଠାରେ ସନୁ ମାଝୀ ୟୁଥ କ୍ଲବ ଖୋଲିଗୁଡା ଆନୁକୂଲ୍ୟରେ ମହାନ୍ତି ରୁପଚାନ୍ଦ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ୫ମ ଦିନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ଜାତୀୟ ଫୁଟବଲ ଟିମ୍‌ର ପୂର୍ବତନ ଖେଳାଳି ନବରଙ୍ଗପୁର ଜିଲ୍ଲା କାମତା ଗ୍ରାମର ଫୁଟବଲ ଖେଳାଳି ରାଜା ହରିଜନ ଉଭୟ ଦଳର ଖେଳାଳିଙ୍କୁ କରମର୍ଦ୍ଦନ କରି ଖେଳ ପାଇଁ ଉତ୍ସାହିତ କରିଥିଲେ। ବର୍ତ୍ତମାନ ସେ କୋଲକାତା ଡାଇମଣ୍ଡ ହାରବେଳ କ୍ଲବରେ ଚୁକ୍ତିବୋଧ କରି ଖେଳୁଛନ୍ତି। ଆମ ଅଞ୍ଚଳ ପଛୁଆ ଅଞ୍ଚଳ ହେଲେ ମଧ୍ୟ ପ୍ରତିଭାବାନ ଖେଳାଳି ଅଛନ୍ତି ବୋଲି କହିଥିଲେ। ଏହି ପ୍ରତିଭାବାନ ଖେଳାଳିଙ୍କୁ ଭଲ ପ୍ରୋତ୍ସାହନ ମିଳିଲେ , ରାଜ୍ୟ ତଥା ଦେଶ ପାଇଁ ପ୍ରତିନିଧିତ୍ୱ କରିବେ ବୋଲି କହିଥିଲେ। ଆଜି ଏହି ଟୁର୍ନାମେଣ୍ଟର ଦୁଇଟି ଖେଳ ହୋଇଥିଲା। ପ୍ରଥମ ଖେଳ ମାଲକାନଗିରି ଏବଂ ନବରଙ୍ଗପୁର ମାଝୀଗୁଡା ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇପାରିନଥିଲେ । ଏହାପରେ ପେନାଲଟି ସୁଟ୍ ଆଉଟ୍‌ରେ ମାଲକାନଗିରି ଦଳ ୬/୫ ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଉମରକୋଟ ବଡ଼କୁମାରୀ ଦଳ ସହ ବାରିଗୁମା ସନ୍ତୋଷପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ସଂଘର୍ଷ ପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇପାରିନଥିଲେ। ଏହାପରେ ପେନାଲ୍‌ଟିକ ସୁଟ ଆଉଟ ମାଧ୍ୟମରେ ବିଜୟର ନିର୍ଣ୍ଣୟ କରାଯାଇଥିଲା। ଏହି ପେନାଲଟି ସୁଟ ଆଉଟ୍‌ରେ ବଡ଼କୁମାରୀ ଦଳ ୬/୫ ଗୋଲରେ ବିଜୟୀ ହୋଇଥିଲେ। ମ୍ୟାଚ ଶେଷ ପରେ କ୍ଲବର ସଭାପତି କପିଳାସ ନାୟକ ଏବଂ ଉପସଭାପତି ସୁଧାଂଶୁ ଶେଖର ହିରଣ୍ୟ ଉପସ୍ଥିତ ଖେଳାଳି ଏବଂ ହଜାର ହଜାର ଦର୍ଶକଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଉଭୟ ମ୍ୟାଚକୁ ରିଫିରି ଲାଲୁ, ବିଜୟ ଏବଂ ବାବୁଲି ପରିଚାଳନା କରିଥିଲେ। ମ୍ୟାଚର ଧାରା ବିବରଣୀ ଲିଙ୍ଗରାଜ ହରିଜନ ଏବଂ କିଶୋର କୁମାର ଭତରା କରିଥିଲେ। ଆଗାମୀ ୩୦ ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବ ସଭାପତି ସୂଚନା ଦେଇଛନ୍ତି।

# ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ, ବିଜୟ ୱାରିଅର୍ସ ଟିମ୍ ବିଜୟୀ



କାଲିମେଳା,୨୭।୯ (ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଟିଗଲ ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି - ୬୫ ଶ୍ରୀରାମପଲ୍ଲୀ ଗ୍ରାମ ଖେଳ ପଡ଼ିଆରେ ମା' ଦୁର୍ଗା ଦେବୀଙ୍କ ପୂଜା ଉଦ୍ଦେଶ୍ୟରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଏବଂ ଜିଲ୍ଲା ବାହାରୁ ମୋଟ ୮ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ଅତିଥି ମାନଙ୍କୁ ଏକ ଶୋଭାଯାତ୍ରାରେ ଖେଳ ପଡ଼ିଆରୁ ମଞ୍ଚ ନିକଟକୁ ନିଆଯାଇଥିଲା। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଧାୟକ ପ୍ରତିନିଧି ନିହାର ରାୟ, ବିଜେପି ଜିଲ୍ଲା ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ, ମାଲକାନଗିରି ବ୍ଲକ୍ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର, କାଲିମେଳା ବ୍ଲକ ବିଧାୟକ ପ୍ରତିନିଧି ହରବିଲାସ ମଣ୍ଡଳ, ପଡ଼ିଆ ବ୍ଲକ ବିଧାୟକ ପ୍ରତିନିଧି ମନଦିପନ ରାୟ , ପରିଚାଳନା କମିଟି ସଭାପତି ସୁମନ୍ତ ରାୟ, ସମ୍ପାଦକ ତୁସାର ସରଦାର ସମେତ ବହୁ ଫୁଟବଲ୍ ପ୍ରେମୀ ଉପସ୍ଥିତ ଥିଲେ। ପ୍ରଥମ ଉଦ୍‌ଘାଟନୀ ମ୍ୟାଚ ବିଜୟ ୱାରିଅର୍ସ ଓ ପି ଭି-୨ ରାୟଗଡ଼ ଟିମ୍ ମଧ୍ୟରେ ହୋଇଥିବା ବେଳେ ୬-୧ ଗୋଲରେ ବିଜୟ ୱାରିଅର୍ସ ଟିମ୍ ବିଜୟୀ ହାସଲ କରିଥିଲେ।

# ୨୦ ୟୁନିଟ୍ ରକ୍ତ ସଂଗ୍ରହ

ବୈପାରୀଗୁଡ଼ା,୨୭।୯ (ସମିସ): ବିଜେପି ଜିଲ୍ଲା ସମ୍ପାଦକ ଚନ୍ଦ୍ର ଶେଖର ରଥଙ୍କ ନେତୃତ୍ୱ ରେ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମାଠପୋଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଶନିବାର ଏକ ରକ୍ତଦାନ ଶିବିର ଶନିବାର ଆୟୋଜିତ ହୋଇଯାଇଛି। କୋଟପାଡ଼ ବିଧାୟକ ରୁପୁ ଭତ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରକ୍ତଦାଦଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପଞ୍ଚାୟତ ସଭାପତି ସୁରେନ୍ଦ୍ର ମୁର୍ଜିଆ, ବୈଷ୍ଣବ ନାୟକ, ଡମ୍ବରୁ ପାଙ୍ଗି, କୃଷ୍ଣ ଗଲାରୀ, ବିଶ୍ୱନାଥ ଗଲାରୀ, ସୌନ୍ୟାସି ମିନାରବାଲିଆ, ଖଗପତି ଗଲରୀ, ମକର ମୁର୍ଜିଆ, ଚିଣ୍ଟୁ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଡିଭାଇଡରକୁ ଧକ୍କା ଦେଇ ପଲଟିଲା କାର୍, ୫ ମୃତ

ଗୁରୁଗ୍ରାମ୍, ୨୭ ।୯ (ଏଜେନ୍ସି): ହରିୟାଣାର ଗୁରୁଗ୍ରାମରେ ଶନିବାର ଭୋର ୪.୩୦ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଦିଲ୍ଲୀ ଆଡୁ ଦ୍ରୁତଗତିରେ ଆସୁଥିବା ଏକ ଥର୍ ନିୟନ୍ତ୍ରଣ ହରାଇ ଡିଭାଇଡରରେ ପିଟି ହେବା ଫଳରେ ପଲଟି ଯାଇ ଦୁର୍ଘଟଣା ସମ୍ମୁଖୀନ ହୋଥିଲା । ଏଥିରେ ୫ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରିଛି । ଏହି କଳା ରଙ୍ଗର ଥର୍‌ରେ ୬ ଜଣ ଯାତ୍ରା କରୁଥିଲେ । ଏଥିରେ ୩ ଜଣ ଯୁବକ ଓ ୩ ଜଣ ଯୁବତୀ ସାମିଲ ଥିଲେ । ମୃତ୍ୟୁବରଣ କରିଥିବା ଜଣେ ଯୁବତୀ ହେଉଛନ୍ତି ରାୟବରେଲିର ଜଜ୍ ଚନ୍ଦ୍ରମଣି ମିଶ୍ରାଙ୍କ ଝିଅ ପ୍ରତିଷ୍ଠା ମିଶ୍ରା । ସୂଚନା ମିଳିବା ମାତ୍ରେ ଗୁରୁଗ୍ରାମ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡିକୁ ଜବତ କରି ଯାଞ୍ଚ ଆରମ୍ଭ କରିଛି । ଦୁର୍ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି ଓ ଏଥିରେ ଥର୍ ଦ୍ରୁତ ଗତିରେ ଆସି ଡିଭାଇଡରରେ ପିଟି ହୋଇଥିବାର ଲକ୍ଷ୍ୟ କରାଯାଇଛି । ମୃତକଙ୍କ ହାତରେ ଏକ କ୍ଲବର ବ୍ୟାଣ୍ଡ ଦେଖିବାକୁ ମିଳିଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଏମାନେ କ୍ଲବରେ ପାର୍ଟି କରି ଘରକୁ ଫେରିଥିବା ଅନୁମାନ କରାଯାଉଛି ।

## ୧୮ ଦିନ ପରେ ସାମ୍ନାକୁ ଆସିଲେ ଓଲି

କାଠମାଣ୍ଡୁ, ୨୭ ।୯ (ଏଜେନ୍ସି): ନେପାଳ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଇସ୍ତଫା ଦେବାର ୧୮ ଦିନ ପରେ ସାମ୍ନାକୁ ଆସିଛନ୍ତି । ସେ ପାର୍ଟିର ଛାତ୍ର ସଂଗଠନର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭକ୍ତପୁର ପହଞ୍ଚିଥିଲେ । ଜେନ-ଜେଡ୍ ବିରୋଧ ପ୍ରଦର୍ଶନ ପାଇଁ ସେପ୍ଟେମ୍ବର ୯ରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା । ହିଂସାତ୍ମକ ଆନ୍ଦୋଳନ ମଧ୍ୟରେ ଓଲିଙ୍କୁ ନେପାଳ ସେନା ହେଲିକପ୍ଟର ଜରିଆରେ ଉଦ୍ଧାର କରିଥିଲା ଓ ଏକ ଅସ୍ଥାୟୀ ଘରେ ସ୍ଥାନାନ୍ତର କରିଥିଲା । ଏବେକାର ସରକାରକୁ ସେ ସମାଲୋଚନା କରିଛନ୍ତି । ଏବେକାର ସରକାର ଜନତାଙ୍କ ଇଚ୍ଛା ଅନୁସାରେ ନିର୍ବାଚିତ ହୋଇନାହିଁ । ହିଂସା ଓ ପୋଡାଜଳା ମାଧ୍ୟମରେ ଏହି ସରକାର ଗଠନ ହୋଇଛି । ଆନ୍ଦୋଳନରତ ଯୁବକଙ୍କୁ ମୋ ସରକାର ଗୁଳି କରିବାକୁ ଆଦେଶ ଦେଇ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି । କିନ୍ତୁ ଏଥିପାଇଁ ଆମକୁ ମୂଲ୍ୟ ଦେବାକୁ ହୋଇଥିଲା । ମୋତେ ଧମକ ମିଳୁଥିବା ବେଳେ ସରକାର ସୁରକ୍ଷା ଦେଇ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

## ଜାତିସଂଘ ମୁଖ୍ୟାଳୟ ସାମ୍ନାରେ ୟୁନୁସଙ୍କ ବିରୋଧରେ ବିକ୍ଷୋଭ

ୱାଶିଂଟନ, ୨୭ ।୯ (ଏଜେନ୍ସି): ବାଂଲାଦେଶ ପ୍ରବାସୀ ଶୁକ୍ରବାର ଜାତିସଂଘ ମୁଖ୍ୟାଳୟ ଆଗରେ ବାଂଲାଦେଶ ଅନ୍ତରୀଣ ସରକାର ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ ୟୁନୁସଙ୍କୁ ପାକିସ୍ତାନୀ ବୋଲି ଆଖ୍ୟା ଦେଇଥିଲେ । ୟୁନୁସ ପାକିସ୍ତାନ ଫେରିଯାଆନ୍ତୁ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ । ୟୁନୁସ ବାଂଲାଦେଶକୁ ତାଲିବାନ ଭଳି ଦେଶରେ ପରିଣତ କରିବାକୁ ପ୍ରୟାସ କରୁଛନ୍ତି ଓ ସେ ଇସ୍‌ଲାମିକ୍ ଜିହାଦୀ କଟରପନ୍ଥୀଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି । ୨୦୨୪ ଅଗଷ୍ଟ ୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ପଦରୁ ହଟାଇବା ପରେ, ଅଳ୍ପସଂଖ୍ୟକ ଖାସ୍ କରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢ଼ାଇବା ନେଇ ୟୁନୁସଙ୍କ ବିରୋଧରେ ଅଭିଯୋଗ ଆସିଛି । ୟୁନୁସ କ୍ଷମତାକୁ ଆସିବା ପରେ ବାଂଲାଦେଶରେ ମାନବାଧିକାରର ପ୍ରବଳ ଉଲ୍ଲଂଘନ ହୋଇଛି ଓ ଏଥିପାଇଁ କେତେକ ଲୋକ ଦେଶ ଛାଡି ଚାଲିଯିବାକୁ ବାଧ୍ୟ ହୋଇଛନ୍ତି । କେବଳ ସେତିକି ନୁହେଁ, ହସିନା ସରକାରଙ୍କୁ ବେଆଇନ ଭାବେ କ୍ଷମତାରୁ ହଟାଯାଇଛି । ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ୍ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଅତ୍ୟାଚାରକୁ ଆମେ ବିରୋଧ କରୁଛି ବୋଲି ପ୍ରବାସୀ ବାଂଲାଦେଶୀ କହିଛନ୍ତି । ହିନ୍ଦୁ ନେତା ଚିନ୍ମୟ କୃଷ୍ଣ ଦାସଙ୍କୁ ଜେଲ୍‌ରୁ ଖଲାସ କରାଯାଉ ବୋଲି ସେ ସେମାନେ ଦାବି କରିଛନ୍ତି । ୟୁନୁସ ଚିନ୍ମୟଙ୍କୁ ବେଆଇନ ଭାବେ ଜେଲ୍‌ରେ ରଖିଛନ୍ତି ।

## କପିଲ ଶର୍ମାଙ୍କୁ ଧମକ ଦେଇଥିବା ବ୍ୟକ୍ତି ଗିରଫ

ନୂଆଦିଲ୍ଲୀ, ୨୭ ।୯ (ଏଜେନ୍ସି): କମେଡିଆନ କପିଲ ଶର୍ମାଙ୍କୁ ମେଲ୍ ଜରିଆରେ ହତ୍ୟା ଧମକ ଦେବା ସହ ୧ କୋଟି ଟଙ୍କାର ଦାଦାବଟି ମାଗିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ମୁମ୍ବଇ କ୍ରାଇମ୍ ବ୍ରାଞ୍ଚ ଏହି ବ୍ୟକ୍ତିକୁ ପଶ୍ଚିମବଙ୍ଗର ୨୪ ପ୍ରଗଣାରୁ ଗିରଫ କରିଛି । ଧମକ ଦେଇଥିବା ଏହି ବ୍ୟକ୍ତି ହେଉଛନ୍ତି ଦିଲୀପ ଚୌଧୁରୀ । ଦିଲୀପ ନିଜକୁ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାର ଓ ରୋହିତ ଗୋଦାରା ଗ୍ୟାଙ୍ଗର ସଦସ୍ୟ ଭାବେ ପରିଚୟ ଦେଇ କପିଲଙ୍କଠାରୁ ୧ କୋଟି ଟଙ୍କାର ଦାଦାବଟି ମାଗିଥିଲା ।

## ରାଜସ୍ଥାନ, ମଧ୍ୟପ୍ରଦେଶ, ମୁମ୍ବଇରେ ପ୍ରବଳ ବର୍ଷା ଆଶଙ୍କା

ନୂଆଦିଲ୍ଲୀ, ୨୭ ।୯ (ଏଜେନ୍ସି): ମୌସୁମୀ ବାୟୁ ଶୁକ୍ରବାର ରାଜସ୍ଥାନରୁ ନିର୍ଦ୍ଧାରିତ ସମୟର ୪ ଦିନ ପୂର୍ବରୁ ବିଦାୟ ନେଇଛି । ସେହିପରି ମଧ୍ୟପ୍ରଦେଶର ୧୧ଟି ଜିଲ୍ଲାରୁ ମୌସୁମୀ ବିଦାୟ ନେଇ ସାରିଛି । ଏହା ସତ୍ତ୍ୱେ ଏହି ଦୁଇଟି ରାଜ୍ୟରେ ବର୍ଷା ଏବେ ମଧ୍ୟ ଜାରି ରହିଛି । ଶନିବାରଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଦୁଇଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରିଛି । ସେହିପରି ତେଲଙ୍ଗାନାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି । ସେହିପରି ମୁମ୍ବଇରେ ଶନିବାର ସକାଳୁ ବର୍ଷା ଜାରି ରହିଛି । ଦିନସାରା ବର୍ଷା ହେବ ବୋଲି ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ହାଇଦରାବାଦ୍‌ରେ ଗତ ରାତିରେ ମୂଷଳଧାରାରେ ବର୍ଷା ହୋଇଛି । ଫଳରେ ସହରର କେତେକ ଅଞ୍ଚଳରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି । ଏହାକୁ ଦୃଷ୍ଟିରେ ରଖି ହିମାୟତା ସାଗର ଜଳାଶୟର ଗୋଟିଏ ଗେଟ୍‌କୁ ଖୋଲି ଦିଆଯାଇଛି । ଫଳରେ ସ୍ଥିତି ଆହୁରି ବିଗିଡି ଯାଇଛି । ସହରର ବିଭିନ୍ନ ସ୍ଥାନରେ ଫସି ରହିଥିବା ୫-୫ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି । ଚାଦରଘାଟ ନିକଟରେ ମୁସି ନଦୀରେ ପ୍ରବଳ ବନ୍ୟା ଆସିଛି ।

# ଟ୍ରମ୍ପ ପ୍ରଶାସନର ଆଉ ଏକ ଅମାନବୀୟ କାଣ୍ଡ

## ୭୧ ବର୍ଷୀୟ ମହିଳାଙ୍କ ହାତ, ଗୋଡ଼ରେ ବେଡ଼ି ପକାଇ ଭାରତ ପଠାଇଲା



ନୂଆଦିଲ୍ଲୀ, ୨୭ ।୯ (ଏଜେନ୍ସି): ଆମେରିକାରେ ୩୨ ବର୍ଷ ଅବସ୍ଥାନ କରିବା ପରେ ପ୍ରତ୍ୟର୍ପଣ ହୋଇଥିବା ପଞ୍ଜାବର ୭୧ ବର୍ଷୀୟ ବୟସ୍କା ହରଜିତ କୌର ସାମ୍ନାକୁ ଆସି ନିଜ ଦୁଃଖ ବ୍ୟକ୍ତ କରିଛନ୍ତି । ମୋତେ ଗିରଫ କରାଯିବା ପରେ ଅପରାଧୀ ଭଳି ବ୍ୟବହାର କରାଯାଇଥିଲା । ହାଜର ହେବା ପ୍ରକ୍ରିୟା ବେଳେ ମୋତେ ଗିରଫ କରି ଏକ ଥଣ୍ଡା କୋଠରୀରେ ବନ୍ଦକରି ଦିଆଯାଇଥିଲା । ସେ ୧୦ ଦିନ ଡିଟେନସନ ସେଲ୍‌ରେ ରହିଥିଲେ । ଘୋଡାଇ ହେବାକୁ ତାଙ୍କୁ ଆଲୁମିନିୟମ ଫାଇଲ ଦିଆଯାଇଥିଲା । ଶୋଇବା ପାଇଁ କାଠ ପଟା ଦିଆଯାଇଥିଲା । ଖାଇବା ପାଇଁ ଥଣ୍ଡା ବ୍ରେଡ୍ ଓ ବିଫ୍ ଦିଆଯାଇଥିଲା । ଏହାକୁ ଖାଇ ନ ଥିଲି । କେବଳ ଚିପ୍ସ ଓ ବିସ୍କୁଟ୍ ଖାଇ ୧୦ ଦିନ ବିତାଇଥିଲି ବୋଲି ସେ କହିଛନ୍ତି । ୩୨ ବର୍ଷ ଆମେରିକାର ରହିବା ପରେ ମଧ୍ୟ ତାଙ୍କୁ ଗତ ୨୪ ତାରିଖରେ ଚେନ୍‌ରେ ବାନ୍ଧି ଭାରତ ପଠାଯାଇଥିଲା । ଏବେ ସେ ନିଜ ଭଉଣୀଙ୍କ ଘରେ ରହୁଥିବା କହିଛନ୍ତି । ପ୍ରତି ୬ମାସରେ ନିୟମିତ ଭାବେ ହାଜର ଲଗାଇବାକୁ ସେ ଯାଉଥିଲେ । ୧୯୯୨ରେ ସେ ନିଜର ଦୁଇ ପୁଅଙ୍କ ସହ ଆମେରିକା ଯାଇଥିଲେ । କିନ୍ତୁ ବେଆଇନ୍ ଭାବେ ସେ ଆମେରିକାରେ ରହୁଥିବା କଥା କୁହାଯାଇଥିଲା । ଫଳରେ ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇଥିଲା । ଭାରତରେ କେହି ନିଜର ନଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛି ଓ ଏବେ ମୋ ଭବିଷ୍ୟତ ଅନ୍ଧାର ବୋଲି ହରଜିତ କହିଛନ୍ତି ।

## ଜାତିସଂଘରେ ପାକିସ୍ତାନକୁ ଦୃଢ଼ ଜବାବ ଦେଲା ଭାରତ

# ଧ୍ୱସ୍ତ ଏୟାରବେସ୍‌କୁ ନେଇ ଖୁସି ମନାଉଛି ପାକ୍

ନ୍ୟୁୟର୍କ, ୨୭।୯ (ଏଜେନ୍ସି): ମିଳିତ ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ) ବୈଠକରେ ପାକିସ୍ତାନକୁ ଦୃଢ଼ ଜବାବ ଦେଇଛି ଭାରତ । ପୁଣିଥରେ ଆତଙ୍କବାଦକୁ ସମର୍ଥନ ଦେଉଥିବା ଏହି ରାଷ୍ଟ୍ର ଏବଂ ଏହାର ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମୁଖା ଖୋଲି ଦେଇଛି । ଭାରତଠାରୁ ବିଜୟ ଦାବି କରିଥିବା ଶାହବାଜ ପୁଣି ଆତଙ୍କବାଦର ମହିମାମଣ୍ଡନ କରୁଛନ୍ତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟଲ ଗେହଲଟ କହିଛନ୍ତି । ସେ ଶନିବାର ୟୁଏନଜିଏରେ ପାକିସ୍ତାନକୁ ତୀବ୍ର ଭର୍ତ୍ସନା କରିଛନ୍ତି । ପେଟଲ କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି ଏବଂ ମିଛ କହୁଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ହାସ୍ୟାସ୍ପଦ ନାଟକ କରୁଛନ୍ତି । ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ଶାହବାଜଙ୍କ ବିଦେଶ ନୀତିର ଅଂଶବିଶେଷ । କୌଣସି ଡ୍ରାମା କିମ୍ବା ମିଛ ଦ୍ୱାରା ସତକୁ ଲୁଚା ଯାଇପାରିବ ନାହିଁ ।

ଗତ ମେ' ମାସରେ ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ସରିଫ ଯେଉଁ ଦାବି କରିଥିଲେ ତାହାକୁ ପେଟଲ ଖାରଜ କରିଦେଇଛନ୍ତି । ସେ କହିଛନ୍ତି ଯେ ମେ' ୯ ତାରିଖ ପର୍ଯ୍ୟନ୍ତ ଭାରତ ଉପରେ ଆକ୍ରମଣ ପାଇଁ ପାକିସ୍ତାନ ଧମକ ଦେଇ ଚାଲିଥିଲା । ଏହା ପରିଦନ (ମେ'୧୦) ପାକିସ୍ତାନର ଅନେକ ଏୟାରବେସ୍‌କୁ ଭାରତୀୟ ସେନା ଧ୍ୱଂସ କରିଦେଇଥିଲା । ଏହା ପରେ ଯୁଦ୍ଧ ବନ୍ଦ କରିବା ପାଇଁ ପାକିସ୍ତାନ କାକୁତିମିନତି ହୋଇଥିଲା । ଯଦି ଧ୍ୱଂସ ଏୟାରବେସ ବିଜୟର ପ୍ରତୀକ ତେବେ ପାକିସ୍ତାନ ଉତ୍ସବ ମନାଇବା କଥା । ଏହା ପୂର୍ବରୁ ଶାହବାଜ ଶୁକ୍ରବାର ଜାତିଂସଘରେ ଭାରତକୁ ଶତ୍ରୁ କହିଥିଲେ । ମେ'ରେ ହୋଇଥିବା ଭାରତ ସହ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଛି ଏବଂ ଭାରତର ୭ ବିମାନ ଧ୍ୱଂସ କରିଦେଇଛି ବୋଲି ସେ ଦାବି କରିଥିଲେ । ମାତ୍ର ଆଜି ଭାରତ ଏହି ଦାବିକୁ ମିଛ ଏବଂ ଭ୍ରାନ୍ତ କହି ଖାରଜ କରିଦେଇଛି ।



**ଜାତିସଂଘରେ ନାଟକ କରୁଛନ୍ତି ଶାହବାଜ ସରିଫ**

**ଯୁଦ୍ଧ ବିରତି ପାଇଁ ନେହୁରା ହୋଇଥିଲା ପାକ୍ ସେନା**

ପେଟଲ କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ସବୁ ପ୍ରସଙ୍ଗର ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ । ଏଥିରେ କୌଣସି ତୃତୀୟ ପକ୍ଷର ଆବଶ୍ୟକତା ନାହିଁ । ଶାନ୍ତି ନେଇ ପାକିସ୍ତାନ କରିଥିବା ଦାବି ଉପରେ ପେଟଲ ପ୍ରଶ୍ନ ଉଠାଇଛନ୍ତି । ସେ କହିଛନ୍ତି ଶାହବାଜଙ୍କ ଦେଶ ଘୃଣାରେ ଅନ୍ଧ ହୋଇଯାଇଛି । ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣା ଯିବ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି । 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନର ବାହବଲପୁର ଏବଂ ମୁରିଦକେରେ ନିପାତ ହୋଇଥିବା ଆତଙ୍କବାଦୀଙ୍କ ସୂଚନା ଦେଇଥିଲେ । ପାକିସ୍ତାନ ଏହି ଦୁର୍ଦ୍ଧାନ୍ତ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଦେଇଥିବା ଅଭିଯୋଗ ଲଗାଇ ଥିଲେ । ସେ ଫଟୋ ମଧ୍ୟ ଦେଖାଇ ଥିଲେ । ଗୋଟିଏ ଫଟୋ ହଜାରେ ଶବ୍ଦ କହୁଛି । ଏହି ଫଟୋରେ ଆତଙ୍କବାଦୀଙ୍କୁ ପାକିସ୍ତାନ ସେନା ଏବଂ ନେତା ଶ୍ରଦ୍ଧାଞ୍ଜଳି ଦେଉଥିବା ଦେଖାଯାଉଛି । ଯେଉଁଠି ସେନା ଅଧିକାରୀ ଆତଙ୍କବାଦୀଙ୍କୁ ଖୋଲାଖୋଲି ଭାବେ ସମ୍ମାନ ଦେଉଛନ୍ତି, ସେଇଠି ଶାସକ ଉପରେ ସନ୍ଦେହ ସୃଷ୍ଟି ହେବନି କି? ଭାରତର ନିର୍ଦ୍ଦୋଷ ଜନତାଙ୍କ ଉପରେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ କରୁଛି । ଲୋକଙ୍କ ସୁରକ୍ଷା ଏବଂ ଜବାବ ଦେବାର ଅଧିକାରକୁ ପ୍ରୟୋଗ କରି ଭାରତ କାର୍ଯ୍ୟାନୁଷ୍ଠାନ ନେଇଥିଲା । ଅପରାଧିଙ୍କୁ ନ୍ୟାୟର କାଠଗଡ଼ାରେ ଛିଡ଼ା କରିଥିଲା । ନିଜ ଦେଶରେ ଥିବା ସବୁ ଆତଙ୍କବାଦୀ ଶିବିରକୁ ପାକିସ୍ତାନ ବନ୍ଦ କରି ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରୁ ବୋଲି ପେଟଲ ଦାବି କରିଛନ୍ତି ।

ସେ ଇସଲାମାବାଦକୁ ଚେତାବନୀ ମଧ୍ୟ ଦେଇଛନ୍ତି । ପରମାଣୁ ଆକ୍ରମଣର ଧମକରେ ନ ଡରି ଭାରତ ଆତଙ୍କବାଦୀ ଏବଂ ଏହାର ପ୍ରାୟୋଜକଙ୍କୁ ଦାୟୀ କରିବ ବୋଲି ପେଟଲ କହିଛନ୍ତି । ଏହି ପାକିସ୍ତାନ ଆତଙ୍କବାଦୀଙ୍କୁ ସୁରକ୍ଷା ଦେବା ପାଇଁ ବିଶ୍ୱ ମଞ୍ଚକୁ ବ୍ୟବହାର କରୁଛି । ଗତ ଏପ୍ରିଲ ୨୫ରେ ପାକିସ୍ତାନ ୟୁଏନ୍‌ଏସ୍‌ସିରେ ଆତଙ୍କବାଦୀ ସଂଗଠନ 'ରେସିଷ୍ଟାନ୍ସ ଫୋର୍ସ'କୁ ସୁରକ୍ଷା ଦେଇଥିଲା । ଜମ୍ମୁ-କଶ୍ମୀରରେ ପର୍ଯ୍ୟଟକଙ୍କ ହତ୍ୟା ପାଇଁ ଏହି ଆତଙ୍କବାଦୀ ସଂଗଠନ ଦାୟୀ ଥିଲା । ଆତଙ୍କବାଦର ପ୍ରଚାରପ୍ରସାର କରୁଥିବା ଏହି ଦେଶ ଟିକେ ବି ଲଜ୍ଜା ଅନୁଭବ କରୁନାହିଁ । ୧୦ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନ ଓସାମା ବିନ୍ ଲାଡେନକୁ ଲୁଚାଇ ରଖିଥିଲା । ଦେଶ ଦୀର୍ଘ ଦଶନ୍ଧି ହେଲା ଆତଙ୍କବାଦୀ ଶିବିର ଚଳାଉଛି ବୋଲି ପାକିସ୍ତାନ ମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି । ପୁଣିଥରେ ପାକିସ୍ତାନର ଦୋମୁହାଁ ନୀତି ସାମ୍‌ନାକୁ ଆସିଯାଇଛି ।

## ପାକିସ୍ତାନ, ଚୀନ୍ ସୀମାରେ ମୁତୟନ ହେବ 'ଅନନ୍ତ ଶସ୍ତ୍ର'

ନୂଆଦିଲ୍ଲୀ, ୨୭ ।୯ (ଏଜେନ୍ସି): ଭାରତୀୟ ସେନାର ଏୟାର ଡିଫେନ୍ସ ସିଷ୍ଟମ ଆହୁରି ଦୃଢ଼ ତଥା ଶକ୍ତିଶାଳୀ ହେବାକୁ ଯାଉଛି । ଏଥିପାଇଁ ଭାରତ ଇଲେକଟ୍ରୋନିକ୍ସ ଲିମିଟେଡ (ବିଇଏଲ୍)କୁ ସେନା ଏକ ବଡ଼ ଟେଣ୍ଡର ପ୍ରଦାନ କରିଛି । ପାଖାପାଖି ୩୦ ହଜାର କୋଟି ଟଙ୍କା ବିନିମୟରେ 'ଅନନ୍ତ ଶସ୍ତ୍ର' ସରଫେସ୍ ଟୁ ଏୟାର ଅର୍ଥାତ ଭୂପୃଷ୍ଠରୁ ଆକାଶ ମିସାଇଲ ୱିପନ ସିଷ୍ଟମ କ୍ରୟ କରିବା ପାଇଁ ଟେଣ୍ଡର ଜାରି କରିବ । ଏହାକୁ ଡିଫେନ୍ସ ରିସର୍ଚ୍ଚ ଡେଭଲପମେଣ୍ଟ ଅର୍ଗାଜାଇଜେସନ (ଡିଆରଡିଓ) ତିଆରି କରିବ । ପୂର୍ବରୁ ଏହାକୁ କୁଇକ୍ ରିଆକସନ ସରଫେସ ଟୁ ଏୟାର ମିସାଇଲ (କ୍ୟୁଆରଏସ୍‌ଏଏମ୍) କୁହାଯାଉଥିଲା । ଏବେ ଏହାର ନାମ ପରିବର୍ତ୍ତନ କରାଯାଇଛି 'ଅନନ୍ତ ଅସ୍ତ୍ର' ରଖାଯାଇଛି । ଅନନ୍ତ ଅସ୍ତ୍ରର ୫ରୁ ୬ଟି ରେଜିମେଣ୍ଟ କିଣାଯିବ ଓ ଏହାକୁ ପାକିସ୍ତାନ ଓ ଚୀନ୍ ସୀମାରେ ନିୟୋଜିତ କରାଯିବ । ଅନନ୍ତ ଅସ୍ତ୍ର ଚାଲୁଥିବା ବେଳେ ଶତ୍ରୁର ଟାର୍ଗେଟକୁ ମାଡ଼ କରିବାର କ୍ଷମତା ରଖୁଛି । ପୁଣି ବହୁତ କମ୍ ସମୟ ମଧ୍ୟରେ ଏହା ଫାୟାର କରିପାରିବ । ଏହା ୩୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟକୁ ଭେଦ କରିପାରିବ । ଏହା ସେନାରେ ଏବେ ଥିବା ଆକାଶତୀର ମିଡିୟମ ରେଞ୍ଜ ସରଫେସ୍ ଟୁ ଏୟାର ମିସାଇଲ (ଏମ୍‌ଆରଏସ୍‌ଏଏମ୍) ସିଷ୍ଟମକୁ ସହାୟତା ପ୍ରଦାନ କରିବ । ଅନନ୍ତ ଅସ୍ତ୍ରକୁ ଦିନ ଓ ରାତିରେ ସଫଳତାର ସହ ପରୀକ୍ଷଣ କରାଯାଇଛି । ଚଳିତ ବର୍ଷ ଅପରେସନ ସିନ୍ଦୂର ପରେ ଏହି ପ୍ରକଳ୍ପକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଥିଲା । ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଡ୍ରୋନ ଓ ମିସାଇଲ ଆକ୍ରମଣକୁ ସେନାର ଏୟାର ଡିଫେନ୍ସ ୟୁନିଟ୍ ବନ୍ଧୁକ ଓ ମିସାଇଲ୍ ଦ୍ୱାରା ନିଷ୍କ୍ରିୟ କରିଥିଲା । ସେନାକୁ ଏବେ ଆହୁରି କେତୋଟି ସ୍ୱଦେଶୀ ଅସ୍ତ୍ର ମିଳିବ । ଏହିକ୍ରମରେ ସେନାକୁ ରାଡାର, ସର୍ଟ ରେଞ୍ଜ ଏୟାର ୱିପନ, ଜାମର ଓ ଲେଜର ଆଧାରିତ ଆଣ୍ଟି ଡ୍ରୋନ୍ ସିଷ୍ଟମ ମଧ୍ୟ ସେନାକୁ ମିଳିବ । ସେନା ଏବେ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଉପରେ ଅଧିକ ଭରସା କରୁଛି । ଅପରେସନ ସିନ୍ଦୂରରେ ଆକାଶତୀର ଡିଫେନ୍ସ ସିଷ୍ଟମ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା ।

**ମୁନୀରଙ୍କୁ ନିଲମ୍ବନ କରିବା ପ୍ରଶ୍ନରେ ଫସିଲେ ପାକିସ୍ତାନ ମନ୍ତ୍ରୀ**

## ଦେଶରେ ହାଇବ୍ରିଡ୍ ସରକାର ଚାଲିଛି

**ଇସଲାମାବାଦ, ୨୭।୯ (ଏଜେନ୍ସି):** ପାକିସ୍ତାନ ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ପୁଣିଥରେ ନିଜ ଦେଶର ମୁଖା ଖୋଲି ଦେଇଛନ୍ତି । ସେ ସାରା ବିଶ୍ୱରେ ପାକିସ୍ତାନର ସତକୁ ଉଜାଗର କରି ନିଜେ ଫସି ଯାଇଛନ୍ତି । ପାକିସ୍ତାନ ସେନା ଏବଂ ସରକାର ମିଳିମିଶି ସହମତିରେ ଦେଶରେ ହାଇବ୍ରିଡ ସରକାର ଚଳାଉଛନ୍ତି ବୋଲି ସେ ଏକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି । ଏହା ସହିତ ଆମେରିକାକୁ ମଧ୍ୟ ସମାଲୋଚନା କରିଛନ୍ତି । ନିଜ ଦେଶକୁ ସୁରକ୍ଷା ଦେବାକୁ ଯାଇ ଆମେରିକା ଗଣତନ୍ତ୍ରକୁ 'ଡିପ୍ ଷ୍ଟେଟ୍' କହିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ବିଷୟରେ ପଚାରିବାରୁ ଆସିଫ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛନ୍ତି ।


ସାକ୍ଷାତକାରରେ ଉପସ୍ଥାପକ ଆସିଫଙ୍କୁ ପଚାରି ଥିଲେ ଯେ ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ପାକିସ୍ତାନ ସେନାମୁଖ୍ୟ ଅଧିକ କ୍ଷମତାଶାଳୀ । ତେବେ ଉତ୍ତରରେ ସେ ନା କରିଥିଲେ ଏବଂ ନିଜକୁ ନିର୍ବାଚିତ ପ୍ରତିନିଧି ଦର୍ଶାଇ ଥିଲେ । ପରେ ଉପସ୍ଥାପକ ପ୍ରଶ୍ନ କରିଥିଲେ ଯେ ଆମେରିକାରେ ପ୍ରମୁଖ ଜେନେରାଲଙ୍କୁ ପ୍ରତିରକ୍ଷାମନ୍ତ୍ରୀ ପଦରୁ ହଟାଇ ପାରିବେ । କିନ୍ତୁ ପାକିସ୍ତାନରେ ଏପରି ହେଉନାହିଁ । ଉତ୍ତରରେ ଆସିଫ କହିଥିଲେ ଯେ ପାକିସ୍ତାନରେ ସାମିରକ ଶାସକଙ୍କ ଯୋଗୁଁ ସେନାର ପ୍ରଭାବ ଅଧିକ ରହିଛି । କିନ୍ତୁ ଆମେରିକାରେ ଡିପ୍ ଷ୍ଟେଟ ରହିଛି । ଏହା ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି । ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନୀରଙ୍କ ସହ ମତଭେଦ ହେଲେ ସହମତିର ସହ କାମ କରାଯାଇଥାଏ । ସହମତି ନ ହେଲେ ବି ମିଳିମିଶି ନିଷ୍ପତ୍ତି ନିଆଯାଇଥାଏ । ଆସିଫ ଦାବି କରିଥିଲେ ଯେ ଇମ୍ରାନ ଖାନ୍ ରାୱଲପିଣ୍ଡିର ଆଦିୟାଲା ଜେଲ୍‌ରୁ ନିଜ ଏକ୍ସ ଆକାଉଣ୍ଟ ଚଳାଉଛନ୍ତି । କିନ୍ତୁ ଏହି ସମୟରେ ଉପସ୍ଥାପକ ତାଙ୍କ ପୁରୁଣା ମନ୍ତବ୍ୟକୁ ମନେ ପକାଇ ଦେବାରୁ ଆସିଫ ଫସି ଯାଇଥିଲେ । ପୂର୍ବରୁ ଭାରତରୁ ଇମ୍ରାନଙ୍କ ଆକାଉଣ୍ଟ ଚଳା ଯାଉଥିବା ନେଇ ସେ ଦାବି କରିଥିଲେ । ସତ କ'ଣ ବୋଲି ସେ ପଚାରି ଥିଲେ । ଏହାର ଉତ୍ତରରେ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ଇମ୍ରାନ ଜେଲ୍‌ରୁ ନିଜ ଆକାଉଣ୍ଟ ଚଳାଉ ଥିବେ, ନଚେତ ଏହାକୁ କିଏ ଚଳାଉଛି ବୋଲି ସେ କହିବା ଉଚିତ ।

## ମା' ସାମ୍ନାରେ ମୁଣ୍ଡ କାଟି ୫ ବର୍ଷର ପୁଅକୁ ହତ୍ୟା

ଧାର, ୨୭ ।୯ (ଏଜେନ୍ସି): ମଧ୍ୟପ୍ରଦେଶର ଧାର ସହର ନିକଟସ୍ଥ ଏକ ଛୋଟିଆ ଗାଁରେ ଶୁକ୍ରବାର ଏକ ହୃଦୟ ବିଦାରକ ଘଟଣା ଘଟିଛି । ଜଣେ ମା'ଙ୍କ ସାମ୍ନାରେ ତାଙ୍କର ୫ ବର୍ଷର ପୁଅକୁ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ମୁଣ୍ଡ କାଟି ହତ୍ୟା କରିଛି । ଏଥିରେ ଉତକ୍ଷିପ୍ତ ହୋଇ ଗାଁ ଲୋକେ ଅଭିଯୁକ୍ତକୁ ପଟିପିଟି ହତ୍ୟା କରିଛନ୍ତି । ୨୫ ବର୍ଷୀୟ ମହେଶ ନାମକ ଜଣେ ଯୁବକ ଏକ ବାଇକ୍‌ରେ ଆସି କାଲୁ ସିଂଙ୍କ ଘରେ ପହଞ୍ଚିଥିଲେ । ତାଙ୍କୁ ପରିବାର ଲୋକ ପୂର୍ବରୁ କେବେ ଦେଖି ନ ଥିଲେ କି ଜାଣି ନ ଥିଲେ । ମହେଶ ସେଠାରେ ହଠାତ ପହଞ୍ଚିବା ପରେ ପଡ଼ିଥିବା ଏକ ଧାରୁଆ ଅସ୍ତ୍ର ଉଠାଇ ବିକାଶ ନାମକ ଶିଶୁର ମୁଣ୍ଡ କାଟି ଦେଇଥିଲା ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି । ବିକାଶର ମା' ତାକୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ କିନ୍ତୁ ଏହି ଆକ୍ରମଣରେ ସେ ଆହତ ହୋଇଥିଲେ । ତାଙ୍କ ପାଟି ଶୁଣି ଗାଁ ଲୋକ ଏକାଠି ହୋଇଥିଲେ ଓ ମହେଶକୁ ଧରି ପିଟିଥିଲେ । ହସ୍ପିଟାଲ ନିଆଯିବା ବାଟରେ ମହେଶ ମୃତ୍ୟୁବରଣ କରିଥିଲା ବୋଲି ଧାର ଏସ୍‌ପି ମୟଙ୍କ ଅବସ୍ଥି କହିଛନ୍ତି । ମୃତଦେହର ବ୍ୟବଚ୍ଛେଦ ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି । ଏହି ଡବଲ୍ ମର୍ଡର ମାମଲାରେ ବିଚାରବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ମହେଶର ଘର ଅଲିରାଜପୁର ଜିଲ୍ଲାର ଜୋବାଟ ବାଗଡ଼ିରେ । ସେ ମାନସିକ ବିକୃତିର ଶିକାର ହୋଇଥିଲା ଓ ଗତ ୩-୪ ଦିନ ହେବ ଘରକୁ ଆସି ନଥିଲା ବୋଲି ତା'ର ପରିବାର ଲୋକେ କହିଛନ୍ତି ।

# ୱାଙ୍ଗଚୁକ୍‌ଙ୍କ ପାଇଁ ଅଡୁଆ ବଢ଼ିଲା

ଲେହ, ୨୭ ।୯ (ଏଜେନ୍ସି): ଲଦାଖ ହିଂସା ପାଇଁ ଗିରଫ ହୋଇଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ରାଜସ୍ଥାନର ଜୟପୁର ଜେଲ୍‌କୁ ପଠାଇ ଦିଆଯାଇଛି ।



ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କୁ ନେଇ ଲଦାଖ ଡିଜିପି ଏସ୍‌ଡି ସିଂ ଜାମୱାଲ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି । ୱାଙ୍ଗଚୁକ୍‌ଙ୍କ ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା (ପିଆଇଓ) ସଦସ୍ୟର ସମ୍ପର୍କ ଥିଲା । ପିଆଇଓର ଏହି ସଦସ୍ୟଙ୍କୁ ପୁଲିସ କିଛି ଦିନ ତଳେ ଧରିଥିଲା । ସେ ଜରୁରୀ ସୂଚନା ପାକିସ୍ତାନକୁ ପଠାଉଥିଲା । ଆମ ପାଖରେ ଏହାର ରେକର୍ଡ ଅଛି ବୋଲି ସେ କହିଛନ୍ତି । କେବଳ ସେତିକି ନୁହଁ ୱାଙ୍ଗଚୁକ୍ ପାକିସ୍ତାନର ଜଣାଶୁଣା ଖବର କାଗଜ ଡନ୍‌ର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏବେ ଏହି ସବୁ ମାମମଲାର ଯାଞ୍ଚ୍ କରାଯାଉଛି । ୱାଙ୍ଗଚୁକଙ୍କ ଗତିବିଧି ସନ୍ଦେହଜନକ ଥିଲା ବୋଲି ସେ କହିଛନ୍ତି ।

ୱାଙ୍ଗଚୁକ୍‌ଙ୍କୁ ପୁଲିସ ତାଙ୍କ ଗାଁ ଉଲ୍ୟକୋଟୋପେରୁ

**ପାକିସ୍ତାନୀ ଗୁଇନ୍ଦା ସହ ସଂପର୍କ ଥିଲା: ଡିଜି**

**ବାଂଲାଦେଶ ଗସ୍ତରେ ବି ଯାଇଥିଲେ**

ଗିରଫ କରିଥିଲା । ତାଙ୍କୁ ବିମାନ ଯୋଗେ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲ୍‌କୁ ପଠାଇ ଦିଆଯାଇଛି । ତାଙ୍କ ବିରୋଧରେ ରାଷ୍ଟ୍ରୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଲଗାଯାଇଛି । ଏହା ଅନୁସାରେ ବିନା ଜାମିନରେ ତାଙ୍କୁ ଦୀର୍ଘ ଦିନ ଧରି ଜେଲ୍‌ରେ ରଖାଯାଇପାରିବ । ଗତ ସେପ୍ଟେମ୍ବର ୨୪ରେ ଲେହରେ ହୋଇଥିବା ହିଂସା ପାଇଁ ତାଙ୍କୁ ସରକାର ଦାୟୀ କରିଛନ୍ତି । ସେ ଉତ୍ତେଜିତ କଲା ଭଳି ମନ୍ତବ୍ୟ ଦେବା କାରଣରୁ ଆନ୍ଦୋଳନ ହିଂସାର ରୂପ ନେଇଥିଲା ବୋଲି ପୁଲିସ୍ କହିଛି । ଏଥିରେ ୪ ଜଣ ଯୁବକ ମୃତ୍ୟୁବରଣ କରିଥିବା ବେଳେ ୮୦ଜଣ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରେ ୪୦ଜଣ ପୁଲିସକର୍ମୀ ସାମିଲ ଥିଲେ । ଏହି ଘଟଣାରେ ଏପର୍ଯ୍ୟନ୍ତ ୬୦ ଜଣଙ୍କୁ ଗିରଫ କରାଯାଇଛି । ଶୁକ୍ରବାର ଅପରାହ୍ଣ ୨.୩୦ରେ ସାମ୍ବାଦିକ ସମ୍ମିଳନୀ କରିବା ପୂର୍ବରୁ ତାଙ୍କୁ ଗିରଫ କରାଯାଇଥିଲା । ଯେତେବେଳେ ସେ ଲେହରେ ପହଞ୍ଚି ନଥିଲେ ଆୟୋଜକଙ୍କ ସନ୍ଦେହ ହୋଇଥିଲା । ପରେ ଗିରଫ ହେବା ନେଇ ଖବର ମିଳିଥିଲା । କିନ୍ତୁ ଏହା ସତ୍ତ୍ୱେ ସମ୍ବାଦିକ ସମ୍ମିଳନୀ ହୋଇଥିଲା । ଯୁବକମାନେ ନିୟନ୍ତ୍ରଣ ବାହାରକୁ ଯାଇ ହିଂସା କରିଥିଲେ ବୋଲି ଆୟୋଜକ ସ୍ୱୀକାର କରିଛନ୍ତି । ତେବେ ଏଥିରେ କୌଣସି ବିଦେଶୀ ଶକ୍ତିଙ୍କର ହାତ ନାହିଁ ବୋଲି ସେମାନେ କହିଛନ୍ତି । ଲେହ ଆପେକ୍ସ ବଡି (ଏଲ୍‌ଏବି)ର ଉପାଧ୍ୟକ୍ଷ ଚୋରିଂ ଦୋର୍ଜେ ଏକ ବଡ଼ ଅଭିଯୋଗ ଆଣିଛନ୍ତି । ପୁଲିସ ଓ ସିଆରପିଏଫ୍ ଚେତାବନୀ ଦେଇ ନଥିଲା କି ପାଣି ପକାଇ ନଥିଲା । ସିଧା ଆଖିବୁଜା ଗୁଳି ଚଳାଇଥିଲା । ପୁଣି କେନ୍ଦ୍ର ଗୃହମନ୍ତ୍ରଣାଳୟ ଅଲୋଚନା ପାଇଁ ଡକାଉ ନାହିଁ । ତେଣୁ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଧମକ ଦିଆଯାଇଛି ।

## ହରିୟାଣାରେ ୩.୪ ତୀବ୍ରତାର ଭୂକମ୍ପ

ସୋନିପତ, ୨୭ ।୯ (ଏଜେନ୍ସି): ହରିୟାଣାର ସୋନିପତ ଜିଲ୍ଲାରେ ଗତ ରାତିରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା । ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲାରେ ୩.୪ ଥିଲା । ଅଚାନକ ଏହି ଭୂକମ୍ପର ଝଟ୍‌କାରେ ଲୋକଙ୍କ ନିଦ ଭାଙ୍ଗିଯାଇଥିଲା ଓ ସେମାନେ ଘରୁ ବାହରକୁ ଚାଲିଯାଇଥିଲେ । କିନ୍ତୁ କେହି କିଛି ଜାଣି ପାରି ନଥିଲେ । ମିଳିଥିବା ସୂଚନା ମୁତାବକ, ଭୂକମ୍ପ ରାତି ୧.୪୭ ମିନିଟ୍‌ରେ ଆସିଥିଲା । ଏହାର କେନ୍ଦ୍ର ସୋନିପତ ଥିଲା । ହାଲ୍‌କା ଝଟ୍‌କା ହୋଇଥିଲେ ମଧ୍ୟ ଏହା ସ୍ପଷ୍ଟ ଭାବେ ଅନୁଭବ କରାଯାଇଥିଲା । ଭୂକମ୍ପ ଝଟ୍‌କା ପରେ ଆତଙ୍କ ଖେଳିଯାଇଥିଲା । କିନ୍ତୁ କୌଣସି ପ୍ରକାର ଧନଜୀବନର କ୍ଷତି ହୋଇନାହିଁ ବୋଲି କୁହାଯାଇଛି । ଉତ୍ତରାଖଣ୍ଡର ଡେରାଡୁନ୍‌ଠାରୁ ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲା ପର୍ଯ୍ୟନ୍ତ ମାଟି ତଳେ ଏକ ପ୍ଲାଟ ଲାଇନ୍ ଅଛି । ଏଥିରେ ଯେତେବେଳେ ପ୍ଲେଟ ମୁଭ୍‌ମେଣ୍ଟ ହୋଇଥାଏ, ସେତେବେଳେ ପ୍ଲେଟଗୁଡିକ ପରସ୍ପରକୁ ଧକ୍କା ଦେଇଥାନ୍ତି । ଫଳରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥାଏ ବୋଲି ଭୂକମ୍ପ ବିଜ୍ଞାନ କେନ୍ଦ୍ର ତରଫରୁ କୁହାଯାଇଛି । ଏହି କାରଣରୁ ହରିୟାଣାରେ ବାରମ୍ବାର ଭୂକମ୍ପ ଅନୁଭୂତ ହୋଇଥାଏ ।

# 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍



ଓଡ଼ିଆରେ ସବୁଠୁ ବେଶି ଆୟ କରିଥିବା ସିନେମା 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍ ଆସିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଫିଲ୍ମ ଇନଫରମେଶନ ପତ୍ରିକାରେ ପ୍ରକାଶିତ ନୋଟିସ୍‌ରେ ଧର୍ମାର ମୁଖ୍ୟ ଆଇନ ଅଧିକାରୀ ରଖୀ ବାଜପେୟୀ ଏହି କଥା କହିଛନ୍ତି। କରଣ ଜୋହରଙ୍କ ଧର୍ମା ପ୍ରଡକସନ୍ ଏହାର ରିମେକ୍ ରାଇଟ୍ କିଣିବା ପ୍ରକ୍ରିୟା ଆରମ୍ଭ କରିଛି। ଏହିବର୍ଷ ଜୁନ୍ ୧୨ରେ ଉକ୍ତ ଫିଲ୍ମ ମୁକ୍ତିଲାଭ କରିଥିଲା। ଏହାର ମୁଖ୍ୟ ଚରିତ୍ରରେ ବାବୁଶାନ, ଅର୍ଚ୍ଚିତା ଏବଂ ଅପରାଜିତା ନଜର ଆସିଥିଲେ। ■

# ଚର୍ଚ୍ଚାରେ 'ମୁରବି' ପୋଷ୍ଟର




ମେଷ୍ଟିସ୍ ଫିଲ୍ମସ୍‌ର ପ୍ରଥମ ଫିଚର୍ ଫିଲ୍ମ ହେଉଛି 'ମୁରବି'। ଏକ ନିଆରା ଦୃଶ୍ୟ ସମ୍ବଳିତ ଏହାର ପୋଷ୍ଟରଟି ବେଶ୍ ଆଦୃତ ହୋଇଛି। ପୋଷ୍ଟରରେ ଦେଖିବାକୁ ମିଳିଛି, ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ତାଙ୍କ ଅନ୍ତରଙ୍ଗ ବନ୍ଧୁ ଚୌଧୁରୀ ଜୟପ୍ରକାଶ ଦାସଙ୍କ ମୁଣ୍ଡର ଘୋଡ଼ଣି ଖୋଲି କିଛି ମରାମତି କରୁଛନ୍ତି। ଜୟ ପ୍ରକାଶଙ୍କ ମସ୍ତିଷ୍କରେ କିଛି କେମିକାଲ୍ ଲୋଚା ରହିଯାଇଛି, ଯାହାକୁ ଠିକ୍ କରୁଛନ୍ତି କୁନା। ତେବେ ଏଭଳି ରୋଚକ ପୋଷ୍ଟରର ପୃଷ୍ଠଭୂମିରେ ଥିବା ଅସଲ କଥାଟି କ'ଣ ପୂରା ଫିଲ୍ମ ଦେଖିଲେ ହିଁ ଜଣା ପଡ଼ିବ। କୁନା ଓ ଜୟପ୍ରକାଶଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ଉଦିତ ଗୁରୁ, ପ୍ରସନଜିତ, ଅଙ୍କିତା ମହାନ୍ତି, କଳ୍ପନା, ବିଜୟିନୀ ମିଶ୍ର, ମାଙ୍କେ, ଲୋଟନ ଖଟେଇ, ସୁସ୍ମିତା ପ୍ରଧାନ, ଦେବାଶିଷ, ସୁଧୀର ଲେଙ୍କା, ଅମିର ଦାସ, ପ୍ରଗତି ଗୁରୁ ପ୍ରମୁଖ ନଜର ଆସିବେ।

'ମୁରବି'ରେ ରହିଛି ବିପରୀତଧର୍ମୀ ଦୁଇ ପରିବାରର କଥା। ଓଡ଼ିଶାର ମଧ୍ୟବିତ୍ତ ଜୀବନର ଏକ ଖାଣ୍ଟି ଓ ହୃଦୟସ୍ପର୍ଶୀ କାହାଣୀ ଏଥିରେ ଦେଖିବାକୁ ମିଳିବ। କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟ। ଏହାର ସହ ପ୍ରଯୋଜକ ଅଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର। ନିର୍ଦ୍ଦେଶନାରେ ଅଛନ୍ତି ଯୁବ ନିର୍ଦ୍ଦେଶକ ଶିଶିର କୁମାର ସାହୁ ଓ ପିନାକୀ ସିଂ। ସିନେମାର ସଙ୍ଗୀତ ଦେଇଛନ୍ତି ଅଗ୍ନିମିତ୍ର। ସଂଳାପ, ଚିତ୍ରନାଟ୍ୟ ଓ ଗୀତ ରଚନା କରିଛନ୍ତି ପି. ସନ୍ତୋଷ। ଏହି ସିନେମାଟି ନଭେମ୍ବରରେ ମୁକ୍ତିଲାଭ କରିବ। ■

# ଦଶହରାରେ 'ଦଶମ'



ସେପ୍ଟେମ୍ବର ୨୮ ତାରିଖରେ ରାଜା ଡିଙ୍କ ନିର୍ଦ୍ଦେଶିତ ଓଡିଆ ଫିଲ୍ମ 'ଦଶମ' ସନ୍ଧ୍ୟା ୬ଟା ୩୦ରେ ଦଶହରା ଅବସରରେ ଜୀ ସାର୍ଥକରେ ଦେଖିବାକୁ ମିଳିବ। ପରମ୍ପରା ଏବଂ ଭୟର ଆବଦ୍ଧ ସମାଜରେ 'ଦଶମ' ହେଉଛି ପ୍ରତ୍ୟେକ ଛାତ୍ରଙ୍କ ମାନସିକ ଏବଂ ଭାବପ୍ରବଣତା ରହିତ ଯାତ୍ରାର କାହାଣୀ। ପୁଣି ଏହି ଫିଲ୍ମଟି ହେଉଛି ପ୍ରଥମ ଓଡ଼ିଆ ମ୍ୟୁଜିକାଲ ଫିଲ୍ମ, ଯେଉଁଥିରେ ବାବୁଶାନ୍ ମଧ୍ୟ ଏକ ପ୍ରମୁଖ ଗୀତରେ କଣ୍ଠଦାନ କରିଛନ୍ତି। ଫିଲ୍ମରେ ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନୀ ପ୍ରତିକ, ଅର୍ମାନ ମହାନ୍ତି, ଜଣ୍ଟି, ସିମରନ, ନୀଲାଖି, ସୁମନ ପଟ୍ଟନାୟକଙ୍କ ସମେତ ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଛନ୍ତି। ସ୍କୁଲବେଳର କିଛି ଖଟା ମିଠା କଥା, ଦଶମ ଶ୍ରେଣୀର କିଛି ଅନୁଭୂତିକୁ ନେଇ ନିର୍ମିତ ଏହି ଫିଲ୍ମ ହଲ୍‌ରେ ବହୁତ ଭଲ ପ୍ରଦର୍ଶନ କରିଥିଲା। ■

# ପ୍ରେକ୍ଷାଳୟରେ 'ଚାରିଧାମ' ଓ 'ଚ୍ୟାଲେଞ୍ଜ'

ଦଶହରା ଅବସରରେ 'ଚାରିଧାମ' ଏବଂ 'ଚ୍ୟାଲେଞ୍ଜ' ମୁକ୍ତିଲାଭ କରିଛି। 'ଚାରଧାମ'ର ପ୍ରମୁଖ ଚରିତ୍ରରେ ଅନୁଭବ ଥିବା ବେଳେ 'ଚ୍ୟାଲେଞ୍ଜ'ରେ ଅଛନ୍ତି ଅର୍ଦ୍ଧେନ୍ଦୁ। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ ହୋଇଥିବା ବଡ଼ ବଜେଟର ଓଡ଼ିଆ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ମଖମଲ୍ଲୀ ଗୀତକୁ ଲୋକେ ପସନ୍ଦ କରିଛନ୍ତି। ବାପୁ ଗୋସ୍ୱାମୀ ରଚନା କରିଥିବା ଗୀତକୁ ହ୍ୟୁମାନ ସାଗର ଓ ଅନନ୍ୟା ଶ୍ରୀତମ ନନ୍ଦ କଣ୍ଠଦାନ କରିଛନ୍ତି। ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଚ୍ୟାଲେଞ୍ଜର ସମସ୍ତ ଗୀତ ହୃଦୟସ୍ପର୍ଶୀ ହୋଇଛି। ଓଡ଼ିଆ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଏହି ଗୀତଗୁଡ଼ିକ ରେକର୍ଡ ହୋଇଛି। ପ୍ରଥମଥର ପାଇଁ ଓଲିଉଡ୍ ଜଗତରେ ମଲ୍‌ଟି ଷ୍ଟାର୍‌ଙ୍କୁ ଏହି ସିନେମାରେ ଦର୍ଶକେ ଦେଖିବାକୁ ପାଇଛନ୍ତି। ଏଥିରେ ବଲିଉଡ୍‌ର ପ୍ରଖ୍ୟାତ ଅଭିନେତା ପୁନିତ ଇଶାରଙ୍କୁ ଦେଖିବାକୁ ମିଳିଛି।

ସେହିପରି 'ଚାରିଧାମ' ସିନେମା ପାଇଁ ହଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ଏଥିରେ ଅନୁଭବଙ୍କ ସମେତ ଅନୁରାଧା ପାଣିଗ୍ରାହୀଙ୍କୁ ଦେଖିବାକୁ ମିଳିଛି। ଏଥିରେ ଅନୁରାଧାଙ୍କୁ ସାଉଥ୍ ଲୁକ୍‌ରେ ଦେଖିବାକୁ ମିଳିଛି। ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟା ଦାସ। ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ସୋମେଶ ଶତପଥି ଏବଂ ବୈଦ୍ୟନାଥ ଦାସ। ଏହାର ଆଇଟମ୍ ଗୀତ 'କେର କେରା'ରେ ନଜର ଆସିଛନ୍ତି ଶିବନୀ। ଗୀତଟି ଚହଳ ସୃଷ୍ଟି କରିଛି। ■



ଏୟାର୍‌ଫୋର୍ସ ଅଫିସର୍ ହୋଇଥାନ୍ତେ। ମାର୍ସଲଆର୍ଟ ଶିଖିଛନ୍ତି। ତାଇକଣ୍ଡୋରେ ସେ ବ୍ଲାକ୍ ବେଲ୍ଟ ଅଧିକାରିଣୀ। ସେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଜାତୀୟସ୍ତରରେ ସେ ସ୍ୱର୍ଣ୍ଣ ପଦକ ଏବଂ ଆନ୍ତର୍ଜାତୀୟସ୍ତରରେ ରୌପ୍ୟପଦକ ହାସଲ ମଧ୍ୟ କରିଛନ୍ତି। ହେଲେ ଗ୍ଲାମର ଦୁନିଆରେ ସଫଳତା ହାତେଇବା ନିଶା ତାଙ୍କୁ ଲକ୍ଷ୍ୟ ବିଚ୍ୟୁତ କରିଥିଲା। ଭିଡିଓ ବନାଉ ବନାଉ ସେ ମ୍ୟୁଜିକ୍ ଭିଡିଓରେ କାମ କଲେ। ପାଖାପାଖି ୪୦ଟି ମ୍ୟୁଜିକ୍ ଭିଡିଓ ସେ କରିଛନ୍ତି। ତାଙ୍କ ଅଭିନୀତ 'ସୁନ୍ଦରୀ ଜହ୍ନ' ଏବଂ 'ଟିକିଲି' ଗୀତ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେ ହେଉଛନ୍ତି ଭୁବନେଶ୍ୱରର ଜୟଶ୍ରୀ ଷଡ଼ଙ୍ଗୀ। 'ଘମାଘୋଟ' ତାଙ୍କର ଡେବ୍ୟୁ ପ୍ରଥମ ଓଡ଼ିଆ ସିନେମା। ଏଥିରେ ଅଭିନୟର ଜଲୱା ଦେଖାଇଛନ୍ତି ଜୟଶ୍ରୀ। ତେବେ ଅଭିନେତ୍ରୀ ପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କ ମୁହଁରୁ।



**ରଙ୍ଗୀନ ଦୁନିଆକୁ କେମିତି ଆସିଲେ?**

● ମୋର ଜନ୍ମ ନେପାଳ କାଠମାଣ୍ଡୁରେ। ବେଙ୍ଗାଲୁରୁରେ ପାଠ ପଢ଼ିଛି। ବାପାଙ୍କ ଜନ୍ମସ୍ଥାନ ଓଡ଼ିଶାରେ। ତେବେ ପିଲାଦିନରୁ ଏୟାର୍‌ଫୋର୍ସରେ ଯିବାକୁ ଭାବିଥିଲି। ତେବେ ମୋ' ମାମାଙ୍କର ଇଚ୍ଛାଥିଲା ମୁଁ ଅଭିନେତ୍ରୀ ହୁଏ। ସ୍କୁଲରେ ମୁଁ ଡ୍ରାମା ଶିଖୁଥିଲି। ଇଚ୍ଛାହେଲା ଛୋଟ ଛୋଟ ଭିଡିଓ କରିଲି। ଫଳରେ ତରଙ୍ଗ ଚ୍ୟାନେଲର 'ମୁଁଇ କୁଆଁରା ତୁଇ କୁଆଁରୀ' ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା। ବର୍ତ୍ତମାନ ସୁଦ୍ଧା ମୁଁ ୪୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଛି।

**'ଘମାଘୋଟ' ଫିଲ୍ମ ପାଇଁ କେମିତି ସୁଯୋଗ ମିଳିଥିଲା?**

● ପରିଶ୍ରମ କଲେ ସଫଳତା ଦିନେ ନା ଦିନେ ମିଳିଥାଏ। 'ଦଶମ' ଓଡ଼ିଆ ଫିଲ୍ମ ଦେଖିବା ପରେ ଏହି ଟିମ୍ ସହିତ କାମ କରିବାକୁ ଭାବି ଥିଲି। ମୋର ସେହି ଇଚ୍ଛାକୁ ପୂରଣ କରିଥିଲେ ରାଜା ଡି ଭାଇ, ଦୀପକ ସାର୍ ଓ କୌଶିକ ସାର୍। 'ଘମାଘୋଟ' ଚଳଚ୍ଚିତ୍ରରେ ମୋତେ ସୁଯୋଗ ମିଳିଲା। ଏହି ଚଳଚ୍ଚିତ୍ରରେ ମୁଁ ମାମୁନି ଚରିତ୍ରରେ ନଜର ଆସିଥିଲି। ଏଥିରେ ମୋ' ବିପକ୍ଷରେ ଥିଲେ ଶୈଳେନ୍ଦ୍ର। ଯେହେତୁ ମୁଁ ମାର୍ସଲଆର୍ଟ ଏବଂ ତାଇକଣ୍ଡୋ ଶିଖିଥିଲି ଏହି ଫିଲ୍ମରେ ଫାଇଟ୍ ସଟ୍ ଦେବାକୁ ସହଜ ହୋଇଥିଲା। 'ଘମାଘୋଟ'ର ଟିମ୍‌ର ଗୋଟିଏ ୟୁନିଟ୍ ଥିଲା। ସମସ୍ତେ ଚମତ୍କାର ଅଭିନୟ କରିଛନ୍ତି। କଠିନ ପରିଶ୍ରମ କରିଛନ୍ତି। ସେଥିପାଇଁ ଆଜି ବି ଫିଲ୍ମର କ୍ରେଜ୍ ରହିଛି। ଏହା ସଫଳତାକୁ ଛୁଇଁପାରିଛି।

**ଆଗକୁ କ'ଣ ଯୋଜନା ଅଛି?**

● ଏବେ 'ବରବଧୂ'ରେ କାମ କରୁଛି। ଏଥିରେ ମୋ ସହିତ ଶୈଳେନ୍ଦ୍ର, ସୂର୍ଯ୍ୟମୟୀ, ଶିବାନୀ, ହରିହର ସାର୍ ସୁଭାଶିଷ ଶର୍ମା ଅଛନ୍ତି। ବମ୍ବେ ଟିମ୍ ସହିତ ଏହି ଫିଲ୍ମଟି ସୁଟ୍ ହୋଇଛି। ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ୍ ହେବ। ଏହା ସହ ଆଉ ଏକ ପ୍ରୋଜେକ୍ଟ ପାଇଁ ଚୁକ୍ତି କରିଛି। ଚଳିତ ବର୍ଷ ଶେଷ ଆଡ଼କୁ ସେ ସିନେମାର ସୁଟିଂ ଆରମ୍ଭ କରିବି। ତେବେ ଫିଲ୍ମର ନା ଏବେ ଲୋକ ସମ୍ମୁଖକୁ ଆଣି ପାରିବି ନାହିଁ।

**ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ କ'ଣ କରନ୍ତି?**

● ଯେକୌଣସି କାମ ହୋଇଥାଉନା କାହିଁକି, ଅଭ୍ୟାସ ଆଉ କଠିନ ପରିଶ୍ରମ ଦ୍ୱାରା କାମ ଭଲ ହୁଏ। ସେଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ନିଜକୁ ପ୍ରସ୍ତୁତ କରୁଛି। ଦର୍ପଣ ସାମ୍ନାରେ ସ୍କ୍ରିପ୍ଟ ଦେଖି ସଂଳାପ କହିବା, ନିଜର ଭଏସ୍ ମଡ୍ୟୁଲେସନ୍ କେମିତି ହେବ, କମ୍ ଟେକ୍‌ରେ କିପରି ଭଲ ଅଭିନୟ କରିବି ଆଦିକୁ ଗୁରୁତ୍ୱ ଦିଏ।

**ନିଜକୁ କେମିତି ଫିଟ ରଖନ୍ତି?**

● ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର। ସେଥିପାଇଁ ମୁଁ ତାଇକଣ୍ଡୋ ଅଭ୍ୟାସ କରେ। ଯୋଗ କରେ, ୱାର୍କଆଉଟ୍ କରିବା ସହ ଖାଦ୍ୟପେୟରେ ବିଶେଷ ସତର୍କତା ଅବଲମ୍ବନ କରେ।

**ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଅଧିକରୁ ଅଧିକ ପରିଶ୍ରମ କରନ୍ତୁ। ପରିଶ୍ରମର ଫଳ ନିଶ୍ଚିତ ଭାବେ ମିଳିବ। ସର୍ଟକର୍ଟରେ ଧ୍ୟାନ ନ ଦେଇ କାମ କଲେ ଆଗକୁ ଯାଇପାରିବେ। ■

## "ନିୟମିତ ଅଭ୍ୟାସ ଦ୍ୱାରା ହୃଦୟସ୍ପର୍ଶୀ ହୁଏ ଅଭିନୟ"

ଜୟଶ୍ରୀ ଷଡ଼ଙ୍ଗୀ, ଅଭିନେତ୍ରୀ

ପରଦା ପଛର କାହାଣୀ

# ଫିଲ୍ମ ପାଇଁ ଅଭିନେତାଙ୍କ ସବୁ ସମ୍ପତ୍ତି ବିକ୍ରି

ବଲିଉଡ୍‌ରେ ପ୍ରତିବର୍ଷ ଅନେକ ଫିଲ୍ମ ରିଲିଜ୍ ହୋଇଥାଏ। ସେଥିମଧ୍ୟରୁ କିଛି ହିଟ୍ ହେଉଥିବାବେଳେ, ଆଉ କିଛି ଫିଲ୍ମ ଫ୍ଲପ୍ ହୋଇଥାଏ। ତେବେ ୫୫ ବର୍ଷ ପୂର୍ବେ ଏକ ଫିଲ୍ମ ମୁକ୍ତିଲାଭ କରିଥିଲା। ଯାହାକୁ ତିଆରି କରିବାକୁ ଅଭିନେତା ନିଜର ସମସ୍ତ ସମ୍ପତ୍ତିକୁ ବିକ୍ରି କରି ଦେଇଥିଲେ। ଏହା ସତ୍ତ୍ୱେ ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ଫିଲ୍ମ 'ସଙ୍ଗମ'ର ସଫଳତା ପରେ ରାଜ କପୁର 'ମେରା ନାମ ଜୋକର୍' ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିଲେ। ଏହି ଫିଲ୍ମ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ ହେବ ବୋଲି ସେ ଭାବିଥିଲେ। ଏଥିପାଇଁ ସେ କାହାଣୀ, ନିର୍ଦ୍ଦେଶନା, ଅଭିନୟ ଏପରିକି ଏଡିଟିଂ ମଧ୍ୟ ନିଜେ କରିଥିଲେ। ରାଜ କପୁର ଏହି ଫିଲ୍ମରେ କଠିନ ପରିଶ୍ରମ ଓ ପୁଞ୍ଜିନିବେଶ କରିଥିଲେ। ତଥାପି ଏହି ଫିଲ୍ମ ବକ୍ସ ଅଫିସ୍‌ରେ ମୁକ୍ତିଲାଭ କରିବା ପରେ ଫ୍ଲପ୍ ହୋଇଥିଲା। ଏହା ରାଜ କପୁରଙ୍କୁ ଗଭୀର ଝଟ୍‌କା ଦେଇଥିଲା। ଏଥିରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ। 'ମେରା ନାମ୍ ଜୋକର୍' ଫିଲ୍ମ ବାସ୍ତବରେ ଫ୍ଲପ୍ ହୋଇ ନ ଥିଲା। ଏହାକୁ ଫ୍ଲପ୍ କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ରାଜ କପୁରଙ୍କ ନାଁର ଖୁବ୍ ଦମ୍ ଥିଲା। ଏପରିକି ତାଙ୍କ ଆଖପାଖରେ କୌଣସି ଫିଲ୍ମ ରିଲିଜ୍ କରିବା ପାଇଁ ଫିଲ୍ମ ନିର୍ମାତାମାନେ ସାହସ କରୁ ନ ଥିଲେ। କିନ୍ତୁ ଏଥିରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଫିଲ୍ମ ଫ୍ଲପ୍ ହେବାରୁ ତାଙ୍କୁ ଦୁଇ, ତିନି କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ଆଜିର ସମୟରେ ଏହାର ମୂଲ୍ୟ ପାଖାପାଖି ୧୦୦ କୋଟି ହେବ। ■



## ଭାରତ-ପାକିସ୍ତାନ ଏସିଆ କପ୍ ଫାଇନାଲ ଆଜି

# ଅଭିଷେକ-ସାହିନଙ୍କ ଉପରେ ନଜର

ଦୁବାଇ,୨୭।୯ (ଏଜେନ୍ସି):

ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ବା ରବିବାର ଖେଳାଯିବ। ଦୁଇ ପଡୋଶୀ ଦେଶ ମଧ୍ୟରେ ଖେଳାଯାଉଥିବା ସମସ୍ତ କ୍ରିକେଟ ମ୍ୟାଚ୍ ହାଇଭୋଲଟେଜ୍ ଲଢ଼େଇ ହୋଇଥାଏ। ଏଣୁ ଆସନ୍ତାକାଲିର ଫାଇନାଲ ଯେ ଆଉ ଏକ ହାଇଭୋଲଟେଜ୍ ମୁକାବିଲା ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଯେନତେନ ପ୍ରକାରେ ସମସ୍ତ ୬ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ପାକିସ୍ତାନ ୨ଟି ମ୍ୟାଚ୍ ହାରି ଫାଇନାଲରେ ପ୍ରବେଶ କରିଛି। ଏହି ୨ଟି ଯାକ ମ୍ୟାଚ୍ ଭାରତ ନିକଟରୁ ଗ୍ରୁପ୍-ଏ' ଲିଗ୍‌ରେ ଓ ସୁପର-୪'ରେ ହାରିଛି ପାକିସ୍ତାନ। ଏଠାରେ ଖେଳ ଅପେକ୍ଷା ପଡ଼ିଆ ବାହାରର ଘଟଣାବଳୀକୁ ନେଇ ବେଶ ଚର୍ଚ୍ଚା ବେଶି ହୋଇଛି। ଉଭୟ ଦଳ ଅଧିନାୟକ ଟସ୍ ବେଳକୁ କିମ୍ବା ମ୍ୟାଚ୍ ପରେ ପରସ୍ପର ସହ ହାତ ନ ମିଳାଇବା ଘଟଣା ଘଟିଯାଇଛି। ଅଶୋଭନୀୟ ତଥା ଅଣଖେଳୱାଡ଼ ମନୋଭାବ ପୋଷଣ କରି ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଅଭିଯୋଗରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଦଣ୍ଡିତ ହୋଇଛନ୍ତି। ପାକିସ୍ତାନୀ ଓପନର ସାହିବଜାଦା ଫରହାନଙ୍କୁ ଚେତାବନୀ ଦିଆଯାଇଛି। ଏଭଳି ସମସ୍ୟା ମଧ୍ୟରେ ଆସନ୍ତାକାଲିର ଫାଇନାଲ କି ପ୍ରକାର ଘଟଣାକୁ ଲୁଚାଇ ରଖିଛି ତାହା ଖେଳ ଶେଷରେ ଜଣାପଡ଼ିବ।

ଫାଇନାଲ ମୁକାବିଲା ପୂର୍ବରୁ ଦୁଇ ପ୍ରତିଦ୍ୱନ୍ଦୀ ଭାରତ ଓ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ପରସ୍ପର ସହ ୨ଥର ଭେଟାଭେଟି ହୋଇଛନ୍ତି। ଉଭୟ ମୁକାବିଲାରେ ଜିତିଛି ଭାରତ। ଉଭୟ ଦଳ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ।






କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ପକ୍ଷରୁ ଦୁଇ ଖେଳାଳି ଯଥା ଭାରତର ୨୫ ବର୍ଷୀୟ ଓପନର ଅଭିଷେକ ଶର୍ମା ଓ ପାକିସ୍ତାନର ୨୫ ବର୍ଷୀୟ ଫାଷ୍ଟବୋଲର ସାହିନ ଆଫ୍ରିଦୀଙ୍କ ଉପରେ ଏହି ମ୍ୟାଚ୍ ଅନେକାଂଶରେ ନିର୍ଭର କରୁଛି। ଅଭିଷେକ ଶର୍ମା ୬ଟି ମ୍ୟାଚ୍ ଖେଳି ୫୧.୫୦ ହାରରେ ୩୦୯ ରନ୍ ସଂଗ୍ରହ କରିଛନ୍ତି। ସୁପର-୪'ର ୩ଟି ମ୍ୟାଚ୍‌ରେ ସେ ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କ ଷ୍ଟ୍ରାଇକ୍‌ରେଟ୍। ସେ ୨୦୪.୬୩ ଷ୍ଟ୍ରାଇକ୍ ରେଟ୍‌ରେ ଏହି ରନ୍ ସଂଗ୍ରହ କରିଛନ୍ତି। ପାକିସ୍ତାନ ବିପକ୍ଷ ୨ଟି ମୁକାବିଲା ମଧ୍ୟରୁ ଲିଗ୍ ପର୍ଯ୍ୟାୟରେ ୧୩ ବଲ୍‌ରୁ ୩୧ ଓ ସୁପର-୪ରେ ୩୯ ବଲ୍‌ରୁ ୭୪ ରନ୍ କରି ଏକାକୀ ଭାରତକୁ ଜିତାଇବାରେ ସମର୍ଥ ହୋଇଛନ୍ତି। ତାଙ୍କ ବିସ୍ଫୋରକ ବ୍ୟାଟିଂ ଉପରେ ଭାରତ ପୂରା ନିର୍ଭର କରୁଛି। ଅନ୍ୟ ପକ୍ଷରେ ଆଫ୍ରିଦୀ ୨ ବର୍ଷ ତଳେ ଯେମିତି ଘାତକ ବୋଲର ଥିଲେ ତାହା ଏବେ ନାହାନ୍ତି। କିନ୍ତୁ ଭାରତଠାରୁ ହାରିବା ପରେ ଶ୍ରୀଲଙ୍କା ଓ ବାଂଲାଦେଶ ବିପକ୍ଷରେ ତାଙ୍କ ବୋଲିଂ ଯୋଗୁଁ ପାକିସ୍ତାନ ବିଜୟୀ ହୋଇଛି। ଉଭୟ ମୁକାବିଲାର ପ୍ରଥମ ଓଭରରେ ଗୋଟିଏ ଓ ପାୱାର ପ୍ଲେ ମଧ୍ୟରେ ୨ଟି ୱିକେଟ ନେଇ ପାକିସ୍ତାନକୁ ବିଜୟୀ କରାଇଛନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ସେ ୩ଟି ଲେଖାଏଁ ୱିକେଟ ନେଇଛନ୍ତି। ଏହି ପ୍ରଦର୍ଶନରୁ ସେ ପୂର୍ବର ସାହିନ ବୋଲି ଜଣାପଡ଼ିଛି। ଭାରତ ବିପକ୍ଷରେ ପାକିସ୍ତାନକୁ ବିଜୟୀ ହେବାକୁ ହେଲେ ସାହିନ ଆଫ୍ରିଦୀଙ୍କ ବୋଲିଂ ସଫଳତା ପାଇବା ଆବଶ୍ୟକ।


### ଫିଲ୍ଡିଂ ଓ ବ୍ୟାଟିଂ ଉଭୟ ଦଳର ବଡ଼ ସମସ୍ୟା

ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଭାରତର ବ୍ୟାଟିଂ କ୍ଲିକ୍ କରିନାହିଁ। ଅଧିନାୟକ ସୂର୍ଯ୍ୟକୁମାର ଫର୍ମରେ ନ ଥିଲାବେଳେ ଉପଅଧିନାୟକ ଶୁବମନ ଗିଲଙ୍କ ବ୍ୟାଟରୁ ମଡ଼ ସ୍କୋର ବାହାରୁ ନାହିଁ। ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା କିମ୍ବା ଅକ୍ଷର ପଟେଲ ଆବଶ୍ୟକତା ପୂରଣ କରିପାରୁ ନାହାନ୍ତି। ଗିଲ୍‌ଙ୍କ ଅନୁପସ୍ଥିତିରେ ବ୍ୟାଟିଂ ଓପନର କରି ସଫଳତା ପାଇଥିବା ସଞ୍ଜୁ ସାମସନଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟର ଭରସା ନାହିଁ। ପାକିସ୍ତାନର ଅବସ୍ଥା ମଧ୍ୟ ତଦ୍ରୁପ। କିନ୍ତୁ କେହି ହେଲେ ମ୍ୟାଚ୍ ବିଜୟୀ କରାଇପାରୁଛନ୍ତି। ଭାରତ ବିପକ୍ଷରେ ସେମାନେ ଭଲ କରିବେ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ସବୁଠାରୁ ବଡ଼ ସମସ୍ୟା ହେଉଛି ଫିଲ୍ଡିଂ। ଫିଲ୍ଡିଂ ଖରାପ ହେବା ବା କ୍ୟାଚ୍ ଡ୍ରପ୍ ହେବା ଫଳରେ ପ୍ରତିଦ୍ୱନ୍ଦୀ ଦଳକୁ ଫାଇଦା ମିଳୁଛି। ଭାରତ ଏଯାଏ ଖେଳିଥିବା ୬ଟି ମ୍ୟାଚ୍‌ରେ ୧୨ଟି କ୍ୟାଚ୍ ହାତଛଡ଼ା କରିଛି। ଏହା ମଧ୍ୟରୁ ଗତ ଦୁଇଟି ସୁପର-୪ ମ୍ୟାଚ୍‌ରେ ୮ଟି ଓ କେବଳ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂରେ ୪ଟି କ୍ୟାଚ୍ ଡ୍ରପ୍ ହୋଇଛି। ପାକିସ୍ତାନ ବିପକ୍ଷରେ ଫିଲ୍ଡରମାନେ ଯଦି ଏପରି ଦୋହରାଇବେ ତେବେ ଦଳକୁ ଫାଇନାଲ ଜିତିବା କଷ୍ଟକର ହୋଇପଡ଼ିବ।



| DP WORLD ASIA CUP | ଭାରତ-ପାକିସ୍ତାନ |
|---|---|
| ଫାଇନାଲ୍ ମୁକାବିଲା | ଭେନ୍ୟୁ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

## ଚାମ୍ପିଅନ ଟ୍ରଫି ପ୍ରଦାନ କରିବେ ପାକିସ୍ତାନର ମୋହସିନ



ଦୁବାଇ,୨୭।୯ (ଏଜେନ୍ସି): ଏସିଆ କପ୍ ଫାଇନାଲ ଖେଳ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ତଥା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭୀ ଟ୍ରଫି ପ୍ରଦାନ କରିବେ। ନକ୍‌ଭୀ ଏବେ ଏସୀୟ କ୍ରିକେଟ କାଉନ୍ସିଲ (ଏସିସି)ର ସଭାପତି ମଧ୍ୟ ଅଛନ୍ତି। ଏଣୁ ଏସିସି ସଭାପତି ଭାବେ ତାଙ୍କ ଟ୍ରଫି ପ୍ରଦାନ କରିବାର ଅଧିକାର ରହିଛି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ସେ ଭାରତ ବିରୋଧୀ ମନ୍ତବ୍ୟ ଦେବା, ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ବିଦା କରିବାକୁ ଦାବି କରିବା ଓ ପାଇକ୍ରଫ୍ଟ ବିଦା ନ ହେଲେ ପାକିସ୍ତାନ ଏସିଆ କପ୍‌ରୁ ଓହରିଯିବାକୁ ଧମକ ଦେଇଥିଲେ। ଭାରତ ବିରୋଧରେ ଏତେ ମନ୍ତବ୍ୟ ଦେବା ପରେ ଭାରତୀୟ କ୍ରିକେଟ ବୋର୍ଡ ତାହାର ଖେଳାଳିମାନଙ୍କୁ ନକ୍‌ଭୀଙ୍କ ସହ ହାତ ମିଳାଇବାକୁ ଦେବ ବୋଲି ଆଶା କରାଯାଉନାହିଁ। ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଚାଲିଛି। ଏଣୁ ମ୍ୟାଚ୍ ପରେ ନକ୍‌ଭୀଙ୍କ ଉପସ୍ଥିତି କି ପ୍ରକାର ପରିସ୍ଥିତି ସୃଷ୍ଟି କରିବ ତାହାକୁ ନେଇ ସମସ୍ତ ଭାରତୀୟ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଭାରତ ୨ଟି ମ୍ୟାଚ୍ ଖେଳିସାରିଛି। କିନ୍ତୁ ଟସ୍ ପରେ କିମ୍ବା ମ୍ୟାଚ୍ ଶେଷରେ ଭାରତୀୟ ଖେଳାଳିମାନେ ସେମାନଙ୍କ ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ହାତମିଳାଇ ନାହାନ୍ତି। ଫାଇନାଲରେ ମଧ୍ୟ ଏଭଳି ଅବସ୍ଥା ତିଷ୍ଠି ରହିବ ବୋଲି ଆଶା କରାଯାଉଛି। ଖେଳାଳିଙ୍କ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ଉପୁଜିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି। 'ସ୍ଥିତିକୁ ସମ୍ଭାଳିବା ଲାଗି କାରଣ ଦର୍ଶାଇବାକୁ ଆଉ କେତେ ସମୟ ନେବ' ବୋଲି ସୋସିଆଲ ମିଡିଆରେ ନକ୍‌ଭୀଙ୍କ ପୋଷ୍ଟକୁ ନେଇ ବିରୋଧର ସ୍ୱର ଉଠିଲାଣି। କିନ୍ତୁ ସେ ପରୋକ୍ଷରେ ଭାରତକୁ ଟାର୍ଗେଟ କରିଥିବାରୁ ବିସିସିଆଇ କିମ୍ବା ଅନ୍ୟ କେହି ଏଯାଏ ମୁହଁ ଖୋଲି ନାହାନ୍ତି। ପାକିସ୍ତାନ କୋଚ୍ ମଧ୍ୟ ଭାରତର ବ୍ୟବହାରକୁ ସମାଲୋଚନା କରିଛନ୍ତି।

## ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ

# ଭାରତର କ୍ରମାଗତ ପରାଜୟ

କାନବେରା, ୨୭।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ୨୧ ବର୍ଷରୁ କମ୍ ମହିଳା ହକି ଦଳ କ୍ରମାଗତ ୨ୟ ପରାଜୟବରଣ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚରେ ଭାରତୀୟ ଯୁବ ମହିଳା ଦଳ ୨-୩ ଗୋଲ୍‌ରେ ଘରୋଇ ଅଷ୍ଟ୍ରେଲିଆ ୨୧ ବର୍ଷରୁ କମ୍ ଦଳ ନିକଟରୁ ହାରିଯାଇଥିଲା। ଶନିବାର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ କିନ୍ତୁ ଭାରତୀୟ ଯୁବ ମହିଳା ଦଳ ଲଢ଼େଇ କରି ନ ପାରି ୫-୦ ଗୋଲରେ ଏକପାଖିଆ ଭାବେ ପରାସ୍ତ ହୋଇଥିଲା। ବିଜୟୀ ଅଷ୍ଟ୍ରେଲିଆ ଯୁବା ମହିଳା ଦଳ ପାଇଁ ମକୟଲା ଜୋନ୍ସ ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିଲେ। ଏହି ଗସ୍ତରେ ଦୁଇ ଦଳ ମଧ୍ୟରେ ତୃତୀୟ ମୁକାବିଲା ସୋମବାର ଖେଳାଯିବ।

## ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ

# ଯୁଗଳ ଭାରତୀୟ ଦଳର ମ୍ୟାନେଜର୍

ଭୁବନେଶ୍ୱର, ୨୭।୯ (ସମିସ): ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ଚଳିତ ମାସ ଶେଷ ଆଡ଼କୁ ଭାରତ ଗସ୍ତରେ ଆସିବ। ଅକ୍ଟୋବର ୨ରୁ ଅହମ୍ମଦାବାଦରେ ଘରୋଇ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ଟେଷ୍ଟ ଅକ୍ଟୋବର ୧୦ରୁ ଦିଲ୍ଲୀରେ ଖେଳାଯିବ। ଏହି ସିରିଜ ଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଓଡ଼ିଶାର ଯୁଗଳ କିଶୋର ସାମଲଙ୍କୁ ଟିମ୍ ଇଣ୍ଡିଆର ମ୍ୟାନେଜର ନିଯୁକ୍ତ କରାଯାଇଛି।



ଯୁଗଳ ଏଥିପୂର୍ବରୁ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚରେ ପର୍ଯ୍ୟବେକ୍ଷକ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ସେହିଭଳି ଓଡ଼ିଶା ରଣଜୀ ଟ୍ରଫି ଦଳର ଏକାଧିକଥର ମ୍ୟାନେଜର ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଏହି ଅବସରରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୁଗଳଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

# ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଶୈଳେଶ

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣ ବିଧିବଦ୍ଧ ଭାବେ ଶନିବାରଠାରୁ ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ଶୈଳେଶ କୁମାର ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ହାଇଜମ୍ପର ଟି- ୪୨/୬୩ ବର୍ଗରେ ଶୈଳେଶ ଏହି ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ବରୁଣ ସିଂହ ଭାଟି ମଧ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି।

ପୁରୁଷ ହାଇଜମ୍ପରେ ଡିଫେଣ୍ଡିଂ ପାରା ଅଲିମ୍ପିକ ଚାମ୍ପିଅନ ଆମେରିକାର ଏଜରା ଫ୍ରେଚ୍‌ଙ୍କୁ ପଛରେ ପକାଇ ଶୈଳେଶ ବାଜିମାତ୍ କରିନେଇଥିଲେ। ଶୈଳେଶ ୧.୯୧ ମିଟର ଉଚ୍ଚକୁ ଡେଇଁ ଟି-୪୨ ବର୍ଗରେ ନୂଆ ଚାମ୍ପିଅନସିପ୍ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ସେହିଭଳି ଫ୍ରେଚ୍ ୨ୟ ଓ ଭାରତର ବରୁଣ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।



### ଦୀପ୍ତିଙ୍କୁ ରୌପ୍ୟ



ଭାରତର ଦୀପ୍ତି ଜୀବନୀ ମହିଳା ୪୦୦ ମିଟର ଟି୨୦ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଦୀପ୍ତି ୫୫.୧୬ ସେକେଣ୍ଡରେ ରେସ୍ ଫିନିଶ କରି ୨ୟ ସ୍ଥାନରେ ରହିଥିଲେ। ତୁର୍କୀର ଆଇସେଲ ଓଣ୍ଡର (୫୪.୫୧ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ।

### ଜିଆୟାନ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଚଳିତ ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ପ୍ରଥମ ସ୍ୱର୍ଣ୍ଣ ପଦକ ଚାଇନାର ଜିଆୟାନ ୱେନଙ୍କ ନାମରେ ଲିପିବଦ୍ଧ ହୋଇଛି। ମହିଳା ଲଙ୍ଗ ଜମ୍ପର ଟି୩୭ ବର୍ଗରେ ଜିଆୟାନ ୫.୩୨ ମିଟର ଲମ୍ଫ ପ୍ରଦାନ କରି ପ୍ରଥମ ସ୍ଥାନରେ ରହିବା ସହ ପ୍ରତିଯୋଗିତା ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## କିଟ୍‌ରେ ସିବିଏସ୍‌ଇ ଜାତୀୟ ସନ୍ତରଣ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୯ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ ଚାଲିଥିବା ୪ ଦିବସୀୟ ସିବିଏସ୍‌ଇ ଜାତୀୟ ବାଳିକା ସନ୍ତରଣ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୩୭ ସିବିଏସ୍‌ଇ ସ୍କୁଲର ୬୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ସେହିଭଳି ପରିଚାଳନାରେ ୨୫୦ ଅଫିସିଆଲ୍ ଓ ୫୦ ଜଣ ବୈଷୟିକ ଅଧିକାରୀ ସହଯୋଗ କରିଥିଲେ। ୧୧ ବର୍ଷରୁ କମ୍ ବିଭାଗରେ ଗୁରୁଗ୍ରାମର ଆରୋହି ରୟ, ୧୪ ବର୍ଷରୁ କମ୍‌ରେ ବେଙ୍ଗାଲୁରୁର ଭେଙ୍ଗିଲ୍ଲା ସୁମେଧା, ୧୭ ବର୍ଷରୁ କମ୍‌ରେ ଆଦିତି ବିନାୟକ ଓ ୧୯ ବର୍ଷରୁ କମ୍ ବିଭାଗରେ ଦଖଜା ଦେ ଉପ୍ରେତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟ୍ ସ୍କୁଲର ଅଧ୍ୟକ୍ଷ ସଞ୍ଜୟ ସୁଆର, ଯୁଗ୍ମ ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳି ଓ ଦଳକୁ ପୁରସ୍କୃତ କରିଥିଲେ।

## ବିଶ୍ୱ ପାରା ତୀରନ୍ଦାଜୀ

# ଶୀତଲ, ତୋମନଙ୍କୁ ସ୍ୱର୍ଣ୍ଣ





ଗ୍ୱାଙ୍ଗଝୁ, ୨୭।୯ (ଏଜେନ୍ସି): ଦକ୍ଷିଣ କୋରିଆରେ ଚାଲିଥିବା ବିଶ୍ୱ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତର ଶୀତଲ ଦେବୀ ଓ ତୋମନ କୁମାର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। କମ୍ପାଉଣ୍ଡ ଇଭେଣ୍ଟରେ ଉଭୟ ଏହି ସଫଳତା ପାଇଛନ୍ତି। ମହିଳା କମ୍ପାଉଣ୍ଡ ଫାଇନାଲରେ ଶୀତଲ ୧୪୬-୧୪୩ ସ୍କୋରରେ ତୁର୍କୀର ଓଜନୁର୍ କ୍ୟୁରେଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଚଳିତ ଚାମ୍ପିଅନସିପ୍‌ରେ ୧୮ ବର୍ଷୀୟା ଶୀତଲଙ୍କ ଏହା ୩ୟ ପଦକ। ଏଥିପୂର୍ବରୁ ସେ ମିକ୍ସଡ ଟିମ୍‌ରେ କାଂସ୍ୟ ଓ ମହିଳା କମ୍ପାଉଣ୍ଡ ଓପନ୍ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ।

ଅପରପକ୍ଷରେ ପୁରୁଷ କମ୍ପାଉଣ୍ଡ ଫାଇନାଲ ଦୁଇ ଭାରତୀୟ ଖେଳାଳି ତୋମନ ଓ ରାକେଶ କୁମାରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ନାଟକୀୟ ଭାବେ ପ୍ରଥମ ସେଟ୍ ଚାଲିଥିବାବେଳେ ରାକେଶ ଉପକରଣ ଖରାପ ହୋଇଯିବାକୁ ତାଙ୍କୁ ଓହରିଯିବାକୁ ପଡ଼ିଥିଲା। ଫଳରେ ତୋମନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଜମ୍ମୁ କାଶ୍ମୀରରେ ଜନ୍ମିତ ଶୀତଲଙ୍କ ହାତ ନ ଥିବାବେଳେ ସେ ଦୁଇ ଗୋଡ଼ ସହାୟତାରେ ତୀରଚାଳନା କରୁଛନ୍ତି। ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ସେ କାଂସ୍ୟ ପଦକ ଜିତି ବେଶ୍ ଚର୍ଚ୍ଚାରେ ରହିଥିଲେ।

# 'କଟକ ପାନ୍ଥର୍ସ' ଓପିଟିଏଲ୍ ଚାମ୍ପିଅନ

କଟକ,୨୭।୯ (ସମିସ):




କଟକ ପାନ୍ଥର୍ସ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସଂସ୍କରଣର ଚାମ୍ପିଅନ ହୋଇଛି। ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପାନ୍ଥର୍ସ ୫ ରନରେ ସମ୍ବଲପୁର ୱାରିୟର୍ସକୁ ହରାଇଛି। ଚାମ୍ପିଅନ ପାନ୍ଥର୍ସକୁ ଟ୍ରଫି ସମେତ ୫୦ଲକ୍ଷ ଏବଂ ରନର୍ସଅପ ୱାରିୟର୍ସକୁ ଟ୍ରଫି ସମେତ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ଦିନ ତମାମ ଲଗାଣ ବର୍ଷା ଫାଇନାଲ ମୁକାବିଲାକୁ ସମ୍ପୂର୍ଣ୍ଣ ବ୍ୟାଘାତ କରିବ ବୋଲି ଆଶଙ୍କା ରହିଥିଲା। ମାତ୍ର ସନ୍ଧ୍ୟା ପରେ ବର୍ଷାର କୋପ ଥମିବା ମାତ୍ରେ ୧୦ଓଭର ବିଶିଷ୍ଟ ମ୍ୟାଚ୍ କରାଯିବାକୁ ମ୍ୟାଚ୍ ରେଫରି ସ୍ଥିର କରିଥିଲେ। ୱାରିୟର୍ସ ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ପାନ୍ଥର୍ସକୁ ବ୍ୟାଟିଂ ଡାକରା ଦେଇଥିଲେ। ବିପ୍ଳବ ସାମନ୍ତରାୟଙ୍କ ୮ବଲରୁ ୨୩ରନ, ଶୁଭମ ଶତ୍ରୁଜିତଙ୍କ ୧୫ବଲରୁ ୨୫ରନ ବଳରେ ୮.୪ ଓଭର ସୁଦ୍ଧା ପାନ୍ଥର୍ସ ୫ ୱିକେଟ ହରାଇ ୯୨ରନ ସଂଗ୍ରହ କରିଥିଲା। ପୁନର୍ବାର ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ୱାରିୟର୍ସ ତରଫରୁ ସୁମିତ ଶର୍ମା ୨ଓଭର ବୋଲିଂ କରି ୬ରନ ବିନିମୟରେ ୩ଟି ୱିକେଟ ଦଖଲ କରିଥିଲେ। ବାମହାତୀ ଅର୍ଥୋଡକ୍ସ ସୁମିତ ଗୋଟିଏ ଓଭରରେ ଇନଫର୍ମ ବ୍ୟାଟର ସୌରଭ ଗୌଡ ଏବଂ ହର୍ଷିତ ରାଠୋଡଙ୍କ ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ବିଳମ୍ବ ଯୋଗୁଁ ଡିଏଲଏସ୍ ପଦ୍ଧତିର ବିନିଯୋଗ କରାଯାଇ ୱାରିୟର୍ସ ସମ୍ମୁଖରେ ୫ ଓଭରରେ ୬୨ ରନର ଟାର୍ଗେଟ ମିଳିଥିଲା। ହେଲେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଦଳକୁ ଟାଇଟଲ୍ ଠାରୁ ଦୂରେଇ ରଖିଥିଲା। ଅନ୍ତିମ ଓଭରରେ ବିଜୟ ନିମନ୍ତେ ୨୯ରନ ଆବଶ୍ୟକ ଥିବା ବେଳେ ଇମ୍ପାକ୍ଟ ଖେଳାଳି ଆଦିତ୍ୟ ରାଉତ ୩ଟି ଛକା, ଗୋଟିଏ ଚୌକା ଏବଂ ଗୋଟିଏ ୱାଇଡ୍ ସହ ୨୩ ରନ୍ କରିଥିଲେ। ଦଳ ୫ରନରେ ପଛୁଆ ରହି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଓଡ଼ିଶା ଜୁନିୟର ଦଳର ସ୍ପିନର ରାଜା ଯାଦବ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୱାରିୟର୍ସର ପ୍ରବୀଣ ଲୁହା, ପ୍ରୟାସ ସିଂହ ଓ ଆୟୁଷ ବାରିକଙ୍କୁ ଗୋଟିଏ ଓଭରରେ ପ୍ୟାଭିଲିୟନ ଫେରାଇ ଦଳ ପାଇଁ ସହଜ ବିଜୟର ବାଟ ଫିଟାଇ ଦେଇଥିଲେ। ଆଦିତ୍ୟ ୧୩ବଲରୁ ୩୬ରନ କରିଥିବା ବେଳେ ଶୁଭ୍ରାଂଶୁ ଶୂନରେ ଆଉଟ ହୋଇଥିଲେ ଏବଂ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରିନଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS